**ଦକ୍ଷିଣ ଆଫ୍ରିକାର ସହଜ ବିଜୟ: ଲଜ୍ଜାଜନକ ପରାଜୟ ସହିତ ଋମ୍ପିଅନ୍ସ ଟ୍ରଫିରୁ ଇଂଲଣ୍ଡ ବାହାର**




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

ମୂଲ୍ୟ : ୭.୦୦ ଟଙ୍କା
୮ ପୃଷ୍ଠା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୩୫ ● ୨ ମାର୍ଚ୍ଚ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-35 ● 2nd March 2025, Sunday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ମୟୂରଭଞ୍ଜ ଜିଲ୍ଲାକୁ ୩୭୫ କୋଟିର ଭେଟି

# ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ବାରିପଦା, ୧।୩
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ୩୭୫ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଉଦଳାର ପାଟପୁର ଅଞ୍ଚଳରେ ଆୟୋଜିତ 'ବିକାଶ ପଥେ ମୟୂରଭଞ୍ଜ' କାର୍ଯ୍ୟକ୍ରମରେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କପ୍ତିପଦା ଉପଖଣ୍ଡ ପାଇଁ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ପକ୍ଷରୁ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ୫୨ ଗୋଟି ପ୍ରକଳ୍ପର ଶୁଭ ଉଦଘାଟନ ଏବଂ ପ୍ରାୟ ୨୭୫ କୋଟି ଟଙ୍କା ବିନିଯୋଗରେ ୧୦୬ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ଏହା ଜିଲ୍ଲା ପାଇଁ ଏକ ଗର୍ବ ଏବଂ ଗୌରବର ବିଷୟ ଏବଂ ରାଜ୍ୟର ବିକାଶରେ ଏହା ଗୋଟିଏ ନୂତନ ଫର୍ଦ୍ଦ ଯୋଡିବ ବୋଲି



କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ସମସ୍ତ ପ୍ରକଳ୍ପ କପ୍ତିପଦା ଉପଖଣ୍ଡ ପାଇଁ ଏକ ନୂତନ ବିକାଶର ଧାରା ସୃଷ୍ଟି କରିବା ସହିତ ବିକଶିତ ଓଡିଶା ଗଠନ କରିବା ପାଇଁ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବ।

ସୂଚନା ଥାଉକି, ଏହି ପ୍ରକଳ୍ପ ମାନଙ୍କ ମଧ୍ୟରେ ଅଙ୍ଗନବାଡି କେନ୍ଦ୍ର, ଜଳାଶୟର ଉନ୍ନତିକରଣ, ଜନ ସେବା କେନ୍ଦ୍ର, ଜନ ସ୍ୱାସ୍ଥ୍ୟ କେନ୍ଦ୍ର, ସମବାୟ ସଂସ୍ଥା ଆଦି ଅନେକ ପ୍ରକଳ୍ପ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗୀକୃତ ହେବ ଏବଂ (ପୃଷ୍ଠା ୭ରେ)


# ଭାରତକୁ ଟ୍ରମ୍ପ ଦେଲେ ଜୋରଦାର ଝଟ୍‌କା

ୱାଶିଂଟନ, ୧।୩

ଆମେରିକା ସରକାର ପାଣ୍ଠି ବନ୍ଦ କରିବାର ପ୍ରଭାବ ଭାରତ ଉପରେ ପଡ଼ିବା ଆରମ୍ଭ କରିଛି। ଗତ ମାସରେ ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟ ପାଇଁ ଭାରତର ପ୍ରଥମ ତିନୋଟି କ୍ଲିନିକ ବନ୍ଦ ହୋଇଯାଇଛି । ଏହି କ୍ଲିନିକ ଆମେରିକାର ଅନ୍ତର୍ଜାତୀୟ ବିକାଶ ସଂସ୍ଥା ଏବଂ ଏଡସ ରିଲିଫ ପାଇଁ ଶିଶୁ ଜରୁରୀକାଳୀନ ଯୋଜନା ସହାୟତାରେ ପରିଚାଳିତ ହେଉଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଦେଶୀ ସହାୟତା ଉପରେ ପ୍ରତିବନ୍ଧକ ଲଗାଇବା ପରେ ଏହି କ୍ଲିନିକ ବନ୍ଦ ହୋଇଛି।

ରିପୋର୍ଟ ଅନୁଯାୟୀ ଏହି କ୍ଲିନିକ ବନ୍ଦ ହେବା ଦ୍ୱାରା ପ୍ରାୟ ୫,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି । ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପାଣ୍ଠିରେ ୨୧ ନିୟୁତ ଡଲାର ବାତିଲ କରିଦେଇଛନ୍ତି, ଯାହା ଭାରତରେ ଭୋଟରଙ୍କ ମତଦାନ ବୃଦ୍ଧି କରିବା ପାଇଁ ବ୍ୟବହୃତ ହୋଇଥିଲା ବୋଲି ଏହା ଦାବି କରିଥିଲା।

ଏପରି ଅନ୍ୟାନ୍ୟ କ୍ଲିନିକ ମହାରାଷ୍ଟ୍ରର କଲ୍ୟାଣ ଏବଂ ପୁଣେରେ ଅବସ୍ଥିତ। କ୍ଲିନିକ ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟକୁ ମାଗଣା ସାଧାରଣ ସ୍ୱାସ୍ଥ୍ୟ ପରାମର୍ଶ, ପରୀକ୍ଷା ଏବଂ ଚିକିତ୍ସା, ମାନସିକ ସ୍ୱାସ୍ଥ୍ୟ ସହାୟତା, ଲିଙ୍ଗ ନିଶ୍ଚିତକରଣ ସେବା, ଆଇନଗତ



ଏବଂ ସାମାଜିକ ଯୋଜନା ପ୍ରଦାନ କରୁଥିଲା। ପ୍ରାୟ ଆଠ ଜଣ ନିଯୁକ୍ତି ପାଇଥିବା ଏକ କ୍ଲିନିକ ଚଳାଇବା ପାଇଁ ବାର୍ଷିକ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ଆବଶ୍ୟକ ଥିଲା। ଏବେ କ୍ଲିନିକ ନୂତନ ପାଣ୍ଠି ବିକଳ୍ପ ଖୋଜୁଛି।

ଏହି କ୍ଲିନିକକୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ପ୍ରାୟ ୧୦ ପ୍ରତିଶତ ସଂକ୍ରମିତ। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଫେବୃଆରୀ ୨୪, ୨୦୨୫ରେ ଆମେରିକା ଅନ୍ତର୍ଜାତୀୟ ବିକାଶ ସଂସ୍ଥାର ୧,୬୦୦ରୁ ଅଧିକ କର୍ମଚାରୀଙ୍କୁ ବହିଷ୍କାର କରିବାର ଘୋଷଣା କରିଥିଲା। ଏହା ସହିତ, ଅତିରିକ୍ତ କର୍ମଚାରୀଙ୍କୁ ଛୁଟିରେ ପଠାଯାଇଥିଲା।

## ସୁରେଶ ପନ୍ତ ନୂଆ ପିସିସିଏଫ୍

ଭୁବନେଶ୍ୱର, ୧।୩
ନ୍ୟୁଜ୍ ବ୍ୟୁରୋ

୧୯୯୦ ବ୍ୟାଚ୍‌ର ଆଇଏଫଏସ୍ ଅଧିକାରୀ ସୁରେଶ ପନ୍ତଙ୍କୁ ନୂଆ ପିସିସିଏଫ୍ ଭାବେ ନିଯୁକ୍ତି ମିଳିଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବତନ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ଅବସର ନେବା ପରେ ତାଙ୍କ ସ୍ଥାନରେ ସୁରେଶ ପନ୍ତଙ୍କୁ ନିଯୁକ୍ତି ଦିଆଯାଇଛି।

## ଛତିଶଗଡର ସୁକମାରେ ଗୁଳିବିନିମୟ : ୨ ନକ୍ସଲ ନିହତ

ସୁକମା, ୧।୩

ଛତିଶଗଡର ସୁକମା ଜିଲ୍ଲାରେ ଶନିବାର ସକାଳେ ସୁରକ୍ଷାବଳ-ନକ୍ସଲ ମୁହାଁମୁହିଁ ହୋଇଛନ୍ତି । ଏବେ ଉଭୟ ପକ୍ଷ ମଧ୍ୟରେ ଫାୟାରିଂ ଜାରି ରହିଛି । ଏହି ଗୁଳି ବିନିମୟରେ ଏବେ ଦୁଇ ନକ୍ସଲ ନିହତ ହୋଇଥିବାର ଖବର ମିଳିଛି ।

ନକ୍ସଲ ପ୍ରଭାବିତ ସୁକମା ଜିଲ୍ଲାର କିଷ୍ଟାରାମ ଥାନା ଅଂଚଳରେ ବହୁ ସଂଖ୍ୟାରେ ନକ୍ସଲ ଉପସ୍ଥିତି ଥିବାର ସୂଚନା ମିଳିବା ପରେ ଡିଆରଜି ଓ କୋବ୍ରା ବାଟାଲିୟନ ମିଳିତ ଟିମ୍ ଘଟଣାସ୍ଥଳକୁ ବାହାରିଥିଲେ । (ପୃଷ୍ଠା ୭ରେ)


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ସରକାରଙ୍କ ବଡ଼ ହୋଲି ଭେଟି : ପାଚିକାଙ୍କୁ ମିଳିବ ଲକ୍ଷେ ଟଙ୍କା

ଭୁବନେଶ୍ୱର, ୧।୩
ନ୍ୟୁଜ୍ ବ୍ୟୁରୋ

ହୋଲି ପୂର୍ବରୁ ରାଜ୍ୟ ସରକାରଙ୍କ ବଡ଼ ଘୋଷଣା । ରାଜ୍ୟର ପାଚିକା ତଥା ସହାୟିକାଙ୍କ ମାସିକ ପାରିତୋଷିକକୁ ନେଇ ଏକ ବଡ଼ ଘୋଷଣା କରାଯାଇଛି । ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧୀନସ୍ଥ କାର୍ଯ୍ୟରତ ପାଚିକା ତଥା ସହାୟିକାଙ୍କ ମାସିକ ପାରିତୋଷିକ ୨ ହଜାର ଟଙ୍କାରୁ ୩ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଆସନ୍ତା ଏପ୍ରିଲ ୧ ତାରିଖରୁ ଏହି ବର୍ଦ୍ଧିତ ପାରିତୋଷିକ ଲାଗୁ ହେବ। ଉକ୍ତ ଅନୁଦାନ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ଉଦ୍ଦିଷ୍ଟ ବଜେଟର ରାଜ୍ୟ ସମର୍ଥନରୁ ବହନ କରାଯିବ।

ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସଂଗ୍ରାମ ମହାପାତ୍ର



ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣର ରାଜ୍ୟ ଭାରପ୍ରାପ୍ତ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି । ଏହା ଦ୍ୱାରା ରାଜ୍ୟରେ କାର୍ଯ୍ୟରତ ଥିବା ୧,୧୨,୦୯୦ ଜଣ ପାଚକ, ପାଚିକା ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୧୨ କୋଟି ୯ ଲକ୍ଷ ଟଙ୍କା ବ୍ୟୟ କରିବେ।

ଏହି ପାଚକ, ପାଚିକାମାନେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ୫୦ ହଜାର ୬୧୮ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୨.୪୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରୁଥିବା ନେଇ ସୂଚନା ରହିଛି । କାର୍ଯ୍ୟକାଳ ସମୟରେ ମୃତ୍ୟୁ ହେଲେ ପାଚିକାଙ୍କ ନିକଟ ସମ୍ପର୍କୀୟଙ୍କୁ ୧ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ମଧ୍ୟ ପ୍ରଦାନ କରାଯିବ।

# ଗ୍ରାହକଙ୍କୁ ବଡ଼ ଝଟକା: ବଢ଼ିଲା ଗ୍ୟାସ୍ ଦର

ନୂଆଦିଲ୍ଲୀ, ୧।୩

ପାର୍ବଣ ଋତୁରେ ମୁଦ୍ରାସ୍ଫୀତିର ଏକ ଝଟକା ଲାଗିଛି। ହୋଲି ଏବଂ ରମଜାନ ମାସରେ କମର୍ସିଆଲ ଗ୍ୟାସ ମହଙ୍ଗା ହୋଇଯାଇଛି । ସରକାରୀ ତୈଳ କମ୍ପାନୀଗୁଡ଼ିକ ଏଲପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି ଘୋଷଣା କରିଛନ୍ତି। ୧୯ କିଲୋଗ୍ରାମ କମର୍ସିଆଲ ଏଲପିଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧ ମାର୍ଚ୍ଚ, ୨୦୨୫ରୁ ବୃଦ୍ଧି କରାଯାଇଛି। ଇଣ୍ଡିଆନ ଅଏଲ ମାର୍ଚ୍ଚ ୧ ତାରିଖରୁ କମର୍ସିଆଲ ଏଲପିଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ୬ ଟଙ୍କା ବୃଦ୍ଧି କରିଛି, ଯାହା ଦ୍ୱାରା ଏହା ପୂର୍ବରୁ ପ୍ରତି ସିଲିଣ୍ଡର ମୂଲ୍ୟ ୧୭୯୭ ଟଙ୍କାରୁ ୧୮୦୩ ଟଙ୍କା ହୋଇଛି।

ସରକାରୀ ତୈଳ କମ୍ପାନୀଗୁଡ଼ିକ ପ୍ରତି ମାସର ପ୍ରଥମ ତାରିଖରେ ଏଲପିଜି ସିଲିଣ୍ଡରର



ମୂଲ୍ୟ ସମୀକ୍ଷା କରନ୍ତି । ଆଜିଠାରୁ ନୂତନ ମାସ ଆରମ୍ଭ ହେଉଛି ଯାହା ଏକ ଉତ୍ସବମୁଖର ମାସ। ଏହି ମାସରେ ହୋଲି ଥିବା ବେଳେ, ଏହି ମାସରେ ଇଦ ପର୍ବ ମଧ୍ୟ ଆସୁଛି । ଏହା ସହିତ ରମଜାନ ମଧ୍ୟ ୨ ମାର୍ଚ୍ଚ ଅର୍ଥାତ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି । ଏହି ମାସରେ ବିବାହ ମଧ୍ୟ ଅଛି ଏବଂ ଏହି ମାସର ପହିଲାରୁ, ସରକାରୀ ତୈଳ ବିପଣନ କମ୍ପାନୀଗୁଡ଼ିକ କମର୍ସିଆଲ ଏଲପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରିଛନ୍ତି । ୧୯ କିଲୋଗ୍ରାମ କମର୍ସିଆଲ ଏଲପିଜି ସିଲିଣ୍ଡରର ମୂଲ୍ୟ ୬ ଟଙ୍କା ବୃଦ୍ଧି କରାଯାଇଛି । ଏବେ ଦିଲ୍ଲୀରେ ନୂତନ ମୂଲ୍ୟ ପ୍ରତି ସିଲିଣ୍ଡର ୧୮୦୩ ଟଙ୍କା ହୋଇଛି ଯାହା ପୂର୍ବରୁ ୧୭୯୭ ଟଙ୍କା ଥିଲା।

## ମାଟ୍ରିକ ପରୀକ୍ଷା ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି

# ପିଲାଙ୍କ ମାର୍କ ଉପରେ ପ୍ରଭାବ ପଡ଼ିବନି : ବୋର୍ଡ ସଭାପତି

ଭୁବନେଶ୍ୱର, ୧।୩
ନ୍ୟୁଜ୍ ବ୍ୟୁରୋ

ମାଟ୍ରିକ ପରୀକ୍ଷାରେ ଶନିବାର ଥିବା ସୋସିଆଲ ସାଇନ୍ସ ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଛି। ଶନିବାର ଦିନ ବିଜ୍ଞାନ ବିଷୟରେ ପରୀକ୍ଷା ଥିବା ବେଳେ ୫୦ ମାର୍କ ବଦଳରେ ୪୬ ମାର୍କର ପରୀକ୍ଷା ଦେଇଛନ୍ତି ଛାତ୍ରଛାତ୍ରୀ। 'ସି' ସେଟରେ ୨ଟି ବର୍ଣ୍ଣନାତ୍ମକ ପ୍ରଶ୍ନରୁ ଗୋଟିଏ ରହିଛି। ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।

ଅନ୍ୟପକ୍ଷରେ ମାଟ୍ରିକ ବିଜ୍ଞାନ ପରୀକ୍ଷାରେ ପ୍ରଶ୍ନପତ୍ର ତ୍ରୁଟି ରହିଥିବା ସ୍ୱୀକାର କରିଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ। ପ୍ରତିକ୍ରିୟାରେ ସେ କହିଛନ୍ତି 'ସି' ସେଟ୍ ପ୍ରଶ୍ନ ପତ୍ରରେ ୪ ମାର୍କ ମିସିଂ ରହିଛି। ମୂଲ୍ୟାୟନ ବେଳେ ଏହାକୁ ବୋର୍ଡ କମିଟି ନଜର ଦେବ। ମୂଲ୍ୟାୟନ କମିଟି ଏନେଇ ନିଷ୍ପତ୍ତି ନେବେ। ପିଲାଙ୍କ ମାର୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କହିଛନ୍ତି ବୋର୍ଡ ସଭାପତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ରାଜ୍ୟରେ ମୋଟ ୫ ଲକ୍ଷ ୨୨ ହଜାର ୩୩୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଫେବ୍ରୁଆରୀ ୨୧ ତାରିଖରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ଆସନ୍ତା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ଥର ୬୦୦ ପରୀକ୍ଷା କେନ୍ଦ୍ରରୁ ଲାଇଭ୍ ଷ୍ଟ୍ରିମିଙ୍ଗ ବ୍ୟବସ୍ଥା ହୋଇଛି।

# ଟୋନି ଏବଟ ଓ ରାନିଲ ବିକ୍ରମସିଂଘେଙ୍କ ସମେତ ତମାମ ବିଶ୍ୱ ନେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ ଏନଏକ୍ସଟି କନକ୍ଲେଭରେ ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ଏବଟ ଓ ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେଙ୍କ ସହିତ ଅନେକ ବିଶ୍ୱ ନେତାଙ୍କୁ ଭେଟିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ତମାମ ନେତାଙ୍କ ସହିତ ସାକ୍ଷାତ କରିବାର ଫଟୋ ସେୟାର କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଯେ, ନିଜ ଭଲ ବନ୍ଧୁ ଓ ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ଏବଟଙ୍କୁ ଭେଟି ବହୁତ ଖୁସି ହୋଇଛି । ସେ ସବୁବେଳେ ଭାରତର



ମିତ୍ର ରହିଛନ୍ତି । ଆମେ ସମସ୍ତେ ତାଙ୍କୁ ତାଙ୍କର ବର୍ତ୍ତମାନ ଯାତ୍ରା ସମୟରେ ମିଳେଟ୍ସର ଆନନ୍ଦ ନେଉଥିବାରୁ ଦେଖିଛୁ ।

ମୋଦି କହିଛନ୍ତି ଯେ, ଏନଏକ୍ସଟି କନକ୍ଲେଭରେ ମୋର ବନ୍ଧୁ ରାନିଲ ବିକ୍ରମସିଂଘେଙ୍କୁ ଭେଟିଛି । ମୁଁ ସବୁବେଳେ ଆମ ଆଲୋଚନାକୁ ଅପେକ୍ଷା କରୁଛି ଏବଂ ବିଭିନ୍ନ ପ୍ରସଙ୍ଗ ଉପରେ ତାଙ୍କ ଦୃଷ୍ଟିକୋଣର ପ୍ରଶଂସା କରୁଛି ।

ପ୍ରଧାନମନ୍ତ୍ରୀ ଏନଏକ୍ସଟି କନକ୍ଲେଭରେ ୟୁନିଭର୍ସିଟି ଅଫ୍ କେମ୍ବ୍ରିଜ ବିଜନେସ ସ୍କୁଲର ଇନୋଭେସନ ହବର ଲିଡ୍ ପ୍ରଫେସର କାର୍ଲୋସ ମୋଟେସରୁ ଭେଟି ଲେଖିଛନ୍ତି ଯେ, ଆଜି ଏନଏକ୍ସଟି କନକ୍ଲେଭରେ କାର୍ଲେସ ମୋଟେସଙ୍କ ସହ ଆଲୋଚନା କରିଛନ୍ତି । ସେ ସାମାଜିକ ନବାଚାରକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି । ସେ ଡିଜିଟାଲ ପ୍ରଯୁକ୍ତିବିଦ୍ୟା, ଫିଟନେସ ଓ ଅନ୍ୟ କ୍ଷେତ୍ରରେ ଭାରତର ପ୍ରଗତିର ପ୍ରଶଂସା କରିଛନ୍ତି ।

## ମାର୍ଚ୍ଚ ଆରମ୍ଭରୁ ତରାଇଲାଣି ତାତି

ଭୁବନେଶ୍ୱର, ୧।୩
ନ୍ୟୁଜ୍ ବ୍ୟୁରୋ

ମାର୍ଚ୍ଚ ଆରମ୍ଭରୁ ରାଜ୍ୟରେ ତାତି କଲବଲ କଲାଣି। ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ପାରଦ ୩୮ ଡିଗ୍ରୀ ଟପିଛି । ଶନିବାର ୩୮.୫ ଡିଗ୍ରୀ ସହ ଟିଟିଲାଗଡ଼ ରାଜ୍ୟର ସବୁଠୁ ଉତପ୍ତ ସହର ରହିଛି। ରାଜ୍ୟର ୧୧ ସହରରେ ୩୭ଡ଼ିଗ୍ରୀ କିମ୍ବା ଅଧିକ ତାପମାତ୍ରା ରେକର୍ଡ କରାଯାଇଛି। ଟିଟିଲାଗଡ଼ରେ ସର୍ବାଧିକ ୩୮.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଝାରସୁଗୁଡା ୩୮.୨, ବଲାଙ୍ଗୀର ୩୮, ସୋନପୁର ୩୭.୭, ଅନୁଗୁଳ ୩୭.୭, ସମ୍ବଲପୁର ୩୭.୬, ସୁନ୍ଦରଗଡ ୩୭.୫, ଭବାନୀପାଟଣା ୩୭.୨, ହୀରାକୁଦ ୩୭.୧, ବୌଦ୍ଧ ୩୭ ଡିଗ୍ରୀ ଓ ବାରିପଦାରେ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ୩୪.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ଏକାଳ ପଖାଳ




ଇଏ ଆମର ବୋର୍ଡ
କରେ ଖାଲି ଭୂଲଭାଲ୍
ମାସ ମାସ ଧରି ଗେଲ ହେଉଥିଲେ
ବାହାରିଲା ଏବେ ତେଲ
ପ୍ରଶ୍ନପତ୍ର ନାହିଁ ପ୍ରଶ୍ନ ଫୁଲ
ପଚାଶ ବଦଳେ ଛୟାଳିଶି ଦେଖି
ବିଦ୍ୟାର୍ଥୀଙ୍କ ହାଲ ବେହାଲ।

# ଦୁନିଆର କେଉଁ ଧର୍ମର ବ୍ୟକ୍ତି ଅଧିକ ସୁପର ବିଲିୟନିୟର



ନୂଆଦିଲ୍ଲୀ, ୧।୩

ସାରା ବିଶ୍ୱରେ ଏପରି ୨୪ଜଣ ଲୋକ ଅଛନ୍ତି ଯେଉଁମାନଙ୍କୁ ସୁପର ବିଲିୟନିୟର କୁହାଯାଏ। ଆପଣ ଏହି ଲୋକଙ୍କୁ ଧନୀମାନଙ୍କ ମଧ୍ୟରେ ସବୁଠାରୁ ଧନୀ ବୋଲି ବିବେଚନା କରିପାରିବେ। ଏହି ୨୪ ଜଣଙ୍କ ମଧ୍ୟରେ ଭାରତର ଦୁଇ ବଡ଼ ବ୍ୟବସାୟୀ ମୁକେଶ ଅମ୍ବାନୀ ଏବଂ ଗୌତମ ଆଦାନୀ ମଧ୍ୟ ଅଛନ୍ତି । ଯଦି ଆମେ ଧର୍ମ ଦୃଷ୍ଟିରୁ ଦେଖିବା, ତେବେ ଦୁହେଁ ଭାରତୀୟ ଆଉ ହିନ୍ଦୁ ଧର୍ମରେ ବିଶ୍ୱାସ କରନ୍ତି । କିନ୍ତୁ ଏବେ ଆମେ ସେହି ୨୪ ଜଣଙ୍କ ଧର୍ମ ବିଷୟରେ କହିବୁ, ଯେଉଁମାନେ ବିଶ୍ୱର ସୁପର ବିଲିୟନିୟର ଭାବରେ ଜଣାଶୁଣା।

ଗତ କିଛି ବର୍ଷ ମଧ୍ୟରେ, କୋଟିପତିଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି ଏବଂ ଏବେ ଏଥିରେ ଏକ ନୂତନ ବର୍ଗ ଉଭା ହୋଇଛି । ତାହା ହେଉଛି ସୁପର ବିଲିୟନିୟର। ଏମାନେ ସେହି ଲୋକ ଯାହାଙ୍କ ସମ୍ପତ୍ତି ୫୦ ବିଲିୟନ ଡଲାର (ପ୍ରାୟ ୪.୧୫ ଲକ୍ଷ କୋଟି ଟଙ୍କା)ରୁ ଅଧିକ।

ଏହି ସ୍ୱତନ୍ତ୍ର ବର୍ଗର ୨୪ ଜଣ ସଦସ୍ୟଙ୍କ ମଧ୍ୟରୁ ଏଲନ ମସ୍କ ଜଣେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି। ଏଲନ ମସ୍କଙ୍କ ମୋଟ ସମ୍ପତ୍ତି ୪୧୯.୪ ବିଲିୟନ (ପ୍ରାୟ ୩୪.୮ ଲକ୍ଷ କୋଟି ଟଙ୍କା) । ଏହି ସୂଚନା ଅଲଟ୍ରାଟା ନାମକ ଏକ କମ୍ପାନୀ ଦେଇଛି, ଯାହା ସାରା ବିଶ୍ୱରେ ଧନୀ ଲୋକଙ୍କ ସମ୍ପତ୍ତି ଉପରେ ନଜର ରଖେ। ୱାଲ ଷ୍ଟ୍ରିଟ ଜର୍ଣ୍ଣାଲ ରିପୋର୍ଟ ଅନୁଯାୟୀ, ମସ୍କଙ୍କ ସମ୍ପତ୍ତି ଏକ ସାଧାରଣ ଆମେରିକୀୟ ପରିବାରର ସମ୍ପତ୍ତି ଅପେକ୍ଷା ୨ ନିୟୁତ ଗୁଣ ଅଧିକ।


ଅଲଟ୍ରାଟାର ତଥ୍ୟ ଅନୁସାରେ, ଫେବୃଆରୀ ୨୦୨୪ ସୁଦ୍ଧା, ଏହି ସୁପର ବିଲିୟନିୟରମାନେ ବିଶ୍ୱର ସମସ୍ତ ବିଲିୟନିୟରଙ୍କ ମୋଟ ସମ୍ପତ୍ତିର ୧୬ ପ୍ରତିଶତ ମାଲିକ। ଏହି ସଂଖ୍ୟା ୨୦୧୪ ତୁଳନାରେ (ପୃଷ୍ଠା ୭ରେ)

# ମହିଳା ବିରୋଧୀ ହିଂସା ପ୍ରତିବାଦରେ ରାଜଧାନୀରେ କଂଗ୍ରେସର ଆନ୍ଦୋଳନ



ଭୁବନେଶ୍ୱର, ୧।୩
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଶନିବାର ରାଜଧାନୀରେ ବଡଧରଣର ଆନ୍ଦୋଳନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ଭକ୍ତ ଦାସଙ୍କ ଆହ୍ୱାନକ୍ରମେ ଆୟୋଜିତ ପ୍ରତିବାଦ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ସାମିଲ ହୋଇଥିବା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ, ମହିଳା କଂଗ୍ରେସ, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର ନେତା ଓ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଘେରାଉ କରିବାକୁ ଯିବାବେଳେ ପୋଲିସ (ପୃଷ୍ଠା ୭ରେ)





# ଦେଓମାଳିରେ ବାହାର ଟେଣ୍ଟ ନେବା ଉପରେ ଲାଗିଲା କଟକଣା

## ଖିଲାପ କଲେ ଗଣିବେ ୫ ହଜାର ଡଣ୍ଡ




**ଜୟପୁର, ନ୍ୟୁଜ ବ୍ୟୁରୋ**

ଦେଓମାଳିରେ ବାହାର ଟେଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀ ନେବା ଉପରେ ଲାଗିଲା କଟକଣା। ଖିଲାପ କଲେ ୫ ହଜାର ଫାଇନ୍ ଆଦାୟ କରିବ ପ୍ରଶାସନ। ଏଭଳି କଡ଼ା ନିର୍ଦ୍ଦେଶନାମା ଜାରି କଲେ ଉପ ଜିଲ୍ଲାପାଳ ବେଣୁଧର ଶବର। ସୂଚନା ଅନୁଯାଇ,ଓଡ଼ିଶାର ଉଚ୍ଚତମ ପର୍ବତ ତଥା କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଦେଓମାଳିରେ ରାତ୍ରୀ ରହଣୀ ନିମନ୍ତେ କୌଣସି ପର୍ଯ୍ୟଟକ ବାହାରୁ କିମ୍ବା ନିଜର ଟେଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀ ନେବାକୁ ପ୍ରତିବନ୍ଧକ ଲଗା ଯାଇଛି। କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର ଏ ସମ୍ପର୍କରେ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ ତଫରୁ ଦେଓମାଳିରେ ରାତ୍ରୀ ଯାପନ କରୁଥିବା ପର୍ଯ୍ୟଟକ ମାନଙ୍କୁ ଭଡ଼ା ସୂତ୍ରରେ ଟେଣ୍ଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆ ଯାଉଛି। ତେଣୁ କୌଣସି ପର୍ଯ୍ୟଟକ ନିଜସ୍ୱ ଟେଣ୍ଟ ନେବାକୁ ବାରଣ କରା ଯିବା ସହ ଏହାର ଖିଲାପକାରୀଙ୍କୁ ୫ ହଜାର ଟଙ୍କା ଜୋରିମାନା ଆଦାୟ କରା ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି ଉପ ଜିଲ୍ଲାପାଳ।

# ଓଇସିଡିର ରିପୋର୍ଟରେ ବଡ଼ ଖୁଲାସା : ସହରାଞ୍ଚଳରେ ୩୨%, ଗ୍ରାମାଞ୍ଚଳରେ ୨୧% ଚାକିରି ଖାଇଯିବ ଏଆଇ

**ନୂଆଦିଲ୍ଲୀ,**

ଗତ ୧ ଦଶନ୍ଧି ଧରି ଅର୍ଗାନାଇଜେସନ ଫର ଇକୋନୋମିକ କୋଅପରେସନ ଆଣ୍ଡ୍ ଡେଭଲପମେଣ୍ଟ (ଓଇସିଡି) ଅଞ୍ଚଳ ଗୁଡିକ ନିଯୁକ୍ତି ଅଭିବୃଦ୍ଧି ଜାରି ରଖିଛନ୍ତି। ତେବେ ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏହି ଦେଶ ଗୁଡିକର ସ୍ଥାନିୟ ନିଯୁକ୍ତି ଖାଇଯିବାର ଢ଼େର ଆଶଙ୍କା ଉପୁଜିଛି । ସହରାଞ୍ଚଳରେ ୩୨% ନିଯୁକ୍ତି ଏବଂ ଗ୍ରାମାଞ୍ଚଳରେ ୨୧% ନିଯୁକ୍ତି ଏହା ଦ୍ୱାରା ଚାଲିଯିବ । ଗ୍ରାମାଞ୍ଚଳ ସହରାଞ୍ଚଳ ଆୟ ଏବଂ ଉତ୍ପାଦକତା କ୍ଷେତ୍ରରେ ଏହା ବଡ ବ୍ୟବଧାନ ସୃଷ୍ଟି କରିବ ବୋଲି ଓଇସିଡି ରିପୋର୍ଟରେ କୁହାଯାଇଛି। ଅଟୋମେଶନ ଯୋଗୁ ଯେଉଁ ଅଞ୍ଚଳ ଗୁଡିକ ବେଶି କ୍ଷତିଗ୍ରସ୍ତ ହୋଇ ନ ଥିଲେ ଜେନେରେଟିଭ ଏଆଇ ଦ୍ୱାରା ନିଯୁକ୍ତି ହ୍ରାସର ଆଶଙ୍କା ବଢ଼ିଛି। ଟେକ୍ନୋଲୋଜି ଭିତ୍ତିକ ଅଟୋମେଶନ ଅଣମେଟ୍ରୋ ଏବଂ ବିନିର୍ମାଣ କ୍ଷେତ୍ର ସହ ଜଡିତ ଏରିଆ ଗୁଡିକୁ ପ୍ରଭାବିତ କରିଥିଲା । ମାତ୍ର ବର୍ତ୍ତମାନ ମେଟ୍ରୋ ଅଞ୍ଚଳର କୁଶଳୀ ଏବଂ ମହିଳାମାନେ ଜେନେରେଟିଭ ଏଆଇଦ୍ୱାରା ନିଯୁକ୍ତିରେ ବଡ ଚ୍ୟାଲେଞ୍ଜ ସାମ୍ନା କରିବେ ବୋଲି ଆକଳନ କରାଯାଇଛି । ଜେନେରେଟିଭ ଏଆଇ ବୌଦ୍ଧିକ ଏବଂ ରୁଟିନ ଟାସ୍କ ଗୁଡ଼ିକୁ ବେଶ ଦକ୍ଷତାର ସହ କରିବାର କ୍ଷମତା ରଖୁଛି । ଏହା ଶିଳ୍ପ ଏବଂ ସାରା ବିଶ୍ୱର ଅର୍ଥନୀତିକୁ ଦ୍ରୁତ ଭାବେ ରୁପାନ୍ତରିତ କରୁଛି । ଏହା ଦ୍ୱାରା ନବସୃଜନ ଏବଂ ଉତ୍ପାଦକତା ବୃଦ୍ଧିର ସମ୍ଭାବନା ତ ରହିଛି, ମାତ୍ର ଲୋକଙ୍କ ନିଯୁକ୍ତି ଚାଲିଯିବା ଯୋଗୁ ଅର୍ଥନୈତିକ ବୈଷମ୍ୟ ବଢ଼ିବାର ମଧ୍ୟ ଢ଼େର ଆଶଙ୍କା ମଧ୍ୟ ଉପୁଜିଛି । ଏହି ରିପୋର୍ଟରେ ଚିନ୍ତାଜନକ ସ୍ଥିତି ସାମ୍ନାକୁ ଆସିଛି । ଜେନେରେଟିଭ ଏଆଇ। ସ୍ୱିଡେନର ଷ୍ଟକ୍‌ହୋମ ଏବଂ ପ୍ରଗ୍ର ଚେକିଆରେ ୪୫% ଓ କଲମ୍ବିଆର କୁକା ଗ୍ରାମାଞ୍ଚଳରେ ୧୩% ନିଯୁକ୍ତି ନେଇଯିବ । କିଛି କ୍ଷେତ୍ରରେ ନିଯୁକ୍ତି ଅଟୋମେଟେଡ ହେବାକୁ ଥିବା ବେଳେ ଏଆଇ ବିକାଶ, ଡାଟା ସାଇନ୍ସ ଏବଂ ଏଆଇ ଏଥିକ୍ସ ଭଳି କ୍ଷେତ୍ରରେ ନିଯୁକ୍ତି ମଧ୍ୟ ଆସିପାରେ । ମାତ୍ର କିଞ୍ଚିତ ଲୋକଙ୍କୁ ଏହାର ଫାଇଦା ମିଳିବ ବୋଲି କୁହାଯାଉଛି । ଓଇସିଡିର ସେକ୍ରେଟାରୀ ଜେନେରାଲ ମାଥିଆସ କୋରମାନ କୁହନ୍ତି, ଏବେ ଜେନେରେଟିଭ ଏଆଇର ଗ୍ରହଣୀୟତା ଦ୍ରୁତ ଭାବେ ବଢ଼ିଛି। ଫଳରେ ଏହା ସ୍ଥାନିୟ ନିଯୁକ୍ତି ବଜାରକୁ ପୁର୍ନଭାଷିତ କରିଛି । ଏହା ଉତ୍ପାଦକତା ବଢ଼ାଇବା ସହ ଶ୍ରମିକ ଅଭାବ ସମସ୍ୟା ସମାଧାନ କରୁଛି। ମାତ୍ର ଏହା ସତ୍ତ୍ୱେ ଏହା ଡିଜିଟାଲ ବୈଷମ୍ୟତା ମଧ୍ୟ ବଢ଼ାଉଛି । ଏଭଳି ଟେକ୍ନୋଲୋଜିର ଲାଭ ଲୋକମାନେ ଯେଭଳି ନେଇପାରିବେ ନୀତି ନିର୍ଦ୍ଧାରକ ମାନେ ଅଭିନବ ଯୋଜନା ହାତକୁ ନେବା ଉଚିତ । ଡିଜିଟାଲ ଭିତ୍ତିଭୂମି ଦୃଢ଼ୀକରଣ, ଡିଜିଟାଲ ସାକ୍ଷରତା ଏବଂ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ଏଆଇ ଦ୍ୱାରା କିଭଳି ସ୍କିଲ ଶିଖି ପାରିବେ ସେ ଦିଗରେ ଧ୍ୟାନ ଦେବାକୁ ପଡିବ ବୋଲି କୋରମାନ ଉଲ୍ଲେଖ କରିଛନ୍ତି । ତେବେ କେବଳ ଓଇସିଡି ରିପୋର୍ଟ ନୁହେଁ ଇଓ୍ୱାଇ ଗ୍ଲୋବାଲ ପକ୍ଷରୁ ନିକଟରେ ଜାରି ହୋଇଥିବା ଏକ ରିପୋର୍ଟରେ ମଧ୍ୟ ଜେନେରେଟିଭ ଏଆଇ ଦ୍ୱାରା ନିଯୁକ୍ତି ହ୍ରାସକୁ ନେଇ ଚିନ୍ତାପ୍ରକଟ କରାଯାଇଥିଲା । ଏହି ରିପୋର୍ଟରେ କୁହାଯାଇଥିଲା ଯେ, ଜେନେରେଟିଭ ଏଆଇ ଦ୍ୱାରା ଆମେରିକାର ୬୬% ନିଯୁକ୍ତି ପ୍ରଭାବିତ ହେବ । ବିଶ୍ୱ ବଜାର କଥା ବିଚାରକୁ ନେଲେ ୫୯% ନିଯୁକ୍ତି ପ୍ରତି ଉଚ୍ଚ ଠାରୁ ସାମାନ୍ୟ ପ୍ରଭାବ ରହିବ । ତେବେ ଅଭିବୃଦ୍ଧିଶୀଳ ଏବଂ ଅନୁନ୍ନତ ଅର୍ଥନୀତି ତୁଳନାରେ ବିକଶିତ ଅର୍ଥନୀତିଗୁଡିକ ଏଆଇ ଦ୍ୱାରା ବେଶି ଲାଭବାନ ହେବେ ବୋଲି ଆକଳନ କରାଯାଇଛି । ରିପୋର୍ଟ ମୁତାବକ, ଜେନେରେଟିଭ ଏଆଇ ଟୁଲ୍ ଦ୍ୱାରା ସୃଜନାତ୍ମକ କ୍ଷେତ୍ର ଯଥା- କଣ୍ଟେଣ୍ଟ କ୍ରିଏସନ, ଡିଜାଇନ, ମ୍ୟୁଜିକ କମ୍ପୋଜିସନ ଭଳି କ୍ଷେତ୍ରଗୁଡିକରେ ନିଯୁକ୍ତି ପ୍ରଭାବିତ ହେବ । ଏହବାଦ କଷ୍ଟମର ସର୍ଭିସ କ୍ଷେତ୍ରରେ ଏଆଇ ଭିତ୍ତିକ ଚାଟ୍‌ବଟ୍ ଏବଂ ଭର୍ଚ୍ଚୁଆଲ ଆସିଷ୍ଟାଣ୍ଟ ରୁଟିନ୍ କଷ୍ଟମରଙ୍କ ଇନ୍‌କ୍ୱାରି କରିବା ସହ ମାନବ ଏଜେଣ୍ଟଙ୍କ ଆବଶ୍ୟକତାକୁ ଗୌଣ କରିବ । ମେଡିକାଲ ଫିଲ୍ଡରେ ଏଆଇ ମେଡିକାଲ ଡାଟା, ଡାଏଗ୍ନୋସିସ୍‌ରେ ସହାୟତା, ବ୍ୟକ୍ତିଗତ ଚିକିତ୍ସା ଯୋଜନା ବିକଶିତ କରିବା ଭଳି କାମ କରିବ । ଆର୍ଥିକ କ୍ଷେତ୍ରରେ ଏଆଇ ଟୁଲର ବ୍ୟବହାର ଦ୍ୱାରା ସମ୍ଭାବ୍ୟ ଠକେଇକୁ ଚିହ୍ନଟ କରିବା, ରିସ୍କର ଅନୁମାନ ଲଗାଇବା, ଆର୍ଥିକ ଆନାଲିସିସ ଭଳି ନିଯୁକ୍ତି ରୋଲ ଗୁଡିକ ବେଶି ପ୍ରଭାବିତ ହେବ ।

# ଆତଙ୍କ ଖେଳାଇଲା ଜଙ୍ଗଲୀ ଜନ୍ତୁ ବିଲୁଆ କାମୁଡ଼ାରେ ୧୩ ଗୁରୁତର

**ଭୋଗରାଇ, ନ୍ୟୁଜ ବ୍ୟୁରୋ**

ଆତଙ୍କ ଖେଳାଇଲା ବିଲୁଆ। ପାଗଳ ବିଲୁଆ କାମୁଡାରେ ୧୩ ଜଣ ଗୁରୁତର। ସମସ୍ତ ଗୁରୁତର ହସ୍ପିଟାଲରେ ଭର୍ତ୍ତି। ଏଭଳି କିଛି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲାରେ।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ବାଗଦା ଓ କସିଆ, ଡେମୁରିଆ ଗ୍ରାମରେ ୧୦ ପରିବାରର ୧୩ ଜଣଙ୍କୁ ଆକ୍ରମଣ କରି ଗୁରୁତର କରିଛି ବିଲୁଆ। ଆକ୍ରମଣରେ ଶିକାର ହୋଇଥିବା ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ସାମାନ୍ୟ ଆହତ ହୋଇଥିବା ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଛି। ତେବେ ପାଗଳ ବିଲୁଆକୁ ଗାଁ ଲୋକେ କାବୁ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ।



# ରାଜଧାନୀରେ ଅପରାଧ ରୋକିବ ନୀଳ ନକ୍‌ସା: ୨୫୦ ଜାଗାରେ ଲାଗିବ ୨୦୦୦ ସିସିଟିଭି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ବଢ଼ି ଚାଲିଥିବା ବିଭିନ୍ନ ପ୍ରକାରର ଅପରାଧ ବର୍ତ୍ତମାନ କମିସନରେଟ୍ ପୁଲିସର ଚିନ୍ତା ବଢ଼ାଇଛି। ଅପରାଧ ରୋକିବାକୁ ପୁଲିସ ନୂଆନୂଆ ଯୋଜନା କରୁଥିଲେ ହେଁ ଅପରାଧୀମାନଙ୍କୁ ସାବାଡ଼ କରିବା ସମ୍ଭବ ହେଉନାହିଁ। ରାଜଧାନୀରେ ଅପରାଧ ଘଟାଇ ସହଜରେ ଚମ୍ପଟ ମାରୁଛନ୍ତି ଅପରାଧୀମାନେ। ସିସିଟିଭି ଅଭାବ ହେତୁ ଖସି ପଳାଉଥିବା ଅପରାଧୀମାନଙ୍କୁ ଠାବ କରିବା ସହଜ ହେଉନାହିଁ। ତେଣୁ ପର୍ଯ୍ୟାପ୍ତ ସିସିଟିଭି ଲଗାଇବାକୁ ପୁଲିସ ଯୋଜନା କରୁଛି। ଏଥିପାଇଁ ରାଜଧାନୀରେ ନୂଆ ୨୫୦ ଜାଗା ଚିହ୍ନଟ କରାଯାଇଛି ଏବଂ ପାଖାପାଖି ୨୦୦୦ ସିସିଟିଭି ଲଗାଇବାକୁ ପୁଲିସ ନୀଳ ନକ୍‌ସା କରିଛି। ଏଥିପାଇଁ କମିସନରେଟ୍ ପୁଲିସ ସ୍ମାର୍ଟ ସିଟିକୁ ପ୍ରସ୍ତାବ ଦେଇଛି। ନିକଟରେ ରାଜଧାନୀରେ ଘଟିଥିବା କେତୋଟି ସଂଗିନ ଅପରାଧକୁ ନେଇ ପୁଲିସର ଚିନ୍ତା ବଢ଼ିଛି। ବିଏମ୍‌ସି ସଫେଇ ସଂଘର ସମ୍ପାଦକ ସହଦେବ ନାୟକ ହତ୍ୟାକାଣ୍ଡ ଏହି ଅପରାଧ ମଧ୍ୟରୁ ଅନ୍ୟତମ। ଯୋଜନାବଦ୍ଧ ଭାବେ ଘଟିଥିବା ଏହି ହତ୍ୟାକାଣ୍ଡ ଯେଉଁଠି ଘଟିଥିଲା, ସେଠାରେ ସିସିଟିଭି ନଥିଲା। ଦିବାଲୋକରେ ପୁଣି ଜନଗହଳିପୂର୍ଣ୍ଣ ଜାତୀୟ ରାଜପଥ ଉପରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ମାତ୍ର ସେଠାରେ ସିସିଟିଭି ନ ଥିବାରୁ ପୁଲିସ ପାଇଁ ଅପରାଧୀମାନଙ୍କୁ ଚିହ୍ନଟ କରିବା ସମ୍ଭବ ନଥିଲା। ତେବେ ଏହି ମାମଲାରେ ଜଣେ ବାଇକ୍ ଆରୋହୀଙ୍କ ମୋବାଇଲ୍‌ରେ ଉତ୍ତୋଳନ ହୋଇଥିବା ଭିଡିଓ ପୁଲିସକୁ ସହାୟକ ହୋଇଥିଲା। ସେହିଭଳି ଅନ୍ୟ ଏକ ସାଂଘାତିକ ଅପରାଧ ଘଟିଥିଲା ସୁନ୍ଦରପଦା-ଜଟଣୀ ରାସ୍ତାରେ। ଝାଡ଼ଖଣ୍ଡର ଦୁର୍ଦ୍ଦାନ୍ତ ଅପରାଧୀମାନେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେବା ବେଳେ ବାଇକ୍‌ରୁ ଖସିପଡ଼ି ମହିଳାଜଣକ ଆହତ ହୋଇଥିଲେ ଏବଂ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଉକ୍ତ ରାସ୍ତାରେ ସିସିଟିଭି ନଥିବାରୁ ପୁଲିସ ଦୁର୍ବୃତ୍ତମାନଙ୍କୁ ସହଜରେ ଚିହ୍ନଟ କରିପାରି ନଥିଲା। ଅବଶ୍ୟ ପରେ ଦୁଇ ହତ୍ୟାକାରୀଙ୍କୁ ପୁଲିସ ଝାଡ଼ଖଣ୍ଡରୁ ବାନ୍ଧିଥିଲା। ସେହିଭଳି ରାଜଧାନୀ ଉପକଣ୍ଠରେ ମାତିଥିବା ମଧ୍ୟପ୍ରଦେଶ ଧର ଗ୍ୟାଙ୍ଗ୍ ବହୁ ଆପାର୍ଟମେଣ୍ଟରେ କଳାକନା ବୁଲାଇଥିଲେ। କିନ୍ତୁ ଉକ୍ତ ଅଞ୍ଚଳରେ ସିସିଟିଭି ଅଭାବ କାରଣରୁ ସେମାନଙ୍କ ଗତିବିଧି ଠଉରାଇବା ପୁଲିସ ପାଇଁ କାଠିକର ହେଉଥିଲା। ବଡ଼ କଥା ହେଉଛି ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କ ଘରୁ ଚୋରି କରିଥିବା ସ୍ୱାଇଡର ସତୀଶ ମଧ୍ୟ ବେଶ୍ ଚତୁରତାର ସହ ସିସିଟିଭିକୁ ଏଡ଼ାଇ ଖସି ଯାଇଥିଲା। ନୂଆପଲ୍ଲୀ ଆଇଆରସି ଭିଲେଜ୍ ଭଳି ଭିଭିଆଇପି ଜାଗାରେ ବିଚକ୍ଷଣ ସ୍ୱାଇଡର ସିସିଟିଭିକୁ ବି ଚକ୍‌ମା ଦେଇଥିଲା। ସେହିଭଳି ରାଜଧାନୀରେ ଘଟୁଥିବା ବହୁ ଦୁର୍ଘଟଣା ମାମଲାରେ ପୁଲିସ ଫେରାର ଗାଡ଼ିମାନଙ୍କୁ ଠାବ କରିପାରୁନାହିଁ। କେତେକ ଅଞ୍ଚଳରେ ସିସିଟିଭି ନଥିବାରୁ ଦୁର୍ଘଟଣା ଘଟାଉଥିବା ଗାଡ଼ିମାନେ ସହଜରେ ଖସି ଯାଉଛନ୍ତି। ତେଣୁ କଳେବର ବଢ଼ୁଥିବା ରାଜଧାନୀରେ ଅଧିକ ସଂଖ୍ୟକ ସିସିଟିଭି ଜରୁରୀ ହୋଇପଡ଼ିଛି। ଯୋଜନା ମୁତାବକ ପୁଲିସ ନୂଆ ସିସିଟିଭି ଲଗାଇବାକୁ ୨୫୦ଟି ଜାଗା ବାଛିଛି। ଏଥିରେ ରହିଛି ରାଜଧାନୀର କିଛି ମୁଖ୍ୟ ରାସ୍ତା ଓ କିଛି ଜନଗହଳିପୂର୍ଣ୍ଣ ଗଳି ରାସ୍ତା। ଯେଉଁ ସବୁ ରାସ୍ତା ଅପରାଧପ୍ରବଣ ହୋଇପଡ଼ିଛି, ସେଠାରେ ସିସିଟିଭି ଲାଗିବ। ସେହିଭଳି ଉପକଣ୍ଠସ୍ଥ ଜନଗହଳିପୂର୍ଣ୍ଣ ରାସ୍ତା ଓ କିଛି ପ୍ରମୁଖ ଛକକୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ଏଥିସହିତ ଦୁର୍ଘଟଣା ପାଇଁ ବ୍ଲାକ୍‌ସ୍ପଟ୍ ଭାବେ ଜଣାଶୁଣା ଜାଗାକୁ ମଧ୍ୟ ଏଥିପାଇଁ ଚିହ୍ନଟ କରାଯାଇଛି। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ରାଜଧାନୀରେ ୨୫୮ଟି ଲୋକେସନ୍‌ରେ ସ୍ମାର୍ଟସିଟି ଅଧୀନରେ ୧୧୦୦ ସିସିଟିଭି ଲାଗିଛି।

# ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ, ୫ ଗିରଫ

**ବୈପାରିଗୁଡା, ନ୍ୟୁଜ ବ୍ୟୁରୋ**

ବୈପାରିଗୁଡାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢ଼ାଉ । ଏହି ଚଢାଉରେ ବିପୁଳ ପରମାଣର ନକଲି ବିଦେଶୀ ମଦ ଜବତ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ୫ ଅଭିଯୁକ୍ତ କେନ୍ଦୁଗୁଡା ଗ୍ରାମର ଜଗୁ ଦୁରୁଆ,ଫାମ୍ପୁଣୀ ଗ୍ରାମର ଶୈଳେନ୍ଦ୍ର ବେହେରା ଏବଂ କୁନ୍ଦୁରା ଗ୍ରାମର ସୁଶାନ୍ତ ଜାନୀ,ତାଲୁର ଗ୍ରାମର ପକଲୁ ଦୁରୁଆ,ଏବଂ ଘୁମର ଗ୍ରାମର ଅନିଲ ପଟ୍ଟନାୟକ ବୋଲି ଜଣାପଡ଼ିଛି । କୋରାପୁଟ ଜିଲ୍ଲା ବୈପାରୀଗୁଡା ଅଞ୍ଚଳରେ ଏଭଳି ଘଟଣା ଘଟିଛି ।

ସୂଚନା ମୁତାବକ, ବୈପାରିଗୁଡାର ବିଭିନ୍ନ ସ୍ଥାନରେ ନକଲି ବିଦେଶୀ ମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲା । ଖବର ପାଇ କୋରାପୁଟ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ନନ୍ଦପୁର ଅବକାରୀ ଇନ୍‌ସପେକ୍ଟର ଅନ୍ନପୂର୍ଣ୍ଣା ରଥ ଏବଂ ବୈପାରିଗୁଡା ଅବକାରୀ ଓଆଇସି ଭଗବାନ ମହାନନ୍ଦିଆଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଛି । ବୈପାରିଗୁଡା ଅବକାରୀ ଥାନା ଅନ୍ତର୍ଗତ ଘୁମର, କେନ୍ଦୁଗୁଡା, ତାଲୁର ଗାଁରୁ ବିପୁଳ ପରିମାଣରେ ନକଲି ବିଦେଶୀ ମଦ ଜବତ କରାଯାଇଥିବା ବେଳେ ପାଞ୍ଚ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚଲାଣ କରାଯାଇଛି ।




# ମହାକାଶ କ୍ଷେତ୍ରକୁ ୧ ହଜାର କୋଟିର ଭେଞ୍ଚର ପାଣ୍ଠି : ୫ ବର୍ଷରେ ହେବ ବିନିଯୋଗ

**ନୂଆଦିଲ୍ଲୀ,**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଇନ୍ ସ୍ପେଶ ଅଧିନରେ ମହାକାଶ କ୍ଷେତ୍ର ପାଇଁ କେନ୍ଦ୍ର ସରକାର ୧ ହଜାର କୋଟି ଟଙ୍କାର ଭେଞ୍ଚର କ୍ୟାପିଟାଲ ପାଣ୍ଠି ପ୍ରତିଷ୍ଠାକୁ ମଞ୍ଜୁରି ମିଳିଛି। ପ୍ରସ୍ତାବିତ ପାଣ୍ଠି କାର୍ଯ୍ୟକାରୀ ହେବା ପରଠାରୁ ପାଞ୍ଚ ବର୍ଷ ମଧ୍ୟରେ ଏହାକୁ ବିନିଯୋଗ କରିବା ଲକ୍ଷ୍ୟ ରଖାଯାଇଛି । ପ୍ରତିବର୍ଷ ହାରାହାରି ୧୫୦- ୨୫୦ କୋଟି ଟଙ୍କା ବିନିଯୋଗ କରାଯିବ। କମ୍ପାନିର ସ୍ଥିତି ଏହାର ଅଭିବୃଦ୍ଧି ପଥ ଏବଂ ଜାତୀୟ ମହାକାଶ ସାମର୍ଥ୍ୟ ଉପରେ ସମ୍ଭାବ୍ୟ ପ୍ରଭାବ ଉପରେ ନିର୍ଭର କରି ୧୦ରୁ ୬୦ କୋଟି ଟଙ୍କାର ପୁଞ୍ଜି ନିବେଶ ସୂଚକ ସୀମା ଧାର୍ଯ୍ୟ କରାଯାଇଛି । ଏହା ଦ୍ୱାରା ଭାରତୀୟ କମ୍ପାନିଗୁଡିକୁ ପ୍ରତିଦ୍ୱନ୍ଦ୍ୱୀ କରିବା ଉପରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ।



ଆସନ୍ତା ୧୦ ବର୍ଷରେ ଭାରତୀୟ ମହାକାଶ ବ୍ୟବସ୍ଥାକୁ ପାଞ୍ଚ ଗୁଣା ସମ୍ପ୍ରସାରଣ କରିବା ଲକ୍ଷ୍ୟ ରଖାଯାଇଛି। ନୂଆ କର୍ଯ୍ୟକ୍ରମ ଦ୍ୱାରା ସରକାର ୪୦ ଷ୍ଟାର୍ଟଅପ୍‌କୁ ସହାୟତା କରିବା ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ନୂତନ ଉଦ୍ଭାବନ ଓ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପଦକ୍ଷେପ ଆସିଛି । ଜାତୀୟ ପ୍ରାଥମିକତା ଭାବେ ମହାକାଶ କ୍ଷେତ୍ରକୁ ଆଗେଇ ନେବା ଲାଗି ରଣନୀତିକ ଭାବେ ଏହା ଡିଜାଇନ କରାଯାଇଛି। କମ୍ପାନି ଗୁଡିକ ମଧ୍ୟରେ ପୁଞ୍ଜି ପ୍ରବାହ, ଭାରତୀୟ କମ୍ପାନିକୁ ଦେଶ ମଧ୍ୟରେ କାମ କରିବାକୁ ଉତ୍ସାହିତ କରିବା, ମହାକାଶ ଅର୍ଥ ବ୍ୟବସ୍ଥାକୁ ଆଗେଇ ନେବା, ମହାକାଶ ପ୍ରଯୁକ୍ତି ବିକାଶ ତ୍ୱରାନ୍ୱିତ କରିବା, ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ପ୍ରୋତ୍ସାହନ, ଆତ୍ମନିର୍ଭର ଭାରତକୁ ସମର୍ଥନ ଏବଂ ଉଦ୍ଭାବନ ପରିବେଶକୁ ସୃଷ୍ଟି ଉପରେ ଫୋକସ କରାଯିବ। ସେହିଭଳି ଆର୍ଥିକ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ଏବଂ ଦୀର୍ଘ ସ୍ଥାୟୀତ୍ୱକୁ ସୁନିଶ୍ଚିତ କରିବା ଦିଗରେ ମଧ୍ୟ କାର୍ଯ୍ୟକ୍ରମ ଆସିବ। ଏଭଳି ପଦକ୍ଷେପ ଘରୋଇ ନିବେଶକଙ୍କ ଆତ୍ମବିଶ୍ୱାସ ଦୃଢ଼ କରିବ। ମହାକାଶ ଶିଳ୍ପର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ପ୍ରଯୁକ୍ତିରେ ଉନ୍ନତି, ଘରୋଇ କ୍ଷେତ୍ରର ସହଭାଗିତାରେ ନେତୃତ୍ୱକୁ ଦୃଢ଼ କରିବା ଭଳି ଦିଗ ଗୁଡିକ ମଧ୍ୟ ପ୍ରାଥମିକତାରେ ରହିଛି। ମହାକାଶ କ୍ଷେତ୍ର ସଂସ୍କାର ୨୦୨୦ର ଅଂଶ ଭାବେ ଘରୋଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ସରକାର ଇନ୍ ସ୍ପେଶ ସ୍ଥାପନ କରିଥିଲେ। ଏବେ ଦେଶର ମହାକାଶ ଅର୍ଥ ବ୍ୟବସ୍ଥା ୮.୪ ବିଲିୟନ ଡଲାର ରହିଛି। ୨୦୩୩ ବେଳକୁ ଏହାକୁ ୪୪ ବିଲିୟନ ଡଲାର ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ଦେଶର ମହାକାଶ କ୍ଷେତ୍ରରେ ଏବେ ୨୫୦ ଷ୍ଟାର୍ଟଅପ୍ କାର୍ଯ୍ୟକରୁଛନ୍ତି।

# ଭାରତ ହେବ ବିଶ୍ୱର ଶକ୍ତିକେନ୍ଦ୍ର : ୨୦୩୦ ସୁଦ୍ଧା ପଛରେ ପଡିବ ଚୀନ

**ନୂଆଦିଲ୍ଲୀ,**

ଭାରତରେ ରୋଜଗାରିଆଙ୍କ ସଂଖ୍ୟା ବଢିବାରେ ଲାଗିଛି। ଦେଶ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି ଆଗକୁ ସାରା ବିଶ୍ୱର ଶ୍ରମ ବଳରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଭାରତୀୟ ଶ୍ରମବଳକୁ ନେଇ ଏଭଳି କିଛି ଶୁଭ ଖବର ଦେଇଛି ଆଞ୍ଜେଲ ଓ୍ୱାନ ଓ୍ୱେଲ୍ଥ ନାମକ ଏକ ସଂସ୍ଥା। ସଂସ୍ଥା ଗବେଷଣା କରି କହିଛି ୨୦୩୦ରୁ ୨୦୫୦ ମଧ୍ୟରେ ସମଗ୍ର ବିଶ୍ୱର ମୋଟ ଶ୍ରମବଳରେ କେବଳ ଭାରତର ଅବଦାନ ୨୦ ପ୍ରତିଶତ ରହିବ। ସରଳ ଭାଷାରେ କହିବାକୁ ଗଲେ ଏହି ଅବଧି ମଧ୍ୟରେ ବିଶ୍ୱର ମୋଟ କର୍ମଜୀବୀଙ୍କ ସଂଖ୍ୟାରେ ୨୦ ପ୍ରତିଶତ କେବଳ ଭାରତର ହେବ। ହେଲେ ଚୀନର ଅବସ୍ଥା କିନ୍ତୁ ଦିନକୁ ଦିନ ଶୋଚନୀୟ ହୋଇପଡୁଛି। ଆଗକୁ ଡ୍ରାଗନର ଶ୍ରମବଳ ଭୟଙ୍କର ଭାବେ ହ୍ରାସ ପାଇବ। ସବୁଠାରୁ ବଡ଼ କଥା ହେଉଛି ଭାରତ ଉଚ୍ଚ ଆୟକାରୀ ପରିବାରଙ୍କ ସଂଖ୍ୟା ମଧ୍ୟ ବଢ଼ୁଛି। ଆଞ୍ଜେଲଓ୍ୱାନ ଓ୍ୱେଲ୍ଥ ସଂସ୍ଥାର ଗବେଷଣା ରିପୋର୍ଟ ଅନୁସାରେ, ୨୦୩୦ ସୁଦ୍ଧା ଦେଶରେ ଥିବା ଉଚ୍ଚ ଆୟକାରି ପରିବାରର ସଂଖ୍ୟା ତିନିଗୁଣ ବୃଦ୍ଧି ପାଇବ। ଉଚ୍ଚ ଆୟକାରି ପରିବାରର ସଂଖ୍ୟାରେ ଆଶାତୀତ ଅଭିବୃଦ୍ଧି ଯୋଗୁଁ ମୁଣ୍ଡ ପିଛା ଆୟ କ୍ଷେତ୍ରରେ ଭାରତ ନିଜର ସର୍ବୋତ୍ତମ ପ୍ରଦର୍ଶନ କରିବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି।



ଉଚ୍ଚ ଆୟକାରୀ ପରିବାର ସଂଖ୍ୟା ବଢ଼ିଲେ ସ୍ୱାଭାବିକ ଭାବେ ନିମ୍ନଆୟକାରୀ ପରିବାର ସଂଖ୍ୟା କମିବ। ରିପୋର୍ଟ ଅନୁସାରେ, ଦେଶରେ ୨୦୧୮ ମସିହାରେ ଥିବା ୪୩ ପ୍ରତିଶତ ସ୍ୱଳ୍ପ ଆୟକାରି ପରିବାରର ସଂଖ୍ୟା ୨୦୩୦ ସୁଦ୍ଧା ୧୫ ପ୍ରତିଶତକୁ ଖସି ଆସିବ। କେବଳ ଯେ ପାରିବାରିକ ଆୟ ବଢୁଛି ତାହା ନୁହେଁ, ଦେଶର ଜିଡିପି ଅନୁପାତରେ ପାରିବାରିକ ଋଣ ବି ବହୁତ କମ ରହିଛି, ଯାହା ଦେଶର ଅର୍ଥନୀତି ପାଇଁ ଶୁଭ ସଂକେତ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦେଶର ଯୁବ ଜନସଂଖ୍ୟା ମଧ୍ୟ ଏହି ଅର୍ଥନୈତିକ ବୈପ୍ଲବିକ ପରିବର୍ତ୍ତନର ଏକ ପ୍ରମୁଖ କାରଣ ହୋଇପାରେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଭାରତରେ ବାସ କରୁଥିବା ଯୁବଗୋଷ୍ଠୀଙ୍କ ହାରାହାରି ବୟସ ୨୯ ରହିଛି। ଅଧିକ ଯୁବ ଜନସଂଖ୍ୟା ଥିବାର କର୍ମବଳ ଅଧିକ ରହିଛି ଓ ନିର୍ଭରଶୀଳତା କମ ରହିଛି। କିନ୍ତୁ ଚୀନ ଓ ୟୁରୋପରେ ସ୍ଥିତି ଓଲଟା ଦେଖିବାକୁ ମିଳିଛି। ଏଠାରେ ଡିପେଣ୍ଡେନ୍ସି ବା ନିର୍ଭରଶୀଳାତ ବଢୁଥିବା କାରଣରୁ ଏହି ଦେଶଗୁଡ଼ିକ ଆଗକୁ ବଡ଼ ଅର୍ଥନୈତିକ ଚ୍ୟାଲେଞ୍ଜ୍ ଦେଖା ଦେଇପାରେ ବୋଲି ଆଞ୍ଜେଲ ଓ୍ୱାନ ସଂସ୍ଥା କହିଛି। ମଜଭୁତ ଅର୍ଥନୀତି ପାଇଁ ଖର୍ଚ୍ଚର ମଧ୍ୟ ଏକ ବଡ଼ ଭୂମିକା ରହିଛି। ଆପଣ ଜାଣି ଖୁସି ହେବେ ଯେ ଭାରତୀୟମାନେ ଅନୁଚିତ ଖର୍ଚ୍ଚ ବଦଳରେ ଉଚିତ ଖର୍ଚ୍ଚ କରୁଛନ୍ତି। କାରଣ ଦେଶର ଜନସଂଖ୍ୟା ଅନୁପାତ ଠାରୁ ପରିବାର ସଂଖ୍ୟା ଅନୁପାତ ବଢୁଥିବାର ଖର୍ଚ୍ଚ ମଧ୍ୟ ଉଚିତ ହେଉଛି। ଯାହା ଦେଶକୁ ଏକ ଉତ୍ତମ ଖର୍ଚ୍ଚ ଶୈଳୀ ଆଡ଼କୁ ଅଗ୍ରସର କରାଉଛି। ଏଥିରେ ଭାରତୀୟ ପରିବାରର ସମୃଦ୍ଧି ପରିଲକ୍ଷିତ ହେଉଛି। ଅନ୍ୟପଟେ ଟ୍ୟାକ୍ସ କଲେକ୍ସନ ବିଷୟରେ ଯଦି ବିଚାର କରାଯାଏ ତେବେ ରିପୋର୍ଟରେ ଏନେଇ ମଧ୍ୟ ସବୁଜ ସଂକେତ ମିଳିଛି। ରିପୋର୍ଟ ଅନୁସାରେ, ୨୦୨୧ ଠାରୁ ବ୍ୟକ୍ତିଗତ ଆୟ କର କର୍ପୋରେଟ କର ଠାରୁ ବଢ଼ିଛି। ଏଥିରୁ ଜଣାପଡ଼ିଛି ଯେ ଦେଶର ଅର୍ଥନୀତି ମଜଭୁତ କରିବା ଦିଗରେ ଦେଶର ନାଗରିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଦେଶର ଦ୍ରୁତ ଆୟ ଅଭିବୃଦ୍ଧି, ସ୍ୱଳ୍ପ ଘରୋଇ ଋଣ ଏବଂ ଯୁବ କର୍ମଜୀବୀଙ୍କ ଉତ୍ତମ ସ୍ଥିତି ଭାରତକୁ ଏ ବିଶ୍ୱ ଅର୍ଥନୈତିକ ଶକ୍ତି ଭାବରେ ସ୍ଥାନିତ କରିଛି। ଯାହା ଆଗାମୀ ଦଶନ୍ଧି ମଧ୍ୟରେ କେବଳ ଘରୋଇ ନୁହେଁ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଅଭିବୃଦ୍ଧି କରିବ ବୋଲି ଆଞ୍ଜେଲ ଓ୍ୱାନ ଓ୍ୱେଲ୍ଥ କହିଛି।

# ‘ପ୍ରସାଦ’ରେ ସାମିଲ ହେବ ମା’ ମଙ୍ଗଳା ଓ କୀଚକେଶ୍ୱରୀ ମନ୍ଦିର




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ‘ତୀର୍ଥଯାତ୍ରା କାୟାକଳ୍ପ ଏବଂ ଆଧାତ୍ମିକ ସମ୍ବର୍ଦ୍ଧନ ଅଭିଯାନ’ (ପ୍ରସାଦ) ଯୋଜନାରେ ଦୁଇ ପ୍ରାଚୀନ ମନ୍ଦିର ପୁରୀ ଜିଲା କାକଟପୁର ସ୍ଥିତ ମା’ ମଙ୍ଗଳା ମନ୍ଦିର ଏବଂ ମୟୂରଭଞ୍ଜ ଜିଲା ଖିଚିଂରେ ଥିବା ମା’ କୀଚକେଶ୍ୱରୀ ମନ୍ଦିରର ଉନ୍ନତିକରଣ କରାଯିବ। ଏନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ପର୍ଯ୍ୟଟନ ବିଭାଗ ପକ୍ଷରୁ କାର୍ଯ୍ୟାନ୍ୱୟନ ଆରମ୍ଭ ହୋଇଛି । ମୟୂରଭଞ୍ଜ ଏବଂ ପୁରୀ ଜିଲାପାଳଙ୍କୁ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା ଏ ନେଇ ଚିଠି ଲେଖିଛନ୍ତି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଦୁଇ ମନ୍ଦିରର ସାମଗ୍ରିକ ବିକାଶ ପାଇଁ ମାଷ୍ଟରପ୍ଲାନ(ସ୍ୱତନ୍ତ୍ର ନକ୍ସା) ପ୍ରସ୍ତୁତ କରାଯାଇଛି । ପ୍ରସାଦ ଯୋଜନା ଜରିଆରେ ଉନ୍ନତିକରଣ କାମ କରାଯିବ। ଏ ନେଇ କେନ୍ଦ୍ର ପର୍ଯ୍ୟଟନ ବିଭାଗକୁ ପ୍ରସ୍ତାବ ଦିଆଯିବ । ସେଥିଯୋଗୁଁ ସଂପୃକ୍ତ ଅଧିକାରୀଙ୍କ ଠାରୁ ଆପତ୍ତିବିହୀନ ପ୍ରମାଣପତ୍ର(ନୋ ଅବଜେକସନ୍ ସାର୍ଟିଫିକେଟ୍)ର ଆବଶ୍ୟକତା ରହିଛି । ପ୍ରସ୍ତାବିତ ଲେ-ଆଉଟ ଯୋଜନା ସହ ସବିଶେଷ ତଥ୍ୟ ଜିଲାପାଳଙ୍କୁ ଦିଆଯାଇଛି । ଜିଲାପାଳ ଏନ୍‌ଓସି ପ୍ରଦାନ କଲେ ଏହି କାର୍ଯ୍ୟ ଆଗେଇବ । ଏନଓସି ଦେବାକୁ ଦୁଇ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପର୍ଯ୍ୟଟନ ନିର୍ଦ୍ଦେଶକ । ଏ ସଂକ୍ରାନ୍ତରେ କୋଣାର୍କ ପର୍ଯ୍ୟଟନ ବିକାଶ ଅଧିକାରୀ ଏବଂ ମୟୂରଭଞ୍ଜ ପର୍ଯ୍ୟଟନ ବିକାଶ ଅଧିକାରୀଙ୍କୁ ଅବଗତ କରାଯିବା ସହ ଏ ଦିଗରେ କାମ କରିବାକୁ କୁହାଯାଇଛି ।

## ରୋଗ ନଥାଇ ରୋଗୀଙ୍କ ଶଯ୍ୟାରେ ୨୦୦ ଅସହାୟ

# ଠିକଣା ହଜାଇ ଏସ୍‌ସିବି ମେଡିକାଲ୍‌ରେ ବିତୁଛି ଦିନ

**କଟକ, ନ୍ୟୁଜ ବ୍ୟୁରୋ**

ଅସହାୟ ସ୍ଥିତିରେ ଅଜଣା, ଅଚିହ୍ନା ବୃଦ୍ଧ କିମ୍ବା ବୃଦ୍ଧା ରୋଗୀ ଜଣେ ଯଦି ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ୍‌ରେ ଆସି ପହଞ୍ଚିଛନ୍ତି, ତାଙ୍କ ପାଇଁ ଆଉ ଫେରିବାର ସୁଯୋଗ ଜୁଟୁନାହିଁ । ସୁସ୍ଥ ହେଲା ପରେ ମଧ୍ୟ ଓ୍ୱାର୍ଡରୁ ଡିସଚାର୍ଜ ହେବାର ସୁବିଧା ବା ସମ୍ଭାବନା ଦିଶୁନାହିଁ । ଯେଉଁଥିପାଇଁ ନିରାଶ୍ରୟ(ଡେଷ୍ଟିଚ୍ୟୁଟ୍) ଓ୍ୱାର୍ଡରେ ଏବେ ପ୍ରାୟ ୨୦୦ ଅସହାୟ ବୃଦ୍ଧ-ବୃଦ୍ଧା ଦୀର୍ଘ ମାସ ମାସ ଧରି ପଡ଼ି ରହିଛନ୍ତି । ନିଜ ଠିକଣା ହଜାଇଥିବା ଏହି ଅସହାୟଙ୍କ ପାଇଁ ଏସ୍‌ସିବି ମେଡିକାଲ ନିରାଶ୍ରୟ ଓ୍ୱାର୍ଡ ଏବେ ଜରାଶ୍ରମ ବା ବୃଦ୍ଧାଶ୍ରମ ପାଲଟିଛି। ସେମାନଙ୍କ ଶରୀରରେ କିଛି ରୋଗ ନାହିଁ। ତେଣୁ ଚିକିତ୍ସା ଦରକାର ପଡୁନାହିଁ। ତେବେ ଚିକିତ୍ସା ଆବଶ୍ୟକ ନଥିଲେ ମଧ୍ୟ ମାସ ମାସ ଧରି ଅନେକ ଅସହାୟ ଡାକ୍ତରଖାନା ଖଟିଆରେ ପଡ଼ି ରହିଛନ୍ତି। ପାଞ୍ଚ କି ଦଶ ଜଣ ନୁହଁ, ପ୍ରାୟ ଦୁଇ ଶହରୁ ଅଧିକ ଅସହାୟ ବୃଦ୍ଧ/ ବୃଦ୍ଧା ରୋଗ ନଥାଇ ବି ରୋଗୀଙ୍କ ମେଳରେ ରହୁଛନ୍ତି । ସେମାନେ ନିଜ ନାଁ, ଗାଁ ସଂପର୍କରେ କିଛି କହି ପାରୁନାହାନ୍ତି । ଯାହା ପଚାରିଲେ ବାଉଳି ଚାଉଳି ହୋଇ ମନଇଛା ପାଟିକୁ ଯାହା ଆସିଲା କହୁଛନ୍ତି। ପରିବାରଠାରୁ ଦୀର୍ଘ ଦିନ ହେଲା ଦୂରେଇ ରହିଥିବା ଏହି ଅସହାୟମାନଙ୍କୁ କୋଳେଇ ନେବା ପାଇଁ କେହି ଆଗେଇ ଆସୁନାହାନ୍ତି । ଏହି ବୃଦ୍ଧ/ବୃଦ୍ଧାଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ଦେଖା ଦେଲାଣି । ଏସ୍‌ସିବି ମେଡିକାଲ୍ ମେଡିସିନ୍, ସର୍ଜରୀ, ଅର୍ଥୋପେଡିକ୍ ଆଦି ବିଭାଗରେ ଅସହାୟ ରୋଗୀମାନଙ୍କ ଚିକିତ୍ସା ଓ ଉପଯୁକ୍ତ ଦେଖାଶୁଣା ପାଇଁ ସ୍ୱତନ୍ତ୍ର ଭାବେ ନିରାଶ୍ରୟ (ଡେଷ୍ଟିଚ୍ୟୁଟ୍) ଓ୍ୱାର୍ଡ ଖୋଲାଯାଇଛି । ଉକ୍ତ ଓ୍ୱାର୍ଡରେ ନିରାଶ୍ରୟ ରୋଗୀଙ୍କ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଥିଲେ ହେଁ ତାହା ରୋଗୀଙ୍କ ଚିକିତ୍ସା ବଦଳରେ ଥଇଥାନ କେନ୍ଦ୍ର ଭାବେ ବ୍ୟବହାର ହେଉଛି । ମେଡିସିନ୍ ବିଭାଗର ନିରାଶ୍ରୟ ରୋଗୀଙ୍କ ପାଇଁ ଖୋଲାଯାଇଥିବା ଓ୍ୱାର୍ଡରେ ସ୍ୱତନ୍ତ୍ର ଭାବେ ୩୦ଟି ବେଡ୍ ରହିଛି । ମାତ୍ର ଏଠାରେ ଶହେରୁ ଅଧିକ ଅସହାୟ ରହୁଥିବା ଦେଖିବାକୁ ମିଳିଛି । ସେହିପରି ସର୍ଜରୀ ବିଭାଗ ଓ୍ୱାର୍ଡରେ ୨୧ଟି ବେଡ୍ ରହିଥିବା ବେଳେ ପାଖାପାଖି ୪୦ ଜଣ ଅସହାୟ ବୃଦ୍ଧ/ ବୃଦ୍ଧା ରହୁଛନ୍ତି । ଅର୍ଥୋପେଡିକ୍ ବିଭାଗ ନିରାଶ୍ରୟଙ୍କ ଲାଗି ୧୫ ଟି ବେଡ୍ ଉପଲବ୍ଧ ରହିଥିଲେ ହେଁ ଏଠାରେ ୪୦ରୁ ଅଧିକ ଲୋକ ରହିଛନ୍ତି । ରୋଗୀଙ୍କ ଚିକିତ୍ସା ଲାଗି ଉକ୍ତ ବେଡ୍ ଗୁଡ଼ିକରେ ଅସହାୟ ବୃଦ୍ଧ/ବୃଦ୍ଧା ଶୋଇଥିବା ବେଳେ ଆଉ କେତେକ ଚଟାଣରେ ଗଡୁଛନ୍ତି । ଏପରି ସ୍ଥିତିରେ ଯଦି କେହି ଅସହାୟ ରୋଗୀ ଚିକିତ୍ସା ପାଇଁ ନିରାଶ୍ରୟ ଓ୍ୱାର୍ଡରେ ଭର୍ତ୍ତି ହେଉଛନ୍ତି ତାଙ୍କୁ ବେଡ୍ ମିଳିପାରୁନାହିଁ। ଫଳରେ ସମ୍ପୃକ୍ତ ରୋଗୀ ଚଟାଣରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ପାଇଁ ଆସୁଥିବା ଅସହାୟ ରୋଗୀମାନେ ଥରଟିଏ ଓ୍ୱାର୍ଡରେ ଭର୍ତ୍ତି ହୋଇଗଲା ପରେ ଆଉ ସେମାନଙ୍କୁ ଅନ୍ୟତ୍ର ପଠାଯିବାର ବନ୍ଦୋବସ୍ତ ନାହିଁ । ଫଳରେ ନିରାଶ୍ରୟ ଓ୍ୱାର୍ଡରେ ଅନାବଶ୍ୟକ ଭାବେ ଅନେକ ଅସହାୟଙ୍କର ଜୀବନ ଅନ୍ୟ ରୋଗୀଙ୍କ ମେଳରେ ବିତୁଛି । ସୁସ୍ଥ ହେବା ପରେ ସମ୍ପୃକ୍ତ ଅସହାୟମାନଙ୍କୁ ଡାକ୍ତରଖାନାରୁ ନେଇ ଅନ୍ୟତ୍ର କୌଣସି ବୃଦ୍ଧାଶ୍ରମ କିମ୍ବା ଆଶ୍ରୟସ୍ଥଳରେ ଥଇଥାନ କରିବା ଦାୟିତ୍ୱ ସିଏମ୍‌ସି ଏବଂ ଜିଲ୍ଲା ପ୍ରଶାସନର ହୋଇଥିଲେ ହେଁ ଏଥିପ୍ରତି ପ୍ରଶାସନିକ ସ୍ତରରେ ଉଦ୍ୟମ ହେଉନାହିଁ। ଅନ୍ୟପକ୍ଷରେ ବିଭିନ୍ନ ନିରାଶ୍ରୟ ଓ୍ୱାର୍ଡରେ ଥିବା ଅସହାୟଙ୍କୁ ସ୍ଥାନାନ୍ତର ଲାଗି ପ୍ରାୟ ଦୀର୍ଘ ଦିନ ହେଲା ଏସ୍‌ସିବି ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ସିଏମ୍‌ସିକୁ ଚିଠି ଲେଖା ଚାଲିଥିଲେ ହେଁ ଫଳ ଶୂନ। ଗତ ସପ୍ତାହରେ ଏସ୍‌ସିବିରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଏନେଇ କ୍ଷୋଭ ପ୍ରକାଶ ପାଇଥିଲା । କଟକ ସାଂସଦ ଭର୍ତ୍ତୃହରି ମହତାବ ଆଲୋଚନାରେ ଅଂଶଗ୍ରହଣ କରି ବୃଦ୍ଧାଶ୍ରମ ନିର୍ମାଣ ଉପରେ ଗୁରୁତ୍ୱ ଦେବା ସହ ଅସହାୟଙ୍କୁ ସ୍ଥାନାନ୍ତର କରାଇବା ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ ।



ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ତୈଳ ବଜାରରେ ଏକ ବଡ଼ ଧରଣର ପରିବର୍ତ୍ତନ

ବିଶ୍ୱ ତୈଳ ବଜାରରେ ଏକ ବଡ଼ ଧରଣର ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ରୁଷ୍-ୟୁକ୍ରେନ ଯୁଦ୍ଧ ହେବା ପରେ ପାରମ୍ପରିକ ତୈଳ ଯୋଗାଣକାରୀ ଦେଶର ସମୂହ 'ଓପେକ୍'ର ଗଡ଼ କୁହାଯାଉଥିବା ବଜାରଗୁଡ଼ିକରେ ଦ୍ରୁତ ଗତିରେ ଆମେରିକା ଏହାର ଆଧିପତ୍ୟ ସାବ୍ୟସ୍ତ କରିବାରେ ଲାଗିଛି। ବିଶେଷ କରି ରୁଷ୍ ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ କଟକଣା ଲଗାଇବା ପରେ ଆମେରିକାର ତେଲ ଯୋଗାଣକାରୀମାନେ ସେହି ଅଭାବ ପୂରଣ କରିବା ଲାଗି ଆଗେଇ ଆସିବା ସହ ଗ୍ରାହକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଉଦ୍ୟମ କରୁଛନ୍ତି।

ବିଶ୍ୱର ଦୁଇ ପ୍ରମୁଖ ତେଲ ଯୋଗାଣକାରୀ ଦେଶ ରୁଷ୍ ଏବଂ ଭେନେଜୁଏଲା ଉପରେ କଟକଣା ଲଗାଯିବା ପରେ ଯଦି କୌଣସି ଦେଶକୁ ତାହାର ସର୍ବାଧିକ ଲାଭ ମିଳିଛି ତେବେ ତାହା ହେଉଛି ଆମେରିକା। ଏହା ଦ୍ରୁତ ଗତିରେ ଓପେକ୍ର ଗଡ଼ କୁହାଯାଉଥିବା ଦେଶଗୁଡ଼ିକରେ ପ୍ରବେଶ କରୁଛି। ଆମେରିକାରୁ ୟୁରୋପ ଓ ଏସିଆର ବିଭିନ୍ନ ଦେଶକୁ ତେଲ ଯୋଗାଣ ବୃଦ୍ଧି ପାଇଛି। ଅବଶ୍ୟ ଏବେ ସୃଷ୍ଟି ହୋଇଥିବା ସ୍ଥିତି ଲାଗି ଓପେକ୍+ ମଧ୍ୟ କିଛି ପରିମାଣରେ ଦାୟୀ। ସେମାନେ ନିଜ ଆଡୁ ତେଲ ଯୋଗାଣ କମ୍ କରିବାରୁ ଆମେରିକା ସେହି ବଜାରଗୁଡ଼ିକରେ ପ୍ରବେଶ କରିବାର ସୁଯୋଗ ସୃଷ୍ଟି ହୋଇଥିଲା। ଗୋଟିଏ ପଟେ ଆମେରିକା ଏହାର ତେଲ ଉତ୍ପାଦନ ବଢ଼ାଇଥିବା ବେଳେ ଓପେକ୍ ଓ ରୁଷ୍ ସେମାନଙ୍କ ଉତ୍ପାଦନ ହ୍ରାସ କରିଛନ୍ତି। ସେଥିପାଇଁ ତେଲ ବଜାରରେ ଆମେରିକାର ଭାଗ ବୃଦ୍ଧି ପାଇଛି। ଯୁଦ୍ଧ ପରେ ରୁଷ୍ରୁ ସର୍ବାଧିକ ତେଲ ମଗାଉଥିବା ଭାରତ ମଧ୍ୟ ଆମେରିକାରୁ ତେଲ କିଣିବା ଆରମ୍ଭ କରିଛି। ମାର୍ଚ୍ଚରେ ଆମେରିକାରୁ ଅଧିକ ପରିମାଣର ତେଲ ଭାରତ ଆସିଛି ବୋଲି କେପ୍ଲର୍ ତଥ୍ୟରୁ ଜଣାପଡ଼ିଛି। ରୁଷ୍ର ସୋମକମ୍ପ୍ଲୋଟ୍ ଟ୍ୟାଙ୍କରରେ ଆସୁଥିବା ତେଲ ଗ୍ରହଣ କରିବାକୁ ଭାରତ ମନା କରିଦେଇଥିବାରୁ ଆଗାମୀ ଦିନରେ ରୁଷ୍ ତେଲ ଆହୁରି ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ରୁଷ୍ର ସ୍ଥାନ ନେବା ଭଳି ସ୍ଥିତିରେ ଆମେରିକା ଏପର୍ଯ୍ୟନ୍ତ ପହଞ୍ଚିପାରିନାହିଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'**


ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

ଭାଷା ଭାବନା



ଡ଼ଃ. ଦେବାଶିଷ ମହାପାତ୍ର
ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,
ଏନ୍.ସି.ଇ.ଆର୍.ଟି,
ଭୁବନେଶ୍ୱର-୨୨
ମୋ- ୬୩୭୨୦୮୨୬୯୦

# ଅଯୋଗବାହ

ଆମ ଭାଷାର ବୈଶିଷ୍ଟ୍ୟ ବିବିଧ। ଆମର ସମସ୍ତ ବ୍ୟଞ୍ଜନ ସ୍ୱରାନ୍ତ। ବ୍ରାହ୍ମୀଲିପିର ପ୍ରଭାବରେ ଆମ ଅକ୍ଷର ତ୍ରିକୋଣାକାର ଯେମିତିକି- ଏ,ଐ। ଦ୍ରାବିଡ଼ ଲିପି ପ୍ରଭାବରେ ଏହା ବର୍ତ୍ତୁଳାକାର। କ, ଖ, ଗ, ଘ, ପ, ଫ, ବ, ଭ, ଦ, ଧ, ଅ, ଆ। ସ୍ୱରବିନା ବ୍ୟଞ୍ଜନ ଉଚ୍ଚାରିତ ହୋଇପାରେନି। ଏମିତି କେତେ କଥା। ସେମିତି ଆଉ ଗୋଟିଏ କଥା ଅଯୋଗବାହ। ଅନୁସ୍ୱାର, ଚନ୍ଦ୍ରବିନ୍ଦୁ ଓ ବିସର୍ଗ ଆମେ ସ୍ୱତନ୍ତ୍ରଭାବେ ଉଚ୍ଚାରଣ କରି ନଥାଉ। ସ୍ୱର କିମ୍ବା ବ୍ୟଞ୍ଜନ ପର୍ଯ୍ୟାୟରେ ଆସୁନଥିବାରୁ ଏହି ତିନୋଟି ଧ୍ୱନି ସଙ୍କେତକୁ ଆମେ ଅଯୋଗବାହ କହୁ। ଏଗୁଡ଼ିକ ସ୍ୱର କି ମ୍ବା ବ୍ୟଞ୍ଜନ ବର୍ଣ୍ଣ ସହ ଯୋଗହେଲେ ହିଁ ଉଚ୍ଚାରିତ ହୋଇପାରନ୍ତି। ଯେମିତିକି ଅନୁସ୍ୱାର- ଅଂଶ, କଂସ, ବଂଶୀ, ହଂସ, ହିଂସା, କାଂସ୍ୟ। ଚନ୍ଦ୍ରବିନ୍ଦୁ-ଏଁ, କେଉଁ, କାହିଁକି, ପାଇଁ, ନାଇଁ, କଇଁ,। ବିସର୍ଗ- ଦୁଃଖ, ନିଃଶ୍ୱାସ, ଦୁଃସାହସ, ନିଃସହାୟ। ଆମ ଭାଷାରେ ବ୍ୟବହାର ହେଉଥିବା ଅନୁସ୍ୱାରକୁ ଆମେ ଏକ ଅଯୋଗବାହ ବର୍ଣ୍ଣ କହିଥାଉ। ଏହା ଦେଖିବାକୁ ଏକ ବିନ୍ଦୁ ଭଳି। ଏହା ଅକ୍ଷର ଆଶ୍ରିତ। ସଂଯୁକ୍ତ ବର୍ଣ୍ଣରେ ନାସିକ୍ୟ ଉଚ୍ଚାରଣ ପାଇଁ ଏହାକୁ ବିକଳ୍ପ ଭାବେ ବ୍ୟବହାର କରାଯାଏ। ତେବେ ନାସିକ୍ୟ ବ୍ୟଞ୍ଜନ ଏହାର ଅଲଗା ବ୍ୟବହାର ନାହିଁ। ଅନ୍ୟାନ୍ୟ ଧ୍ୱନିକୁ ନାସିକ୍ୟ କରିବା ପାଇଁ ଅନୁସ୍ୱାରର ବ୍ୟବହାର ହୋଇଥାଏ। ଯେମିତିକି- ଅଂକ, ମଂଜି, ସ୍ୱୟଂ। ଆମ ବ୍ୟାକରଣରେ ସବୁ ନାସିକ୍ୟଯୁକ୍ତ ବ୍ୟଞ୍ଜନକୁ ଅନୁସ୍ୱାର ଦେଇ ଲେଖିବାପାଇଁ ଅନୁମତି ଦିଆଯାଇଛି। ଯଥା-ପା-ପାଞ୍ଚ, କଣ୍ଠା-କଣ୍ଠା, ଦାନ୍ତ-ଦାନ୍ତ, କମ୍ପ-କଂପ। 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ପ୍ରଥମଖଣ୍ଡ ପୃଷ୍ଠା ୩୪୦ରେ କୁହାଯାଇଛି-" ଅନୁସ୍ୱାର ହେଉଛି ସ୍ୱରବର୍ଣ୍ଣ ପରେ ଥିବା ମ ଅନୁନାସିକ ବିନ୍ଦୁ ଚିହ୍ନିତ ସ୍ୱର ଅଯୋଗବାହ ବର୍ଣ୍ଣ।" ପାରଂପରିକ ବ୍ୟାକରଣରେ ଚନ୍ଦ୍ରବିନ୍ଦୁକୁ ଅନୁନାସିକ ବର୍ଣ୍ଣ ଭାବେ ବର୍ଣ୍ଣନା କରାଯାଇଛି। ଚନ୍ଦ୍ରବିନ୍ଦୁର ପ୍ରୟୋଗ ସଂସ୍କୃତ ଭାଷାରୁ ଆସିଛି। କ୍ରମେ ଏହା ଓଡ଼ିଆ ଭାଷା ସହ ଭାରତର ସମସ୍ତ ପ୍ରାଦେଶିକ ଭାଷାରେ ବ୍ୟବହାର ହୋଇଆସୁଛି। ଆମ ବ୍ୟାକରଣରେ ଧ୍ୱନି ବିଜ୍ଞାନ ଅନ୍ତର୍ଗତ ଅନୁନାସିକ ଉଚ୍ଚାରଣ ତଥା ନାସିକ୍ୟକରଣ ପ୍ରକ୍ରିୟାରେ ସ୍ୱର ଓ ବ୍ୟଞ୍ଜନ ଧ୍ୱନିମାନଙ୍କର ନାସିକ୍ୟ କରଣକୁ ଲିଖିତ ଭାବରେ ସୂଚେଇ ଦେବା ପାଇଁ ଚନ୍ଦ୍ରବିନ୍ଦୁକୁ ଶୀର୍ଷଦେଶରେ ଯୁକ୍ତ କରାଯାଇଥାଏ। ସେହିଭଳି ଅନ୍ୟତମ ଅଯୋଗବାହ ବର୍ଣ୍ଣବିସର୍ଗ। ଆଃ, ଉଃ, ବାଃ ଏମିତି କେତେ ଅର୍ଥରେ ଏ ଅଯୋଗବାହର ବ୍ୟବହାର। ଏହା ଏକ ଅକ୍ଷର ଆଶ୍ରିତବର୍ଣ୍ଣ ଭାବରେ ଓଡ଼ିଆ ବର୍ଣ୍ଣମାଳାରେ ସ୍ଥାନ ପାଇଛି। ଓଡ଼ିଆରେ ଏହାର ଉଚ୍ଚାରଣ 'ହ' ଧ୍ୱନି ସହ ସମାନ ଓଡ଼ିଆ ଭାଗବତରେ ବି ବିସର୍ଗ କଥା ଉଲ୍ଲେଖ ଅଛି-

ବିନ୍ଦ୍ୱନୁସାର ଏ ବୋଲଇ। ସେ ବିନ୍ଦୁ ଯେବେ ଦୁଇ ହୋଇ।।
ବିସର୍ଗ ନାମ ସେ ବୋଲଇ। ଗଜ ଶୁଣ୍ଡାକୃତି ସେ ହୋଇ ।।

ଭାଷା ବିଜ୍ଞାନୀ କୁଞ୍ଜବିହାରୀ ତ୍ରିପାଠୀ, 'ଭାଷା ଓ ଲିପି' (୨୦୧୭)ର ପୃଷ୍ଠା ୨୩୮ରେ 'ଓଡ଼ିଆ ବର୍ଣ୍ଣମାଳା ଓ ତାହାର ଉଚ୍ଚାରଣ ବିଧି'ରେ ଏକଥା ଆଲୋଚନା କରିଛନ୍ତି। ଆମେ ଯଦି ଆମ ଅକ୍ଷର କଥା ଦେଖିବା, ତେବେ ଦେଖିବା ଆମର ଅକ୍ଷରର ଦୁଇଟି ଭାଗ ତଳଭାଗ ଓ ଉପରଭାଗ। ଆମ ଅକ୍ଷରର ଦୁଇପ୍ରକାର ଲିଖନ ପଦ୍ଧତି, ପ୍ରଚଳିତ ଶୈଳୀ ଓ କରଣୀ ଶୈଳୀ। ପ୍ରଚଳିତ ଶୈଳୀଟି ଅଧ୍ୟୟନ, ଲେଖାପଢ଼ାରେ ବ୍ୟବହାର ହେଉଥିବାବେଳେ କରଣୀ ଶୈଳୀ ସିରସ୍ତାଦାର, ପେଶାଦାର, ଆଇନ ଅଦାଲତ କାମରେ ବ୍ୟବହାର ହେଉଛି। ଆମ ବର୍ଣ୍ଣମାଳାରେ ଅଯୋଗବାହ ବର୍ଣ୍ଣ, ସ୍ୱର ବର୍ଣ୍ଣ, ମାତ୍ରା, ବର୍ଗ୍ୟ ଓ ଅବର୍ଗ୍ୟ ବ୍ୟଞ୍ଜନ ଫଳା ଓ ଯୁକ୍ତାକ୍ଷର ଆଦିର ବ୍ୟବହାର ରହିଛି। ଅନୁସ୍ୱାର ଯୋଗରେ ଆମେ ଶବ୍ଦ ଗଢ଼ିଥାଉ- ମାଂସ, ବଂଶୀ, ବଂଶ, କଂସ, ହିଂସା, ଅଂଶୁ, ସଂସାର, ମୀମାଂସା, ଦଂଶନ, ସଂହତି ଇତ୍ୟାଦି। ବିସର୍ଗ ଯୋଗରେ- ଦୁଃଖ, ଦୁଃଖୀ, ଦୁଃଖିତ, ନିଃଶେଷ, ନିଃସହାୟ, ଦୁଃସାହସ, ଦୁଃସମୟ। ଚନ୍ଦ୍ରବିନ୍ଦୁ ଯୋଗକରି ଆମେ ଶବ୍ଦ ଗଢୁ- ନିଆଁ, ନାହିଁ, ଭଉଁରୀ, ଚଉଁରୀ, କଅଁଳପିଳା, ଯାଆଁଳା ଇତ୍ୟାଦି। ଅଯୋଗବାହ ଆମ ଭାଷାର ଅବିଚ୍ଛେଦ୍ୟ ଅଙ୍ଗ। ଆମ ବ୍ୟାକରଣରେ ଅଯୋଗବାହର ଆବଶ୍ୟକତା ଅନେକ ସମୟରେ ଅନୁଭୂତ ହୁଏ। ଅଯୋଗବାହ ଆମ ଭଷାର ଅନ୍ୟତମ ବୈଶିଷ୍ଟ୍ୟ। ଆଗରୁ ଆଲୋଚନା କରିଛେ ଯେ, ବର୍ଣ୍ଣର ଲିଖିତ ରୂପ ଅକ୍ଷର। ବର୍ଣ୍ଣଗୁଡ଼ିକ ଉଚ୍ଚାରଣ ପରେ ପରେ ହୁଏତ ଲୋପ ପାଇଯାଏ। ତେବେ ତା'କୁ ଧରି ରଖେ ଅକ୍ଷର। ଆଉ ତା'ର ସାମୂହିକ ସ୍ୱରୂପ ଲିପି। ବର୍ଣ୍ଣ ଆମ ଭାଷାର ସୌନ୍ଦର୍ଯ୍ୟ, ଆମ ଭାଷାର ଆଧାର।



ହିତାଂଶୁ ଶେଖର ମହାନ୍ତ
ଯଶିପୁର, ମୟୂରଭଞ୍ଜ,
ମୋ-୯୪୩୭୮୭୨୯୦୪

# ଭାରତୀୟ ମତ୍ସ୍ୟଜୀବୀଙ୍କ ପେଟରେ ସିଂହଳୀ ନାତ

**ସଂସଦରେ ଦିଆଯାଇଥିବା ତଥ୍ୟାନୁସାରେ ଗତ ଏକ ଦଶନ୍ଧିର ସରକାରୀ ନଥି କହୁଛି, ୨୦୨୪ ମସିହାରେ ଶ୍ରୀଲଙ୍କାରେ ୫୨୮ ଜଣ ମତ୍ସ୍ୟଜୀବୀ ଗିରଫ ହୋଇଛନ୍ତି । ଫଳରେ ବିଗତ ୧୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଶ୍ରୀଲଙ୍କାରେ ଗିରଫ ଭାରତୀୟ ମତ୍ସ୍ୟଜୀବୀଙ୍କ ସଂଖ୍ୟା ୫୦୦ ଟପିଯାଇଛି । ଅବଶ୍ୟ ୨୦୧୪ ମସିହାରେ ଏହି ସଂଖ୍ୟା ୭୮୭ ଥିଲା । ଏଥିରୁ ଭାରତୀୟମାନଙ୍କ ପ୍ରତି ଶ୍ରୀଲଙ୍କାର ଅସୂୟା ମନୋଭାବ ସ୍ପଷ୍ଟ ବାରି ହେଉଛି । ନିଜ ଦାରିଦ୍ର୍ୟକୁ ଦୂର କରିବାକୁ ଚେଷ୍ଟା ନ କରି ଶ୍ରୀଲଙ୍କା ପଡ଼ୋଶୀ ପାକିସ୍ତାନ ଓ ବାଂଲାଦେଶ ପରି ଭାରତୀୟଙ୍କ ଉନ୍ନତି (ସେମାନଙ୍କଠାରୁ ତ' ଉନ୍ନତ ନା !) ଦେଖି ଈର୍ଷାରେ ଜଳିପୋଡ଼ି ଯାଉଥିବାର ଏହା ହିଁ ପ୍ରମାଣ । ଗତ ଫେବ୍ରୁଆରୀ ୩ ତାରିଖ ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଲେଖିଥିବା ଏକ ପତ୍ରରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ କହିଥିଲେ, ଆଜି ବି ଶ୍ରୀଲଙ୍କା କବଳରେ ୯୭ ଜଣ ଭାରତୀୟ ମତ୍ସ୍ୟଜୀବୀ ରହିଛନ୍ତି। ୨୧୬ଟି ମାଛଧରା ଡଙ୍ଗାକୁ ମଧ୍ୟ 'ପାକ୍ ଜଳସଂଯୋଗୀ' ଅଞ୍ଚଳରୁ ସିଂହଳୀ ନୌସେନା ଦାଦାଗିରି କରି ଉଠାଇ ନେଇଛି । ଚିନ୍ତାଜନକ ବିଷୟ ହେଉଛି, ପୂର୍ବଭଳି ଗିରଫ ଭାରତୀୟ ମତ୍ସ୍ୟଜୀବୀମାନଙ୍କୁ କେବଳ ଚେତାବନୀ କିମ୍ବା ଜରିମାନା ଆଦାୟ କରି ଛାଡ଼ିଦେବା ପରିବର୍ତ୍ତେ ଶ୍ରୀଲଙ୍କା ଆନ୍ତର୍ଜାତିକ ସାମୁଦ୍ରିକ ସୀମାରେଖା (ଆଇଏମବିଏଲ) ଉଲ୍ଲଂଘନ ଅପରାଧର ଦଫା ଲଗାଇ ସେମାନଙ୍କ ମୁକୁଳିବା ବାଟକୁ କଣ୍ଟକାକୀର୍ଣ୍ଣ କରି ପକାଇଛି । ଏହା ନିଶ୍ଚିତ ଭାବରେ ଏକ ଉତ୍ତମ ପଡ଼ୋଶୀର ଲକ୍ଷଣ ନୁହେଁ ।**

ଭାରତର ଦକ୍ଷିଣପୂର୍ବ (ପ୍ରମୁଖତଃ ତାମିଲନାଡୁ) ସମୁଦ୍ର ତଟ ଏବଂ ଶ୍ରୀଲଙ୍କାର ଉତ୍ତରାର୍ଦ୍ଧ ମଧ୍ୟରେ ଏମିତି ଏକ ସ୍ଥାନ ରହିଛି, ଯାହାକୁ ଇଂରାଜୀରେ (Palk Strait), ହିନ୍ଦୀରେ (ପାକ୍ ଖାଡି) କୁହାଯାଉଥିବା ବେଳେ ଏହାର ଓଡ଼ିଆରେ ଅର୍ଥ ହେବ 'ପାକ୍ ଜଳସଂଯୋଗୀ' । ମାନେ ଏକ ସ୍ୱଳ୍ପ ଗଭୀରତାପୂର୍ଣ୍ଣ ଜଳଡମ୍ବରୁ, ଯାହାର ସର୍ବାଧିକ ଗଭୀରତା ହେଉଛି ମାତ୍ର ୧୩ ମିଟର। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ହେଉଛି ଭାରତୀୟ, ବିଶେଷକରି ଦକ୍ଷିଣ ଭାରତୀୟ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି । କିନ୍ତୁ ଏଇଠି ବେଶ୍ କିଛିଦିନ ହେଲା, ଶ୍ରୀଲଙ୍କା "କେଁ" ପୂରାଇ ଦେଇଛି। ବାରମ୍ବାର ଭାରତୀୟ ମତ୍ସ୍ୟଜୀବୀମାନଙ୍କୁ ଗିରଫ କରି ସେମାନଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରୁଛି । ଏଥିରୁ ପାକିସ୍ତାନ ଭଳି ଶ୍ରୀଲଙ୍କା ମଧ୍ୟ ଭାରତ ପ୍ରତି କିଭଳି ଈର୍ଷାପରାୟଣତା ଅବଲମ୍ବନ କରୁଛି, ତାହା ସ୍ପଷ୍ଟ ହୋଇଛି। ଶ୍ରୀଲଙ୍କାର ନୌସେନା ଗତ ଫେବ୍ରୁଆରୀ ୮ ତାରିଖ ମନ୍ନାରର ଉତ୍ତର ଦିଗକୁ ଅବୈଧ ଭାବରେ ତା' ଉପକୂଳରେ ପଶି ମାଛ ଧରୁଥିବା ଅଭିଯୋଗ ଆଣି ତାମିଲନାଡୁ ରାମନାଥପୁରମ୍ ଜିଲ୍ଲାର ୧୪ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିନେଇଛି । ଏଥିସହ ସେମାନଙ୍କର ଦୁଇଟି ମାଛଧରା ଟ୍ରଲର ମଧ୍ୟ ଜବତ କରିଛି । ଗତ ଜାନୁଆରୀ ୨୭ ତାରିଖ ମଧ୍ୟ ସିଂହଳୀ ନୌସେନା ଡେଲ୍ଫ ଦ୍ୱୀପ ନିକଟରେ ଏକ ଭାରତୀୟ ଡଙ୍ଗା ଉପରକୁ ଗୁଳିମାଡ଼ କରିଥିଲା, ଯେଉଁଥିରେ ଦୁଇଜଣ ମତ୍ସ୍ୟଜୀବୀ ଗୁରୁତର ଆହତ ହୋଇଥିଲେ । ତେବେ ଗତ ୮ ତାରିଖର ଘଟଣାକୁ ମିଶାଇ ୨୦୨୫ ବର୍ଷର ପ୍ରଥମ ଦୁଇମାସ ନ ସରୁଣୁ ଶ୍ରୀଲଙ୍କା ଦ୍ୱାରା ଭାରତୀୟ ମତ୍ସ୍ୟଜୀବୀଙ୍କ ଗିରଫ ସଂଖ୍ୟା ୭୭ ଛୁଇଁଲାଣି । ଏଇମାତ୍ର ଗତ ସପ୍ତାହରେ ଶ୍ରୀଲଙ୍କାର ଏକ କୋର୍ଟ ତାମିଲନାଡୁ ପୁଡୁଚେରୀସ୍ଥିତ କରାଇକଲର ୯ ଜଣ ମତ୍ସ୍ୟଜୀବୀଙ୍କୁ ଛାଡ଼ିଥିଲା । ମାତ୍ର ଆଉ ଜଣକୁ ୬ ମାସ ଜେଲ୍ ଦଣ୍ଡାଦେଶ ମିଳିଥିଲା। ଖାଲି ସେତିକି ନୁହେଁ, ଅନଧିକାର ପ୍ରବେଶ ବାହାନା କରି ଶ୍ରୀଲଙ୍କା ଭାରତୀୟ ମତ୍ସ୍ୟଜୀବୀମାନଙ୍କ ଉପରେ ମନଇଚ୍ଛା ଅର୍ଥଦଣ୍ଡ ଲଗାଉଛି। ଫଳରେ ସେମାନେ ମୁକୁଳିବା ଏକରକମ ଅସମ୍ଭବ ହୋଇପଡୁଛି ।

ସଂସଦରେ ଦିଆଯାଇଥିବା ତଥ୍ୟାନୁସାରେ ଗତ ଏକ ଦଶନ୍ଧିର ସରକାରୀ ନଥି କହୁଛି, ୨୦୨୪ ମସିହାରେ ଶ୍ରୀଲଙ୍କାରେ ୫୨୮ ଜଣ ମତ୍ସ୍ୟଜୀବୀ ଗିରଫ ହୋଇଛନ୍ତି । ଫଳରେ ବିଗତ ୧୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଶ୍ରୀଲଙ୍କାରେ ଗିରଫ ଭାରତୀୟ ମତ୍ସ୍ୟଜୀବୀଙ୍କ ସଂଖ୍ୟା ୫୦୦ ଟପିଯାଇଛି । ଅବଶ୍ୟ ୨୦୧୪ ମସିହାରେ ଏହି ସଂଖ୍ୟା ୭୮୭ ଥିଲା । ଏଥିରୁ ଭାରତୀୟମାନଙ୍କ ପ୍ରତି ଶ୍ରୀଲଙ୍କାର ଅସୂୟା ମନୋଭାବ ସ୍ପଷ୍ଟ ବାରି ହେଉଛି । ନିଜ ଦାରିଦ୍ର୍ୟକୁ ଦୂର କରିବାକୁ ଚେଷ୍ଟା ନ କରି ଶ୍ରୀଲଙ୍କା ପଡ଼ୋଶୀ ପାକିସ୍ତାନ ଓ ବାଂଲାଦେଶ ପରି ଭାରତୀୟଙ୍କ ଉନ୍ନତି (ସେମାନଙ୍କଠାରୁ ତ' ଉନ୍ନତ ନା !) ଦେଖି ଈର୍ଷାରେ ଜଳିପୋଡ଼ି ଯାଉଥିବାର ଏହା ହିଁ ପ୍ରମାଣ । ଗତ ଫେବ୍ରୁଆରୀ ୩ ତାରିଖ ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଲେଖିଥିବା ଏକ ପତ୍ରରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ କହିଥିଲେ, ଆଜି ବି ଶ୍ରୀଲଙ୍କା କବଳରେ ୯୭ ଜଣ ଭାରତୀୟ ମତ୍ସ୍ୟଜୀବୀ ରହିଛନ୍ତି। ୨୧୬ଟି ମାଛଧରା ଡଙ୍ଗାକୁ ମଧ୍ୟ 'ପାକ୍ ଜଳସଂଯୋଗୀ' ଅଞ୍ଚଳରୁ ସିଂହଳୀ ନୌସେନା ଦାଦାଗିରି କରି ଉଠାଇ ନେଇଛି । ଚିନ୍ତାଜନକ ବିଷୟ ହେଉଛି, ପୂର୍ବଭଳି ଗିରଫ ଭାରତୀୟ ମତ୍ସ୍ୟଜୀବୀମାନଙ୍କୁ କେବଳ ଚେତାବନୀ କିମ୍ବା ଜରିମାନା ଆଦାୟ କରି ଛାଡ଼ିଦେବା ପରିବର୍ତ୍ତେ ଶ୍ରୀଲଙ୍କା ଆନ୍ତର୍ଜାତିକ ସାମୁଦ୍ରିକ ସୀମାରେଖା (ଆଇଏମବିଏଲ) ଉଲ୍ଲଂଘନ ଅପରାଧର ଦଫା ଲଗାଇ ସେମାନଙ୍କ ମୁକୁଳିବା ବାଟକୁ କଣ୍ଟକାକୀର୍ଣ୍ଣ କରି ପକାଇଛି । ଏହା ନିଶ୍ଚିତ ଭାବରେ ଏକ ଉତ୍ତମ ପଡ଼ୋଶୀର ଲକ୍ଷଣ ନୁହେଁ ।

ଭାରତ ଏବଂ ଶ୍ରୀଲଙ୍କାର ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ 'ପାକ୍ ଜଳସଂଯୋଗୀ' ଓ ଏହାକୁ ଘେରି ରହିଥିବା ଗଭୀର ଜଳରୁ ମାଛଧରିବାକୁ ନେଇ ସର୍ବଦା ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଛି। ତେବେ ଉତ୍ତର ଶ୍ରୀଲଙ୍କାର ମତ୍ସ୍ୟଜୀବୀମାନେ ଏହାର ଏକ ସ୍ଥାୟୀ ସମାଧାନ ଚାହୁଁଥିବା ବେଳେ ତାଙ୍କ ଦେଶର ସରକାର ହୁଏତ ଅନ୍ୟ କିଛି ଚାହୁଁଛି । ସମାଧାନର ପନ୍ଥା ବାହାର କରିବାକୁ ଆଲୋଚନା ନିମନ୍ତେ ଭାରତୀୟ ମତ୍ସ୍ୟଜୀବୀମାନଙ୍କର ବାରମ୍ବାର ଅନୁରୋଧରେ ଶେଷଥର ପାଇଁ ୨୦୧୬ ନଭେମ୍ବରରେ ଏକ ବୈଠକ ହୋଇଥିଲା । ଗତ ୨୦୨୪ ଅକ୍ଟୋବରରେ କଲମ୍ବୋରେ ଆୟୋଜିତ ମିଳିତ ବୈଠକରେ ମଧ୍ୟ ଭାରତ ଏହି ପ୍ରସଙ୍ଗ ଉଠାଇଥିଲା । ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଏ ସମ୍ପର୍କରେ ଆଲୋଚନା କରି କିଛି ଗୋଟିଏ ନିଷ୍କର୍ଷରେ ପହଞ୍ଚିବାକୁ ଅନିଚ୍ଛା ପ୍ରକାଶ କରିଛି । ତେବେ ନୂଆଦିଲ୍ଲୀ ସହ କଲମ୍ବୋ ମଧ୍ୟ ଏକଥା ବୁଝିବା ଆବଶ୍ୟକ ଯେ, ପରସ୍ପର ମଧ୍ୟରେ ରାଗରୋଷର ରାଜନୀତି ଛାଡ଼ି ଏକ ନୂଆ ମାନସିକତା ଆପଣାଇବା ବର୍ତ୍ତମାନ ସମୟର ଆବଶ୍ୟକତା । ତାହା ନ କରି ଶ୍ରୀଲଙ୍କା ତା'ର ପ୍ରକୃତି ବିପରୀତ କାର୍ଯ୍ୟ କରିବା, ଏପରିକି ପାକିସ୍ତାନ, ବାଂଲାଦେଶ, ସାଉଦି ଆରବ ଏବଂ କାତାର ଭଳି ପଡ଼ୋଶୀ ରାଷ୍ଟ୍ର ଯେତେ ଭାରତୀୟ ମତ୍ସ୍ୟଜୀବୀଙ୍କୁ ବନ୍ଦୀ କରି ରଖିଛନ୍ତି, ତାହାଠାରୁ କେଇପାଦ ଆଗକୁ ଯାଇ ଏହି ସଂଖ୍ୟାକୁ ପାଞ୍ଚଶହ ପାର୍ କରାଇବା ବୈଦେଶିକ ନୀତି ବିଶେଷଜ୍ଞଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଛି। ଅବଶ୍ୟ ସ୍ଥାୟୀ ସମାଧାନ ନିମନ୍ତେ ବିଳମ୍ବ ହୋଇପାରେ, କିନ୍ତୁ ଦୁଇ ଦେଶର ତୁଙ୍ଗ ନେତୃତ୍ୱ ଏକ ମଧ୍ୟବର୍ତ୍ତୀକାଳୀନ ସମାଧାନର ପନ୍ଥା ବାହାର ନ କଲେ, ଶ୍ରୀଲଙ୍କା ତା'ର ଆକାର ଯେଭଳି ଛୋଟ(!), ସେହିଭଳି ଭାରତ ବିରୋଧୀ ଈର୍ଷା ପାଇଁ ଏହାର ମତ୍ସ୍ୟଜୀବୀମାନଙ୍କୁ ଲଗାତାର ହଇରାଣ କରିବା ଭଳି ଛୋଟ ଚିନ୍ତାକୁ ମନରୁ ପାସୋରି ପାରିବ ନାହିଁ ।



ହିମାଂଶୁ ଶେଖର ଆଚାର୍ଯ୍ୟ
ଅବସରପ୍ରାପ୍ତ ଅଧ୍ୟାପକ,
ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

# ସବୁ ଶିଶୁଙ୍କୁ ଶିକ୍ଷା ଅଧିକାର

କଥାରେ ଅଛି- ପେଟକୁ ଦାନା, ପିଠିକୁ କନା, ମୁଣ୍ଡ ଗୁଞ୍ଜିବାକୁ ବାସ, ରୋଗକୁ ଓଷ ଓ ପଢିବାକୁ ଦି'ଅକ୍ଷର ପାଠ ଜଣେ ନାଗରିକର ସର୍ବନିମ୍ନ ମୌଳିକ ଅଧିକାର। କିନ୍ତୁ କ୍ଷୋଭର ବିଷୟ ସ୍ୱାଧୀନତାର ୭୮ବର୍ଷ ପରେବି ଆମ ଦେଶର ଭବିଷ୍ୟତ ନାଗରିକମାନଙ୍କୁ ଏସବୁ ମୌଳିକ ଅଧିକାର ଅଦ୍ୟାବଧି ମିଳିପାରି ନାହିଁ। ଏସବୁ ମଧ୍ୟରୁ ଶିକ୍ଷାର ଅଧିକାର ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ମାତ୍ର ଶିକ୍ଷା କ୍ଷେତ୍ରରେ ଏବେବି ଆମେ ବହୁତ ପଛରେ। ଏପରିକି ସାମ୍ବିଧାନିକ ବିଧିବ୍ୟବସ୍ଥା, ଜାତୀୟ ଶିକ୍ଷାନୀତି, ନିରନ୍ତର ଶିକ୍ଷା, କଳାପଟା ଅଭିଯାନ, ଜିଲ୍ଲା ପ୍ରାଥମିକ ଶିକ୍ଷା ଓ ସର୍ବଶିକ୍ଷା ଅଭିଯାନ ଭଳି ଯୋଜନା ସତ୍ତ୍ୱେ ଭାରତ ନିରକ୍ଷର ଲୋକଙ୍କ ଭୂସ୍ୱର୍ଗ ପାଲଟିଛି କହିଲେ ଭୁଲ ହେବନାହିଁ । ସବୁଠୁ କ୍ଷୋଭର କଥା ଅଦ୍ୟାବଧି ଆମ ଦେଶରେ ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭରୁ ବଞ୍ଚିତ। ଏମାନଙ୍କୁ ସ୍କୁଲକୁ ଆଣିବା ପାଇଁ ଏକ ଆଇନର ଅବଶ୍ୟକତା ଥିଲା । ଭାରତୀୟ ସମ୍ବିଧାନର ୮୬ତମ ସଂଶୋଧନରେ ଏକ ଧାରା ଯୋଗ କରାଯାଇ ୨୦୦୯ ମସିହାରୁ ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରାଯାଇଛି ଓ ଆମ ଦେଶ ତଥା ରାଜ୍ୟରେ ୨୦୧୦ ମସିହା ଏପ୍ରିଲ ପହିଲାରୁ ବହୁ ଚର୍ଚ୍ଚିତ ଏହି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେଉଛି ।

ଶିକ୍ଷା ଅଧିକାର ଆଇନ ଆମ ରାଜ୍ୟରେ କାର୍ଯ୍ୟକାରୀ ହେବା ପରେ ଯେଉଁ ସବୁ ସମସ୍ୟା ଦେଖାଦେଇଛି ତାହା ଏଠାରେ ଆଲୋଚନା କରିବା ଯଥାର୍ଥ ମନେ ହୁଏ। ଏହି ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ଅତି କମ୍ରେ ୨ଲକ୍ଷ ୨୪ହଜାର ୩୩୦ ଜଣ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ। ବଳକା ୧ଲକ୍ଷ ୮ ହଜାର ୪୯୭ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ରାଜ୍ୟ ସରକାର ୭୩ ହଜାର ୭୩୬ ଜଣ ଶିକ୍ଷା ସହାୟକ ଓ ଗଣ ଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଳାଇଛନ୍ତି। ଏବେବି ୩୪ହଜାର ୭୭୯ ଶିକ୍ଷକ ପଦବୀ ଖାଲି ପଡିଅଛି। ସବୁଠୁ ଆଶ୍ଚର୍ଯ୍ୟର କଥା ନିୟମିତ ଶିକ୍ଷକଙ୍କଠାରୁ ୩ ରୁ ୪ ଭାଗ କମ୍ ଦରମାରେ ଏହି ବର୍ଗର ଶିକ୍ଷକମାନେ କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଶିକ୍ଷକମାନେ ସମାନ କାମ କରି ସମାନ ଦରମା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ଶିକ୍ଷକମାନଙ୍କ ଭିତରେ ଜାତିଭେଦ ସୃଷ୍ଟି କରିବା ସହ ଗୁଣାତ୍ମକ ଶିକ୍ଷାରେ ବାଧକ ସାଜିଛି। ଗୋଟିଏ ପଟେ ସରକାର ଖାଲିଥିବା ହଜାର ହଜାର ଶିକ୍ଷକ ପଦବୀ ପୂରଣ କରିପାରୁନଥିବା ବେଳେ ଶିକ୍ଷା ଅଧିକାର ଆଇନ ଅନୁସାରେ ଅଧିକ ଶିକ୍ଷକ ନିଯୁକ୍ତି କଲେ ସେ ବାବଦ ଅଧିକ ଅର୍ଥ କିପରି ଭରଣା କରିବେ ତାହା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇ ରହିଛି।

ଶିକ୍ଷା ଅଧିକାର ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ସ୍କୁଲମାନଙ୍କରେ ତାଲିମପ୍ରାପ୍ତ ଶିକ୍ଷକ ରହିବେ । ତା'ନହେଲେ ସେମାନେ ଚାକିରି ହରାଇବେ। ଘରୋଇ ସି.ଟି ଓ ବି.ଏଡ୍ ଉଠିଯିବା ପରେ ସରକାରୀ ସ୍ତରରେ ଏସବୁ ଟ୍ରେନିଂ ପାଇଁ ଜିଲ୍ଲା ଭିତ୍ତିରେ ଯେତିକି ସ୍ଥାନ ରହିଛି ତାହା ପର୍ଯ୍ୟାପ୍ତ ନୁହେଁ । ଫଳରେ ଏତେ ସଂଖ୍ୟକ ତାଲିପ୍ରାପ୍ତ ଶିକ୍ଷକ ଆସିବେ କେଉଁଠୁ? ସବୁଠାରୁ ବଡକଥା ହେଲା ଏହି ଆଇନରେ କେନ୍ଦ୍ର ସରକାର ଶିଶୁ ଶ୍ରମିକମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରିନାହାନ୍ତି। ଆମ ଦେଶରେ ଏବେବି ୯୦ ଲକ୍ଷ ଶିଶୁ ଶ୍ରମିକ ପେଟପାଟଣା ପାଇଁ ବିପଜ୍ଜନକ କ୍ଷେତ୍ରରେ ଖଟୁଛନ୍ତି । ସେମାନଙ୍କ ଉପାର୍ଜନରେ ଦରିଦ୍ର ପରିବାର ମଧ୍ୟ ଚଳୁଛି । ଆମ ରାଜ୍ୟରେ ଏମାନଙ୍କ ସଂଖ୍ୟା ୪ ଲକ୍ଷ ୩୯୯ । ତେଣୁ ଏହି ଶିଶୁମାନଙ୍କୁ ଥଇଥାନ କରି ସ୍ୱତନ୍ତ୍ର ବ୍ୟବସ୍ଥା ଜରିଆରେ ଶିକ୍ଷାଦାନ କରିବାର ଆବଶ୍ୟକତା ରହିଛି । ଏତଦ୍‌ବ୍ୟତୀତ ଏହି ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପିଲାମାନଙ୍କ ପାଇଁ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବେ । କିନ୍ତୁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ସରକାରୀ ନିୟମକୁ ମାନୁନାହାଁନ୍ତି। ଫି ଆଦାୟ ଠାରୁ ଆରମ୍ଭ କରି ନାମଲେଖା ପର୍ଯ୍ୟନ୍ତ ସବୁଠି ଅଭିଭାବକମାନେ ଶୋଷଣର ଶିକାର ହୋଇଛନ୍ତି। ରାଜ୍ୟର ସହରାଞ୍ଚଳରେ ଥିବା ଘରୋଇ ବିଦ୍ୟାଳୟ ସରକାରଙ୍କ ଏହି ନିୟମକୁ ଆଖିମିଟିକା ମାରୁଥିବା ଲକ୍ଷ୍ୟ କରାଯାଉଛି। ଅବସ୍ଥା ଏଭଳି ହୋଇଛି ଖୋଦ୍ ରାଜଧାନୀରେ ପ୍ରଥମ ଶ୍ରେଣୀରେ ନାମ ଲେଖିବା ପାଇଁ ଅଭିଭାବକ ମାନଙ୍କଠାରୁ ୫୦ ରୁ ୭୦ ହଜାର ଟଙ୍କା ଆଦାୟ କରାଯାଉଛି। ଏପରିକି ଓଡ଼ିଆ ମାଧ୍ୟମ ଘରୋଇ ଶିକ୍ଷାନୁଷ୍ଠାନ ବି ପ୍ରଥମ ଶ୍ରେଣୀର ନାମ ଲେଖିବା ପାଇଁ ୧୫ ରୁ ୨୫ ହଜାର ଟଙ୍କା ନେଉଛନ୍ତି। ଏପରିସ୍ଥଳେ ସରକାର ଘରୋଇ ଶିକ୍ଷାନୁଷ୍ଠାନ ଉପରେ କେତେଦୂର ଅଙ୍କୁଶ ଲଗାଇ ପାରିବେ ତାହା ଉପରେ ଶିକ୍ଷା ଅଧିକାର ଆଇନର ସଫଳତା ଅନେକାଂଶରେ ନିର୍ଭର କରୁଛି।

ଶିକ୍ଷା ଅଧିକାର ଆଇନର ପ୍ରମୁଖ ଅଙ୍ଗ ହେଲା ସର୍ବଶିକ୍ଷା ଅଭିଯାନ। ୨୦୦୨ ମସିହାରୁ ଆମ ରାଜ୍ୟରେ ଏହା କାର୍ଯ୍ୟକାରୀ ହେଲାଣି। ଏ ଦିଗରେ ୭ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇସାରିଲାଣି। କିନ୍ତୁ ଶିକ୍ଷା କ୍ଷେତ୍ରରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ହୋଇପାରିନି । ଫଳରେ "ସଭିଏଁ ପଢନ୍ତୁ ଓ ସଭିଏଁ ବଢନ୍ତୁ" ସ୍ଲୋଗାନ ବସ୍ତୁତଃ ସ୍ଲୋଗାନରେ ରହିଯାଇଛି। ଏକ ହିସାବରୁ ଜଣାଯାଏ ଓଡିଶାରେ ୬ ରୁ ୧୪ ବର୍ଷ ମଧ୍ୟରେ ମୋଟ ୬୫ ଲକ୍ଷ ୨୮ ହଜାର ୩୫୬ ଜଣ ଶିଶୁଙ୍କ ମଧ୍ୟରୁ ପ୍ରାୟ ୩ ଲକ୍ଷ ୫୧ ହଜାର ୧୪୭ ଜଣ ଶିଶୁ ସ୍କୁଲ ଘର ଦେଖିନାହାଁନ୍ତି। ଏସବୁ ପିଲା କିପରି ସ୍କୁଲ ଆସିବେ ତାହା ଗୁରୁତର ସହ ଚିନ୍ତା କରାଯିବା ଜରୁରୀ। ଅନ୍ୟ ଏକ ସମସ୍ୟା ହେଲା ସରକାର ଯଥା ସମୟରେ ପିଲାଙ୍କୁ ପାଠ୍ୟପୁସ୍ତକ ଯୋଗାଇବାରେ ବିଫଳ ହୋଇଛନ୍ତି। ଏପ୍ରିଲ୍ ୧ରୁ ନୂଆ ଶିକ୍ଷା ବର୍ଷ ଆରମ୍ଭ ହେଲା। ପ୍ରବେଶ ଉତ୍ସବ କରି ପିଲାଙ୍କୁ ସ୍ୱାଗତ କରାଗଲା। ଇତି ମଧ୍ୟରେ ଚାରି ମାସ ବିତିଯାଇଥିଲେ ମଧ୍ୟ ପିଲାଙ୍କ ବସ୍ତାନିରେ ପଢ଼ାବହି ନାହିଁ। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାର ଆବଶ୍ୟକ ରହିଛି।

ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବାପାଇଁ ପାଞ୍ଚବର୍ଷିଆ ଅବଧି ଗତ ୨୦୧୫ ମସିହା ଏପ୍ରିଲ ପହିଲାରେ ଶେଷ ହୋଇଯାଇଛି। ତେବେ ଏ ଦିଗରେ ଆଖିଦୃଶିଆ ସଫଳତା ହାସଲ ହୋଇପାରିନାହିଁ। ତେବେ ଭବିଷ୍ୟତରେ ଏହି ଆଇନ ତାର ଲକ୍ଷ୍ୟ ପୂରଣ ଦିଗରେ କେତେ ଦୂର ସଫଳ ହେବ ତାହା ଏକ ବିରାଟ ପ୍ରଶ୍ନବାଚୀ ରୂପେ ଉଭା ହୋଇଛି। ସେ ଦୃଷ୍ଟିରୁ ଏହି ଆଇନର ସଫଳ ରୂପାୟନ ପାଇଁ ଦୃଢ ଇଚ୍ଛାଶକ୍ତି ଓ ଆନ୍ତରିକତା ସରକାରୀସ୍ତରରେ ରହିବା ଦରକାର। ସେହିପରି ଦୀର୍ଘ ୩୪ ବର୍ଷ ପରେ କେନ୍ଦ୍ର ସରକାର ନୂତନ ଶିକ୍ଷାନୀତି ପ୍ରଣୟନ କରିଛନ୍ତି । ଏଥିରେ ମାତୃଭାଷାରେ ଶିକ୍ଷା ଦାନ ଠାରୁ ଆରମ୍ଭ କରି ବୌଷୟିକ ଶିକ୍ଷା ପର୍ଯ୍ୟନ୍ତ ଅନେକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ସ୍ଥାନ ପାଇଛି । କିନ୍ତୁ ଅସଲ କଥା ହେଲା ଶିକ୍ଷା କ୍ଷେତ୍ରରେ ଯୋଜନା ଯେତେ, ସମସ୍ୟା ସେତେ । ଏବେ ଆମ ରାଜ୍ୟରେ ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ଚାଲିଛି । ରଙ୍ଗ ବେରଙ୍ଗରେ ଝଲସୁଛି ସ୍କୁଲ ଘର । ଏସବୁ ସତ୍ତ୍ୱେ ସ୍କୁଲରେ ଡ୍ରପ୍ଆଉଟ ସଂଖ୍ୟା କମିବାର ନାଁ ଧରୁନି । ଉଚ୍ଚ ଶିକ୍ଷାରେ ମଧ୍ୟ ଅନୁରୂପ ଅବସ୍ଥା ।

ସବୁଠୁ ବଡକଥା ହେଲା ଆବଶ୍ୟକ ଭିତ୍ତି ଭୂମିର ଅଭାବ, ଶିକ୍ଷକ ମାନଙ୍କ ଅଭାବ ବଡ ପ୍ରତିବନ୍ଧକ ଭାବେ ଉଭା ହୋଇଛି । ସର୍ବୋପରି ଦାରିଦ୍ର୍ୟ ଯେଗୁ ଅଭିଭାବକ ଅଭିଭାବିକା ମାନେ ସେମାନଙ୍କ ପିଲାଙ୍କୁ ସ୍କୁଲକୁ ପଠାଇ ପାରୁନାହାନ୍ତି । ଏପରିକି ମାଗଣା ପୋଷାକ, ଜୋତା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପିଲାଙ୍କୁ ସ୍କୁଲକୁ ଆକୃଷ୍ଟ କରିପାରୁନାହିଁ। ଏହି ବିଷୟରେ ଗଭୀର ଭାବେ ଅନୁଶୀଳନ କରିବାର ଅଛି । ଏହି ପ୍ରସଙ୍ଗରେ ଏକ ଲୋକପ୍ରିୟ କାହାଣୀ କୁହେ " ଯଦି ତୁମେ ଗୋଟିଏ ବର୍ଷପାଇଁ ଯୋଜନା କରୁଛ ତା' ହେଲେ ତୁମେ ଜମିରେ କିଛି ମଞ୍ଜି ବୁଣିଦିଅ,ଯଦି ତୁମେ ଦଶ ବର୍ଷ ବା ତା ଠାରୁ ଊର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ ତା' ହେଲେ ତୁମେ ଜମିରେ କିଛି ଗଛ ଲଗାଇ ଦିଅ, ଆଉ ଯଦି ତୁମେ ଶହେ ବର୍ଷ ପାଇଁ ଯୋଜନା କରୁଛ ତା' ହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ।"

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022    ସମ୍ପାଦକ : ଜୟାଶୀଷ ରାୟ



## ମାର୍ଚ୍ଚ ୧୦ରେ ଆଗ୍ରାହାଟ ରାଜଦୋଳ ମେଳଣ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଅଗ୍ରାହାଟ ପଞ୍ଚାୟତ ଉତ୍ତରେଶ୍ୱର ମନ୍ଦିରରେ ଅନୁଷ୍ଠିତ ହେବାକୁଥିବା ପ୍ରସିଦ୍ଧ ଦୋଳ ମେଳଣ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୋଳ ଯାତ୍ରା କମିଟି ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ, ଭାଜପା ନେତା ନୟନ କିଶୋର ମହାନ୍ତି, ଆଇଆଇସି ବିଶ୍ୱ ରଞ୍ଜନ ସାହୁ, ଅତିରିକ୍ତ ଆଇଆଇସି ସସ୍ମିତା ଖିଲାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆନନ୍ଦ ଓ ଉଲ୍ଲାସର ପର୍ବ ଦୋଳ ପର୍ବକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ସମସ୍ତ ପ୍ରକାର ପ୍ରଶାସନିକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ବୈଠକ ନିଷ୍ପତ୍ତି ଅନୁଯାୟୀ ପ୍ରତିବର୍ଷ ଭଳି ଚଳିତ ବର୍ଷ ୧୦ ତାରିଖରେ ଅଞ୍ଚଳର ୪୪ ବିମାନ ଗୁଡିକ ରୋଷଣି କରି ଆସି ମନ୍ଦିର ପ୍ରାଙ୍ଗଣରେ ଏକତ୍ରୀତ ହୋଇ ମେଳଣ କରିବେ ଏବଂ ୧୧ ତାରିଖ ଭୋର୍ ସମୟରୁ ବିମାନ ଗୁଡିକ ଜଗତପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ମେଳଣରେ ସାମିଲ୍ ହେବା ପାଇଁ ପ୍ରସ୍ଥାନ କରିବେ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି । ସଂପାଦକ ଜୟନ୍ତ କୁମାର ବରାଳ, ପର୍ଶୁରାମ ପରିଡା, ପ୍ରଦୀପ୍ତ ବେହେରା, ରମେଶ ମହାରଣା, ରଞ୍ଜନ କୁମାର ସାହୁ, ଅଧିକାରୀ ନାୟକ, ଅଶୋକ ବରାଳ, ହୃଷିକେଶ ରାଉତ ପ୍ରମୁଖ ସଦସ୍ୟ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଭଞ୍ଜପୁର ପୋଲିସର ବଡ଼ ସଫଳତା:ଦୁର୍ଦ୍ଧାନ୍ତ ଚୋର ଗ୍ୟାଙ୍ଗଙ୍କୁ ଧରିଲା

## ||||||||||| ବାଇକ୍, ନଗଦ ଟଙ୍କା, ଲ୍ୟାପ୍‌ଟପ୍ ସହ ସୁନା ଓ ରୂପା ଅଳଙ୍କାର ଜବତ |||||||||||

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସହରରେ ଚୋରି ଛନ୍ତାଇ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ତାଲାବନ୍ଦ ଘରୁ ନିୟମିତ ଚୋରି କରି ବାରିପଦା ସହରରେ ଆତଙ୍କ ସୃଷ୍ଟି କରିଥିବା ଦୁର୍ଦ୍ଧାନ୍ତ ଚୋର ଗ୍ୟାଙ୍ଗକୁ ଧରିବାରେ ଭଞ୍ଜପୁର ଥାନା ପୋଲିସକୁ ଏକ ବଡ଼ ସଫଳତା ମିଳିଛି । ଚୋର ଗ୍ୟାଙ୍ଗର ୮ଜଣ ସଦସ୍ୟକୁ ଗିରଫ କରିବା ସହ ସୁନା ଅଳଙ୍କାର, ବାଇକ୍ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ କରାଯାଇଛି । ଏନେଇ ଭଞ୍ଜପୁର ଥାନାରେ ସନ୍ଧ୍ୟାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ ସବିଶେଷ ସୂଚନା ପ୍ରଦାନ କରିଛନ୍ତି । ଗିରଫ ଅଭିଯୁକ୍ତ ମାନେ ଭଞ୍ଜପୁର ଥାନା ଅନ୍ତର୍ଗତ ବଢ଼େଇସାହି ଅଞ୍ଚଳର ରାଜକିଶୋର ବାରିକ (୨୦), ରାହୁଲ ଦିଗାର (୨୦), ମନୋଜ କୁମାର ବେହେରା (୨୦), ଯମୁନାଦେଇପୁର ଅଞ୍ଚଳର ଅସ୍ମିତ ପାତ୍ର (୨୦), ଶରତ ଚନ୍ଦ୍ର ପାତ୍ର (୫୦), ବାରିପଦା ଟାଉନ୍ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ସୋମନାଥ ପାଳ (୨୫), ଲାଲ ବଜାର ଅଞ୍ଚଳର ବବୁଲୁ ଅଧିକାରୀ (୩୮) ଓ ବଡ଼ସାହି ଥାନା ଅନ୍ତର୍ଗତ ଖାନୂଆ ଅଞ୍ଚଳର ଶିବ ବେହେରା (୨୫) ବୋଲି ଜଣାଯାଇଛି । ଉକ୍ତ ଚୋର ଗ୍ୟାଙ୍ଗ ବାରିପଦା ସହରର ବିଭିନ୍ନ ସ୍ଥାନରେ ତାଲା ବନ୍ଦ ଘରୁ ନିୟମିତ ଚୋରି କରୁଥିଲେ । ଯାହାକୁ ନେଇ କିଛି ଦିନ ହେବ ସହରରେ ଆତଙ୍କ ଖେଳି ଯାଇଥିଲା । ଗ୍ୟାଙ୍ଗ ସଦସ୍ୟମାନେ ଲୋକଙ୍କ ଅନୁପସ୍ଥିତ ଥିବା ସୁଯୋଗ ନେଇ ତାଲା ବନ୍ଦ ଘରକୁ ଚିହ୍ନଟ କରୁଥିଲେ । ଏହାପରେ ଯୋଜନା ମୁତାବକ ଉକ୍ତ ଘରେ ରାତିରେ ପଶି କଳା କନା ବୁଲାଉଥିଲେ । ଗତ ତା ୧୩.୦୨. ୨୦୨୫ ରିଖ ବାରିପଦା ରଘୁନାଥପୁର ଅଞ୍ଚଳର ବିକାଶ ପାତ୍ରଙ୍କ ଏତେଲା ମୁତାବକ ରଂଜପୁର ପୋଲିସ ଘଟଣାର ତଦନ୍ତ କରୁଥିଲା । ସିସି ଟିଭି ଫୁଟେଜ୍ ଆଧାରରେ ତଥ୍ୟ ଯୋଗାଡ଼ କରି ଭଞ୍ଜପୁର ଥାନା ଅଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଏହି ଚୋର ଗ୍ୟାଙ୍ଗକୁ ଧରିବା ପାଇଁ ଜାଲ ବିଛାଇଥିଲେ । ପୋଲିସ ଏମାନଙ୍କ ଠାରୁ ୨ଟି ବାଇକ୍, ୪୦,୦୦୦ ନଗଦ ଟଙ୍କା, ଲ୍ୟାପ୍‌ଟପ୍, ଏଲ୍‌ସିଡ଼ି, ୧୨ଟି ମୋବାଇଲ ଫୋନ୍, ଇନ୍‌ଭଟର୍, ୫୩ ଗ୍ରାମ୍‌ର ତରଳା ଯାଇଥିବା ସୁନା, ୪୩ ଗ୍ରାମ ସୁନା ଅଳଙ୍କାର ଏବଂ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ କରାଯାଇଛି ବୋଲି ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଦୀପକ କୁମାର ଗୋଚ୍ଛାଏତ କହିଛନ୍ତି । ଏହି ଅଭିଯୁକ୍ତ ମାନଙ୍କ ନାମରେ ପୂର୍ବରୁ ଭଞ୍ଜପୁର ଥାନାରେ ୧୦ଟି ମାମଲା ରହିଥିବାର ଜଣାଯାଇଛି ।






## ତେରଶମ୍ଭୁ ମିଳନ ଉତ୍ସବ ପାଇଁ ମା' ପାଟଖଣ୍ଡାଙ୍କ ନିକଟରେ ପୂଜାର୍ଚ୍ଚନା

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୬ ତମ ବାର୍ଷିକ ତେର ଶମ୍ଭୁ ମିଳନ ଉତ୍ସବ ଆସନ୍ତା ଏପ୍ରିଲ ମାସ ୬ ତାରିଖ ରବିବାର ଦିନ ଆୟୋଜିତ କରିବା ସମିତି ତରଫରୁ ବିଧିବଦ୍ଧ ଭାବେ ହେବା ପାଇଁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ଶ୍ରୀଶ୍ରୀଶ୍ରୀ ମା' ପାଟଖଣ୍ଡାଙ୍କ କୃପା ଭିକ୍ଷା ଲାଭ କରିବା ପାଇଁ ପଞ୍ଚୁଦଣ୍ଡ ପରିଚାଳନା ସମିତିର ମୁଖ୍ୟ ପରିଚାଳକ ରାଜ କିଶୋର ଦାସଙ୍କ ଗହଣରେ ସମସ୍ତ କର୍ମକର୍ତ୍ତା, ସଦସ୍ୟଙ୍କ ଉପସ୍ଥିତରେ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସମିତିର ଆଗାମୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ।

## ଦଶ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ନୂତନ ବ୍ଲକ ଗଠନ ପାଇଁ ଦାବି



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଦଶ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ନୂତନ ବ୍ଲକ ଗଠନ କରିବା ପାଇଁ ଏକ ଦାବିପତ୍ର ଜିଲ୍ଲପାଳଙ୍କ ମାଧମରେ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ବିକାଶ ପରିଷଦର ସଭାପତି ବ୍ରଜ ସୁନ୍ଦର ଭୂୟାଁ, ସାଧାରଣ ସଂପାଦକ ସୁମନ୍ତ ରାଉତଙ୍କ ନେତୃତ୍ୱରେ ସରପଞ୍ଚ, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଜିଲ୍ଲପାଳଙ୍କୁ ଭେଟି ନୂତନ ବ୍ଲକ ଗଠନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଆଳି ବ୍ଲକର ନୂଆପଡା, ବାଟିପଡା, ସାନମଙ୍ଗ, ସହିରା, ପତ୍ରପୁର, ନରେନ୍ଦ୍ରପୁର, ସିଙ୍ଗିରୀ, ମାଣିକପାଟଣା, ଚଣ୍ଡିଆଗଡି ଓ ଅରେହିକଣା ପ୍ରଭୃତି ପଞ୍ଚାୟତ ଗୁଡିକ ୨୦୦୯ ମସିହା ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀ ଅଧିନରେ ଥିଲେ । ୨୦୦୯ ପରେ ଆଳି ନିର୍ବାଚନ ମଣ୍ଡଳି ଗଠନ ହେବା ସହିତ ଏହାର ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଆଳି ପଞ୍ଚାୟତ ସମିତି, ତହସିଲ ଓ ଥାନା ସହିତ ଅନ୍ତର୍ଭୁକ୍ତ ଅଛନ୍ତି । ଏହି ଦଶ ପଞ୍ଚାୟତ ଗୁଡିକର ଜନସଂଖ୍ୟା ଭୌଗୋଳିକ ସ୍ଥିତିକୁ ବିଚାରକୁ ନେଇ ଯଦି ପଞ୍ଚାୟତ ସମୂହର ପୁର୍ନଗଠନ କରାଯିବ ତେବେ ଅତି କମ୍‌ରେ ଆଉ ୫-୭ଟି ନୂତନ ପଞ୍ଚାୟତ ଆତ୍ମ ପ୍ରକାଶ କରିବ । ଏହି ଦଶ ପଞ୍ଚାୟତ ଅଞ୍ଚଳର ଉନ୍ନତି ଓ ପ୍ରଗତିକୁ ବିଚାର କରି ପଞ୍ଚାୟତ ପୁର୍ନଗଠନ କରାଯିବା ସହିତ ଏକ ନୂତନ ବ୍ଲକ ଗଠନ କରାଯିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ, ସିଙ୍ଗିରୀ ସରପଞ୍ଚ ଅକ୍ଷୟ ଦାସ, ସିଙ୍ଗିରୀର ପୂର୍ବତନ ସରପଞ୍ଚ ସୁମନ୍ତ ଦାସ, ଅଭୟ କୁମାର ସାହୁ, ଅଶୋକ କୁମାର ରାଉତ, ପ୍ରସନ୍ନ ସାହୁ, ଅନାଦି ଚରଣ ଦାସ, ଗୋଲଖ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## 'ଶିଶୁ ମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ରହିଲେ ଦେଶ ଆଗେଇବ'

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସଦର ସ୍ଥିତ ବଡ଼ବଜାରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଯୋଜନା କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ଶିଶୁ ମେଳାରେ ବିଦ୍ୟାଳୟର ସଭାପତି ଈଶ୍ୱର ଚନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବୀଣାପାଣି ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୋମନାଥ ସ୍ୱାଇଁ ଉଦ୍‌ଘାଟନ କରିବା ସହିତ ଶିଶୁ ମାନଙ୍କର ବିଭିନ୍ନ ପ୍ରତିଯୋଗିତାକୁ ଉଚ୍ଚ ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ବକ୍ତୃତା, ବିଜ୍ଞାନ ପତ୍ରବାଚନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । ଏହି ପ୍ରତିଯୋଗିତାରେ ୨୦୦ ଜଣ ଶିଶୁ ଭାଇଭଉଣୀ ଭାଗ ନେଇଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପ୍ରଧାନଶିକ୍ଷକ ଶ୍ରୀ ସ୍ୱାଇଁ ଶିଶୁ ମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ରହିଲେ ବିଜ୍ଞାନ କ୍ଷେତ୍ରରେ ଆମ ଦେଶ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ ବୋଲି ମତ ପୋଷଣ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସହ ପ୍ରଧାନ ଆଚାର୍ଯ୍ୟ ନିହାର ରଞ୍ଜନ ମହାପାତ୍ର, ଶଙ୍କର୍ଷଣ ଦାସ, ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ ଗୋବିନ୍ଦ ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ପ୍ରଶ୍ନମଞ୍ଚ ଆୟୋଜିତ କରାଯାଇଥିଲା । ମନମୋହନ ମହାପାତ୍ର ଶିଶୁ ମାନଙ୍କୁ ପ୍ରଶ୍ନ ପଚାରିଥିଲେ । ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟା ଅମିତା ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀ ଗୁରୁମା ରଶ୍ମିରେଖା ରାଉତରାୟ, ମଧୁସ୍ମିତା ଷଡଙ୍ଗୀ, ନମିତା ସାହୁ, ବସନ୍ତ ମହାରଣା, ସୁରେନ୍ଦ୍ର ମୁଦୁଲି, ସୁଧୀର କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାମନ୍ଦିର ପ୍ରମୁଖ ଶ୍ରୀକାନ୍ତ କୁମାର ରାଉତରାୟ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ବିଜ୍ଞାନ ପ୍ରମୁଖ ହରିହର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।






## ଆଦର୍ଶ ବିଦ୍ୟାଳୟ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକର କୁରୁଜଙ୍ଗା ଠାରେ ଥିବା ଆଦର୍ଶ ବିଦ୍ୟାଳୟର ପରିଚାଳନା ଓ ଉନ୍ନତି କମିଟି ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟ ରଞ୍ଜନ ସ୍ୱାଇଁଙ୍କ ସମେତ ଡେରାବିଶ୍ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ସ୍ୱାଗତିକା ସ୍ୱାଇଁ, ଡ଼ଃ କିଶୋର କୁମାର ବେଦାନ୍ତ କନକଲତା ନାୟକ, ଶ୍ରୀକାନ୍ତ ବେହେରା, ପ୍ରମୋଦ କୁମାର ରାଉତରାୟ ପ୍ରମୁଖ ସଭ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଡେକ୍ସ ବେଞ୍ଚର ଅଭାବ, ଛାତ୍ରୀ ନିବାସ କାମ ସଂପୂର୍ଣ୍ଣ କରିବା, ଛାତ୍ରାବାସ କାର୍ଯ୍ୟ ଆରମ୍ଭ କରିବା, ଛାତ୍ରଛାତ୍ରୀଙ୍କ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଗଭୀର ନଳକୂପ ଖନନ ପ୍ରଭୃତି ସମସ୍ୟା ଗୁଡିକର ତୁରନ୍ତ ସମାଧାନ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ମେ ମାସ ସୁଦ୍ଧା ଛାତ୍ରୀ ନିବାସ ସମ୍ପୂର୍ଣ୍ଣ କରିବା ଓ ଗଭୀର ନଳକୂପ ବସାଇବା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ଉପସ୍ଥିତ ଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ନୂତନ ପ୍ରଭାରୀଙ୍କ ସହ ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସାଂଗଠନିକ ଆଲୋଚନା

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଅଖିଳ ଭାରତୀୟ କଂଗ୍ରେସ କମିଟିର ଓଡ଼ିଶା ରାଜ୍ୟର ନୂତନ ପ୍ରଭାରୀ ଭାବେ ନିଯୁକ୍ତ ଅଜୟ କୁମାର ଲଲ୍ଲୁଙ୍କ ସହ ସାକ୍ଷାତ କରି ଜିଲ୍ଲାର ୭ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ସାଙ୍ଗଠନିକ ସ୍ଥିତି ଏବଂ ବୁଥ ସ୍ତରରେ ଦଳକୁ ସୁସଂଗଠିତ ଏବଂ ମଜବୁତ କରିବା ପାଇଁ ବିଭିନ୍ନ ଆଲୋଚନା କରିଥିଲେ । ବିଗତ ସାଧାରଣ ନିର୍ବାଚନେରେ କଂଗ୍ରେସ ଦଳର ପ୍ରାର୍ଥୀମାନେ ଘୋର ଆର୍ଥିକ ସଂକଟର ସାମ୍ନା କରିବା ସହିତ ପ୍ରଚାର କ୍ଷେତ୍ରରେ ମଧ୍ୟ ରାଜ୍ୟ କ୍ୟାମ୍ପେନିଂ କମିଟି ଏବଂ କେନ୍ଦ୍ର ଓ ରାଜ୍ୟ ସ୍ତରୀୟ ବରିଷ୍ଠ ନେତୃବୃନ୍ଦ ଯାଜପୁରରେ ସେଭଳି ପ୍ରକାରର ସମାବେଶ ନକରିବାରୁ ସାଧାରଣ ଲୋକମାନେ କଂଗ୍ରେସ ଦଳର ବିଭିନ୍ନ ଉପାଦେୟତା ବିଷୟରେ ଜାଣିବାର ସୁଯୋଗ ରହିଲାନି । ଜିଲ୍ଲାକମିଟି, ଜୋନ୍ କମିଟି, ପଞ୍ଚାୟତ ଓ ପୌରପାଳିକା କମିଟି ସହିତ ବୁଥ୍ କମିଟିରେ ବରିଷ୍ଠ ନେତାମାନେ ଯୁବ କଂଗ୍ରେସ, ମହିଳା କଂଗ୍ରେସ ଏବଂ ଛାତ୍ର କଂଗ୍ରେସ ଏବଂ ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ନେଇ କମିଟି ଗଠନ କରି ବାରମ୍ବାର ବୈଠକ କଲେ କଂଗ୍ରେସ ପୁଣି କ୍ଷମତାକୁ ଫେରି ଆସିବ ବୋଲି ଜିଲ୍ଲାର ବରିଷ୍ଠ ନେତୃବୃନ୍ଦମାନେ ମତ ରଖିଥିଲେ । ଏହି ସାକ୍ଷାତ ଆଲୋଚନାରେ ପୂର୍ବତନ ରାଜ୍ୟ ସଭା ସାଂସଦ ତଥା ଓଡ଼ିଶା ଆଇଏନ୍‌ଟିୟୁସିର ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ଏଆଇସିସି ସମ୍ପାଦକ ଶରତ ରାଉତ, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, କଂଗ୍ରେସ ନେତା ସନ୍ତୋଷ ନନ୍ଦ, ସୁଦିପ କୁମାର କର, ଅଜୟ କୁମାର ସାମଲ, କିଷାନ ପଣ୍ଡା, ପଦ୍ମାକର ଗୁରୁ, ମଧୁସ୍ମିତା ଆଚାର୍ଯ୍ୟ, ଚିନ୍ମୟ ବେହୁରା, କନକଲତା ମଲିକ, ଶ୍ରୀନାଥ ମିଶ୍ର, ଦେବେନ୍ଦ୍ର ପଣ୍ଡା, ବିଦ୍ୟାଧର ମହାନ୍ତି, ରାଇଚରଣ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ମନୋରଞ୍ଜନ ଦାସ, ଭାସ୍କର ମହାନ୍ତି, ଗଦାଧର ଦାସ, ସାଗର ପରିଡା, ଅପୂର୍ବ ସାମଲ, ହରିହର ସାହୁ, ଅଜୟ ଜେନା, ରଣଜିତ ରାଜ, ସୁରେଶ ସାହାଣୀ, ବିଶାଳ ରାଉତରାୟ, ହୃଷିକେଶ ପତି, ରାଜୀବ ମହାପାତ୍ର, ସଂଗ୍ରାମ ଜେନା, ନିକୁଞ୍ଜ ସାମଲ, ପୟଧର ରାୟ, ମାନସ କର ଓ ଦେବାଶିଷ ସାମନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।




## ଟ୍ରାକ୍ଟର ପଛରେ ବାଇକ୍ ପିଟିହୋଇ ୨ ଗୁରୁତର

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ ମେଣ୍ଢା ଖୋଲା ଗାଁ ନିକଟରେ ଏକ ଟ୍ରାକ୍ଟର ସହ ଏକ ବାଇକ୍ ପିଟି ହୋଇ ଦୁଇ ଜଣ ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି । ଏହି ଦୁଇ ଗୁରୁତର ହେଲେ ହାତୀବାରି ପଞ୍ଚାୟତ ଅନ୍ତର୍ଗତ ବାସ୍କିବାରି ଗାଁର ସୁବାଷ ଖିଲ (୧୯) ଓ ଅଭି ହନ୍ତାଲ (୨୦) । ଏହି ଦୁଇ ଜଣ ଏକ ବାଇକ୍‌ରେ ବାଞ୍ଜାଲାପୁଟ ଯାଉଥିବା ବେଳେ ମେଣ୍ଢାଖୋଲା ଗାଁ ନିକଟରେ ଏକ ଚାଲନ୍ତା ଟ୍ରାକ୍ଟରର ପଛ ପଟେ ପିଟି ହୋଇ ଗୁରୁତର ହୋଇଥିଲେ । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେଙ୍କ ସହାୟତାରେ ପରିବାର ଲୋକ ଆମ୍ବୁଲାନ୍ସ ଡାକି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ଏହି ଦୁଇ ଜଣକୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରିଥିଲେ । ଟ୍ରାକ୍ଟର ଗାଡିଟିକୁ ଗାଁ ଲୋକେ ଅଟକ ରଖିଥିବା ସୂଚନା ମିଳିଛି । ଗାଡିଟି ବାଞ୍ଜାଲାପୁଟର ସୋନ୍ତଷ ସାହୁଙ୍କ ବୋଲି ଜଣାପଡ଼ିଛି ।

## ୨୮୭ ଲିଟର ମଦ ଜବତ:୫ ଆସାମୀ କୋର୍ଟ ଚାଲାଣ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ବ୍ରାହ୍ମଣୀତରଙ୍ଗ, ରଘୁନାଥପାଲ୍ଲୀ, ଛେଣ୍ଡ ଏବଂ ସେକ୍ଟର-୭ ଅଞ୍ଚଳକୁ ଚଢ଼ଉ କରି ମୋଟ ୮ ଗୋଟି କେଶ ରୁଜୁ କରାଯାଇଛି ଏବଂ ମୋଟ ୨୪୪ ଲିଟର ବେଆଇନ୍ ମହୁଲି ମଦ ଓ ୪୩ ଲିଟର ବାହାର ଭାଟି ମଦ ଏବଂ ବ୍ୟାପକ ମହୁଲ ପୋଚ ନଷ୍ଟ କରାଯିବା ସହିତ ଗୋଟିଏ ସ୍କୁଟି ସହିତ ୨.୫ କେଜି ଗଞ୍ଜେଇ ବରାମତ କରାଯାଇଛି । ମୋଟ ୫ ଟି କ୍ଲେମ୍ କେସ୍ ଏବଂ ୩ଟି ଅନ୍‌କ୍ଲେମ୍‌ଡ୍ କେସ୍ କରାଯାଇଛି । ମୋଟ୍ ୫ଜଣ ଆସାମୀକୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କର ନାମ ହେଲା ସୋନୁ ଠାକୁର,ଏତ୍ୱାରି ପ୍ରଧାନ, ବିଲଚନ ଖାଖା, ବସନ୍ତ ଚାନ୍ଦ, ହେମନ୍ତ ଦାସ । ଏହି ଚଢ଼ଉରେ ଇନ୍‌ସପେକ୍ଟର ମୋହନ ପ୍ରଧାନ, ଓ.ଆଇ.ସି. ରାଉରକେଲା-୨ ଇଦ୍ରୀଷ ହୁସେନ, ଏସ.ଆଇ ଅଜୟ ପ୍ରଧାନ, ଓ.ଆଇ.ସି. ରାଉରକେଲା-୧ ଆକାଶ ସାହୁ, ଏଏସ୍‌ଆଇ ବିଦ୍ୟୁତ ଭୂଷଣ ଦାସ, ଏଏସ୍‌ଆଇ ଲକ୍ଷ୍ମୀ ପଣ୍ଡା ଶ୍ରୀନିବାସ ବିଶୋଇ, ସୂର୍ଯ୍ୟକାନ୍ତ ସ୍ୱାଇଁ, ନବୀନ ଭୂୟାଁ, ରେଣୁ କିରୋ, ହେମମଞ୍ଜରୀ ବିଶ୍ୱାଳ, ଭିକଟୋରିଆ ଡୁଙ୍ଗଡୁଙ୍ଗ, ପ୍ରଦୀପ, ନିରଞ୍ଜନ ରାଉତ, ଆକାଶ ପଟେଲ, ବବୁଲ ସ୍ୱାଇଁ, ତ୍ରିଲୋଚନ ପାଢ଼ୀ, ଅମର ରଞ୍ଜନ ମହାରଣା ଆଦି ସାମିଲ୍ ଥିଲେ ।



# 'ବିକଶିତ ଭାରତ ପାଇଁ ଯୁବ ପିଢ଼ିଙ୍କୁ ସଶକ୍ତ କରାଯାଉ'

**ବାଲେଶ୍ୱର, ନ୍ୟୁଜ୍**

ବିକଶିତ ଭାରତ ପାଇଁ ବିଜ୍ଞାନ ଏବଂ ନବାଚାରରେ ବିଶ୍ୱ ନେତୃତ୍ୱ ପାଇଁ ଭାରତୀୟ ଯୁବ ପିଢ଼ିକୁ ସଶକ୍ତ କରିବା ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ପାଢ଼ୀ (ଦାୟିତ୍ୱରତ) ସ୍ୱାଗତ ଭାଷଣ ପ୍ରଦାନ କରି ବିଜ୍ଞାନ ଦିବସ ପାଳନ ସଂପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଓ ମୁଖ୍ୟଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଓ ସୋଆ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ନାନୋ ସାଇନ୍ସ ଆଣ୍ଡ ନାନୋ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର ଡ଼କ୍ଟର କୁଳମଣି ପରିଡ଼ା ଯୋଗଦେଇ ନିଜର ବହୁମୂଲ୍ୟ ଅଭିଭାଷଣ ପ୍ରଦାନ କରିଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଉଦ୍‌ବୋଧନ ଦେଇ, ସମସ୍ତ ପାଠ୍ୟକ୍ରମ ସହ ବିଜ୍ଞାନ ସଂଶ୍ଳିଷ୍ଟ ରହିଛି ଓ ଆମ ଜୀବନର ପ୍ରତ୍ୟେକ କାର୍ଯ୍ୟକଳାପ ଉପରେ ବିଜ୍ଞାନର କିପରି ପ୍ରଭାବ ରହିଛି ବୁଝାଇଥିଲେ । ମୁଖ୍ୟବକ୍ତା ପ୍ରଫେସର ପରିଡ଼ା, ବିକଶିତ ଭାରତ ଗଠନରେ ବିଜ୍ଞାନର ବିକାଶର ଭୂମିକାକୁ ଆଲୋକିତ କରି ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ବିଜ୍ଞାନ, ସଂବେଦନା ଓ ଦୀପ୍ତିମାନତାକୁ ନେଇ ମୁଖ୍ୟ ଅତିଥି ପ୍ରଫେସର ମହାନ୍ତି ନିଜ ଉଦ୍‌ବୋଧନକୁ ଉପସ୍ଥାପିତ କରିଥିଲେ । ସେ ଅତ୍ୟନ୍ତ ତଥ୍ୟସମ୍ପର୍ଣ୍ଣ ଉପସ୍ଥାପନା ପ୍ରଦାନ କରି ବିଜ୍ଞାନ ସହ ଶିକ୍ଷା, ମଣିଷ ଶରୀର, ମସ୍ତିଷ୍କ ଓ ମନୋଭାବ, ସାମାଜିକ ଜୀବନଶୈଳୀ ଇତ୍ୟାଦିର ସମ୍ପର୍କରେ ସବିଶେଷ ଆଲୋକପାତ କରିଥିଲେ । ବିଜ୍ଞାନ ଦିବସକୁ ଅଧିକ ଗୁରୁତ୍ୱ ଦେଇ ଏହିବର୍ଷ ବିଶ୍ୱବିଦ୍ୟାଳୟ ତରଫରୁ ଫକୀର ମୋହନ ପ୍ରସିଦ୍ଧ ବୈଜ୍ଞାନିକ ପୁରସ୍କାର ଦେଇ ଡ଼କ୍ଟର ଶୁଭାଶିଷ ବଳଙ୍କୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରି ସମ୍ମାନିତ କରାଯାଇଛି । ଏଥିସହିତ ପ୍ରଥମଥର ପାଇଁ ବିଜ୍ଞାନର ବିଭିନ୍ନ ଶାଖାରେ ଶ୍ରେଷ୍ଠ ଅବଦାନ ଯୋଗୁଁ ବିଶ୍ୱବିଦ୍ୟାଳୟର ପାଞ୍ଚଜଣ ଅଧ୍ୟାପକ-ଅଧ୍ୟାପିକାଙ୍କୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରିଯାଇଛି । ପ୍ରଫେସର ଦେବାଶିଷ ପାତ୍ର, ଡ଼କ୍ଟର ଗ୍ରେସ୍ ବାହାଲେନ୍ ମୁଣ୍ଡୁ, ଡ଼କ୍ଟର ମନୋରଞ୍ଜନ ମିଶ୍ର, ଡ଼କ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର ଓ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀଙ୍କୁ ନିଜ ନିଜ ଗବେଷଣା କ୍ଷେତ୍ରରେ ବିଶିଷ୍ଟତା ପ୍ରତିପାଦନ ଯୋଗୁଁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଶ୍ୱର ଦୁଇ ପ୍ରତିଶତ ବୈଜ୍ଞାନିକ ମାନଙ୍କ ମଧ୍ୟରେ ସ୍ଥାନ ଅଧିକାର କରିଥିବା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ବୈଜ୍ଞାନିକ ପ୍ରଫେସର ପଙ୍କଜ କୁମାର ପାରହୀ, ପ୍ରଫେସର ଗୌରାଙ୍ଗ ଚରଣ ସାମନ୍ତ ଓ ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟଙ୍କୁ ସମ୍ମାନୀତ କରିବା ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏଥିସହ ଫକିର ମୋହନ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ସଂକଳନ ନାମରେ ଏକ ପୁସ୍ତକ ଲୋକାର୍ପିତ କରାଯାଇଥିଲା । ଏହା ସହିତ ସ୍ନାତକୋତ୍ତର ପରିଷଦର ସମ୍ମୁଖସ୍ଥ ବଗିଚାରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବିଭାଗର ଅଧ୍ୟାପକ-ଅଧ୍ୟାପିକାମାନଙ୍କ ଗବେଷଣାର ସମ୍ପୂର୍ଣ୍ଣ ବିବରଣୀ ସମୂହ ପ୍ରଦର୍ଶିତ କରାଯାଇଛି । ଜାତୀୟ ବିଜ୍ଞାନ ଦିବସର ସଂଯୋଜକ ଡ଼କ୍ଟର ସନ୍ତୋଷ କୁମାର ଅଗ୍ରୱାଲ୍ ଯୋଗଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଡ଼କ୍ଟର ବିବେକାନନ୍ଦ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଶେଷରେ ଜାତୀୟ ବିଜ୍ଞାନ ଦିବସ-୨୦୨୫ ପାଳନରେ ସମସ୍ତଙ୍କ ଉପସ୍ଥିତି ଓ ସହଯୋଗକୁ ଡ଼କ୍ଟର ଅସୀମ ଅମିତାଭ ପ୍ରଧାନ ପ୍ରଶଂସା କରି ଧନ୍ୟବାଦ ଜ୍ଞାପନ କରିଥିଲେ ।



## ଚୁଡ଼ାପାଲିକୁ ବ୍ଲକ ମାନ୍ୟତା ଦାବି ନେଇ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ବ୍ଲକ ଚୁଡାପାଲି ପଞ୍ଚାୟତକୁ ବ୍ଲକ ମାନ୍ୟତା ଦାବିରେ ଚୁଡାପାଲି ବ୍ଲକ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପାଟଣାଗଡ ସ୍ଥିତ ବାସଭବନରେ ସାକ୍ଷାତ କରି ବ୍ଲକ ପୁର୍ନଗଠନରେ ଚୁଡାପାଲି ଗ୍ରାମ ପଞ୍ଚାୟତକୁ ସାମିଲ୍ କରିବା ଓ ବ୍ଲକ ଗଠନର ଆବଶ୍ୟକ ଭିତିଭୂମି ସମ୍ପର୍କରେ ଆଲୋଚନା କରି ଏକ ଦାବିପତ୍ର ଦିଆଯାଇଥିଲା । ରାଜ୍ୟସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୁଜାରୀଙ୍କୁ ବଲାଙ୍ଗିର ସାର୍କିଟ୍ ହାଉସ୍ ଠାରେ ସାକ୍ଷାତ କରି ଚୁଡାପାଲିକୁ ବ୍ଲକ ଗଠନର ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ର ରେଜିଷ୍ଟ୍ରୀ ମାଧ୍ୟମରେ ପଞ୍ଚାୟତରାଜ ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ସେକ୍ରେଟେରୀ ପଞ୍ଚାୟତି ରାଜ ଓ ଜିଲ୍ଲପାଳ ବଲାଙ୍ଗିରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଥିଲା । ବ୍ଲକ ଗଠନର କ୍ରୀୟାନୁଷ୍ଠାନର ପ୍ରତିନିଧି ଦଳ ଗୋନ୍ତିଆ ଲୋକନାଥ କୁମୁରା, ଲଛମନ ମହାକୁର, ନରେଶ ଅଗ୍ରୱାଲ, ଅକ୍ଷୟ ଘିଭେଲା, ସୁଶିଳ ବେହେରା, ଅନିଲ ଅଗ୍ରୱାଲ, ଲବ ବାରିକ, ଚେତରାମ ବେହେରା, ରାମେଶ୍ୱର କାନ୍ତି ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

# ଟଙ୍କା ଫେରାଇବ ପାକିସ୍ତାନ, ଚାମ୍ପିଅନ୍ସ ଟ୍ରଫି ଅଧାରୁ ପିସିବି ନେଲା ବଡ଼ ନିଷ୍ପତ୍ତି

**ଇସଲାମାବାଦ**

ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାକିସ୍ତାନ ଆୟୋଜକତାରେ ଖେଳାଯାଉଛି । ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ହିଁ ବାଦ ପଡ଼ିଥିଲା । ଏହି ସମୟରେ ପାକିସ୍ତାନ କ୍ରିକେଟ ବୋର୍ଡ ଏକ ବଡ଼ ନିଷ୍ପତ୍ତି ନେଇଛି । ବୋର୍ଡ ଏହାର ପ୍ରଶଂସକମାନଙ୍କୁ କିଛି ମ୍ୟାଚ୍‌ର ଟିକେଟର ଟଙ୍କା ଫେରସ୍ତ କରିବାକୁ ଯାଉଛି । କାରଣ ଟୁର୍ଣ୍ଣାମେଣ୍ଟର କିଛି ମ୍ୟାଚ୍ ବର୍ଷାରେ ଧୋଇ ଯାଇଥିଲା । ଏହି ଦୁଇଟି ମ୍ୟାଚ୍‌ରେ ଟସ ମଧ୍ୟ ହୋଇପାରି ନ ଥିଲା । ଏପରି ପରିସ୍ଥିତିରେ ପିସିବି ଏହି ମ୍ୟାଚ୍‌ଗୁଡ଼ିକର ଟିକେଟର ଟଙ୍କା ଫେରସ୍ତ କରିବାକୁ ନିଷ୍ପତ୍ତି ନେଇଛି ।

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏକ ପ୍ରେସ ବିଜ୍ଞପ୍ତି ଜାରି କରି ଟଙ୍କା ଫେରସ୍ତ ଘୋଷଣା କରିଛି । ତେବେ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ବର୍ଷା ଯୋଗୁ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ବାତିଲ ହୋଇଛି । କିନ୍ତୁ ଏଥିମଧ୍ୟରୁ ଦୁଇଟି ମ୍ୟାଚ୍ ଗୋଟିଏ ବି ବଲ ପକା ନ ଯାଇ ବାତିଲ କରାଯାଇଥିଲା । ପାକିସ୍ତାନ କ୍ରିକେଟ ବୋର୍ଡ ଏହି ଦୁଇଟି ମ୍ୟାଚ୍‌ର ଟିକେଟ ପାଇଁ ଟଙ୍କା ଫେରସ୍ତ କରିବାକୁ ନିଷ୍ପତ୍ତି ନେଇଛି । ଏହି ମ୍ୟାଚ୍ ମଧ୍ୟରୁ ଗୋଟିଏ ୨୫ ଫେବୃଆରୀରେ ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା ଏବଂ ଅନ୍ୟଟି ୨୭ ଫେବୃଆରୀରେ ବାଂଲାଦେଶ ବନାମ ପାକିସ୍ତାନ ମ୍ୟାଚ୍ ଥିଲା ।

ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ପିସିବି ଟିକେଟ ଫେରସ୍ତ ନୀତି ଅନୁଯାୟୀ, ଟିକେଟ ଧାରକଙ୍କୁ ପୂର୍ଣ୍ଣ ଫେରସ୍ତ ଦିଆଯିବ । ଟିକେଟ ଧାରୀମାନେ ସୋମବାର, ୧୦ ମାର୍ଚ୍ଚ, ୨୦୨୫ ରୁ ଶୁକ୍ରବାର, ୧୪ ମାର୍ଚ୍ଚ, ୨୦୨୫ ମଧ୍ୟରେ କିଛି ଚୟନିତ ଟିସିଏସ୍ ଆଉଟଲେଟରେ ସେମାନଙ୍କର ଟଙ୍କା ଫେରସ୍ତ ପାଇଁ ଆବେଦନ କରିପାରିବେ । ଏହି ସମୟ ମଧ୍ୟରେ ଟିକେଟ ଧାରକମାନଙ୍କ ମୂଳ ଟିକେଟ ଦେଖାଯିବ, ଯାହା ଭଲ ଅବସ୍ଥାରେ ଥିବ । ଏହା ବ୍ୟତୀତ ଟିକେଟ ଧାରକମାନଙ୍କୁ ଫେରସ୍ତ ଦାବି କରିବା ପାଇଁ ବ୍ୟକ୍ତିଗତ ଭାବରେ ଟିସିଏସ୍ ଆଉଟଲେଟକୁ ଯିବାକୁ ପଡିବ । କିନ୍ତୁ ଯେଉଁମାନେ ଆତିଥ୍ୟ ଟିକେଟ ରଖିଛନ୍ତି ସେମାନେ ଫେରସ୍ତ ପାଇବେ ନାହିଁ । ଆପଣଙ୍କୁ କହିରଖୁଛୁ ଯେ, ପାକିସ୍ତାନ ୧୦ଟି ଟିସିଏସ୍ ଆଉଟଲେଟ ଘୋଷଣା କରିଛି, ଯେଉଁଠାରେ ପ୍ରଶଂସକମାନେ ସେମାନଙ୍କର ଟଙ୍କା ଫେରସ୍ତ ପାଇପାରିବେ ।

ଟୁର୍ଣ୍ଣାମେଣ୍ଟର ବାକି ମ୍ୟାଚ ବିଷୟରେ କହିବାକୁ ଗଲେ, ୪ଟି ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏଥିରେ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ସାମିଲ ରହିଛି । ପାକିସ୍ତାନରେ ଗୋଟିଏ ସେମିଫାଇନାଲ ମ୍ୟାଚ୍ ଏବଂ ଭାରତର ସେମିଫାଇନାଲ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହେବ । ଯଦି ଭାରତୀୟ ଦଳ ଫାଇନାଲରେ ପହଞ୍ଚିଯାଏ ତେବେ ଏହି ମ୍ୟାଚ୍ ମଧ୍ୟ ଦୁବାଇରେ ଅନୁଷ୍ଠିତ ହେବ । ନଚେତ ଟାଇଟଲ ମ୍ୟାଚ ପାକିସ୍ତାନରେ ହିଁ ଖେଳାଯିବ ।

# ଦକ୍ଷିଣ ଆଫ୍ରିକାର ସହଜ ବିଜୟ: ଲଜ୍ଜାଜନକ ପରାଜୟ ସହିତ ଚାମ୍ପିଅନ୍ସ ଟ୍ରଫିରୁ ଇଂଲଣ୍ଡ ବାହାର

**କରାଚି**

ପାକିସ୍ତାନର କରାଚିର ନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଉଥିବା ଚାମ୍ପିଅନ୍ସ ଟ୍ରଫି-୨୦୨୫ର ଗ୍ରୁପ୍-ବିର ଶେଷ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଇଂଲଣ୍ଡକୁ ପରାଜିତ କରିଛି । ଇଂଲଣ୍ଡର ଧାର୍ଯ୍ୟ ୧୮୦ ରନ୍‌ର ପିଛା କରି ଦକ୍ଷିଣ ଆଫ୍ରିକା ୨୯.୧ ଓଭରରେ ୩ ୱିକେଟ ହରାଇ ୧୮୧ ରନ ସଂଗ୍ରହ କରିଛି । ଲଜ୍ଜାଜନକ ପରାଜୟ ସହିତ ଚାମ୍ପିଅନ୍ସ ଟ୍ରଫିରୁ ଇଂଲଣ୍ଡ ବାହାର ହୋଇଛି । ଇଂଲଣ୍ଡ ଦଳ ବିଜୟ ଖାତା ଖୋଲିପାରି ନାହିଁ ।

ଦକ୍ଷିଣ ଆଫ୍ରିକା ପକ୍ଷରୁ ରୟାନ ରକେଲଟନ ୨୭ ରନ କରିଥିବା ବେଳେ ହେନରିଚ କ୍ଲେସେନ ୬୪ ରନ କରିଥିଲେ । ସେହିପରି ରସାଇ ୱାନ ଦେର ଡେସାନ ୭୨ ରନ କରିଥିଲେ । ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର ୨ଟି ୱିକେଟ ନେଇଥିବାବେଳେ ଆଦିଲ ରସିଦ ଗୋଟିଏ ୱିକେଟ ନେଇଥିଲେ ।

ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୮.୨ ଓଭରରେ ଅଲଆଉଟ ହୋଇ ୧୭୯ ରନ କରିଥିଲା । ଫଳରେ ଦକ୍ଷିଣ ଆଫ୍ରିକା ପାଇଁ ବିଜୟ ଲକ୍ଷ୍ୟ ୧୮୦ ରନ ରହିଥିଲା ।




ଦକ୍ଷିଣ ଆଫ୍ରିକା ବୋଲିଂର ସାମ୍ନା ନକରି ପାରି ଇଂଲଣ୍ଡ ଦଳ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଇଂଲଣ୍ଡ ପକ୍ଷରୁ ବେନ ଡକେଟ ୨୪ ରନ କରିଥିବାବେଳେ ଜୋ ରୁଟ ୩୭ ରନ କରିଥିଲେ । ସେହିପରି ହ୍ୟାରି ବ୍ରୁକ ୧୯ ରନ୍, ଜୋସ ବଟଲର ୨୧ ରନ୍, ଜେମି ଓଭରଟନ ୧୧ ରନ୍, ଜୋଫ୍ରା ଆର୍ଚର ୨୫ ରନ କରିଥିଲେ ।

ସେହିପରି ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜନସେନ ୩ ୱିକେଟ ନେଇଥିବାବେଳେ କେଶଭ ମହାରାଜ ୨ ୱିକେଟ ନେଇଥିଲେ । ଅପରପକ୍ଷରେ କାଗିସୋ ରବାଡ଼ା ଗୋଟିଏ ୱିକେଟ, ଆନ ମୁଲଡର ୩ ୱିକେଟ ନେଇଥିଲେ । ଲୁଙ୍ଗି ଏନଗିଡି ଗୋଟିଏ ୱିକେଟ ନେଇଥିଲେ ।

# ନେଟ୍ ବୋଲର ଯଶକିରନଙ୍କୁ ସ୍ୱତନ୍ତ୍ର ଉପହାର ଦେଲେ ଶ୍ରେୟସ



**ଦୁବାଇ**

ଚଳିତ ଚାମ୍ପିୟନ୍ସ ଟ୍ରଫି ଲାଗି ଆଇସିସି ନେଟ ବୋଲରଙ୍କ ମଧ୍ୟରେ ସ୍ଥାନ ପାଇଥିବା ଯଶକିରନ ସିଂଙ୍କ ଲାଗି ଶନିବାର ଏକ ସ୍ୱତନ୍ତ୍ର ଦିନ ଥିଲା । ଯଶକିରନଙ୍କୁ ଭାରତୀୟ ଦଳର ଟପ ଅର୍ଡର ବ୍ୟାଟର ଶ୍ରେୟସ ଆୟାର ଏକ ହଳ ଜୋତା ଉପହାରରେ ଦେଇଛନ୍ତି ।

ଏ ସମ୍ପର୍କରେ ପେସାରେ ଚାର୍ଟାଡ ଆକାଉଣ୍ଟାଣ୍ଟ ଥିବା ଯଶକିରନ କହିଛନ୍ତି ଯେ, ମୁଁ ଫିଲ୍ଡିଂ କରୁଥିବା ବେଳେ ଶ୍ରେୟସ ଭାଇ ମୋ ନିକଟକୁ ଆସିଥିଲେ । ମୋତେ ପଚାରିଥିଲେ, ତୁମ ପାଦ ସାଇଜ କେତେ । ମୁଁ ଉତ୍ତରରେ ୧୦ ବୋଲି କହିଥିଲେ । ତା ପରେ ସେ କହିଥିଲେ ଯେ, ମୋ ପାଖରେ ତୁମ ପାଇଁ କିଛି ଅଛି । ସେ ମୋତେ ଏକ ଜୋତା ଦେଇଥିଲେ । ଏହା ମୋ ପାଇଁ ବହୁତ କିଛି । ମୁଁ ଆଇସିସି ନେଟ ବୋଲିଂ ଦଳର ଅଂଶ । ଆଜି ମୋ ଜୀବନର ସ୍ୱତନ୍ତ୍ର ଦିନ ଶ୍ରେୟସଙ୍କଠାରୁ ଜୋତା ପାଇବା ମୋ ପାଇଁ ବହୁତ ବଡ଼ କଥା । ଏହି ଟୁର୍ଣ୍ଣାମେଣ୍ଟରେ ମୁଁ ଭାରତୀୟ ଦଳ ପାଇଁ ଫିଲ୍ଡିଂ କରିଛି । କିନ୍ତୁ ସେମାନଙ୍କୁ ବୋଲିଂ କରିବାକୁ ଏବେ ବି ଅପେକ୍ଷା କରିଛି ।

# ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଲଢ଼େଇ ପୂର୍ବରୁ ଭାରତ ପାଇଁ ଆସିଲା ପୁଣି ଗୋଟିଏ ଖରାପ ଖବର

**ନୂଆଦିଲ୍ଲୀ**

ଚାମ୍ପିୟନ୍ସ ଟ୍ରଫି ସେମି ଫାଇନାଲରେ ନିଜର ସ୍ଥାନ ସୁରକ୍ଷିତ କରି ନେଇଥିବା ଭାରତ ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ନ୍ୟୁଜିଲ୍ୟାଣ୍ଡକୁ ଭେଟିବ । ନ୍ୟୁଜିଲ୍ୟାଣ୍ଡ ମଧ୍ୟ ଚାମ୍ପିୟନ୍ସ ଟ୍ରଫି ସେମିରେ ପ୍ରବେଶ କରି ସାରିଛି । ରବିବାର ଟେବୁଲ ଟପ୍ପର ପାଇଁ ଦୁଇ ଦେଶ ମଧ୍ୟରେ ଲଢେଇ ହେବ । କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପୂର୍ବରୁ ଭାରତ ପାଇଁ ଆସିଛି ଖରାପ ଖବର ।



ଟିମ ଇଣ୍ଡିଆର ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଶାମି ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ମ୍ୟାଚ୍‌ରେ ନଜର ଆସି ନ ପାରନ୍ତି । ପାକିସ୍ତାନ ବିପକ୍ଷ ମ୍ୟାଚ୍ ବେଳେ ଶାମିଙ୍କ ପେଣ୍ଡାରେ ସମସ୍ୟା ଦେଖିବାକୁ ମିଳିଥିଲା । ଏଥିପାଇଁ ସେ କିଛି ସମୟ ବାହାରେ ମଧ୍ୟ ବିଶ୍ରାମ ନେଇଥିଲେ । ପରବର୍ତ୍ତୀ ଅବସ୍ଥାରେ ସେ ବୋଲିଂ କରିଥିଲେ ହେଁ ପାକିସ୍ତାନ ବିପକ୍ଷରେ କୌଣସି ପ୍ରକାରର ୱିକେଟ ପାଇ ନଥିଲେ ।

ଗୋଟିଏ ପଟେ ଶାମି ଆହତ ହୋଇଥିବା ବେଳେ ଅନ୍ୟପଟେ ନ୍ୟୁଜିଲ୍ୟାଣ୍ଡ ଟିମ୍‌ରେ ୫ ଜଣ ବାମହାତୀ ବ୍ୟାଟର ରହିଛନ୍ତି । ତେଣୁ ଆସନ୍ତାକାଲି ମ୍ୟାଚ୍‌ରେ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇ ପାରନ୍ତି । ଶୁକ୍ରବାର ଦୁବାଇ ଷ୍ଟାଡିୟମରେ ହୋଇଥିବା ଅଭ୍ୟାସ ସେସନ୍‌ରୁ ଏହାର ସଙ୍କେତ ମିଳିଛି । ଅଭ୍ୟାସ ସେସନ୍‌ରେ ଶାମିଙ୍କ ଅପେକ୍ଷା ଅର୍ଶଦୀପ ଅଧିକ ଝାଳ ବୁହାଇଛନ୍ତି ।

ବୋଲିଂ କୋଚ୍ ମର୍ଣ୍ଣେ ମୋର୍କେଲଙ୍କ ତତ୍ତ୍ୱାବଧାନରେ ଅର୍ଶଦୀପ ଢେର ସମୟ ଧରି ଅଭ୍ୟାସ କରିଥିଲେ । ଅର୍ଶଦୀପ ପୂରା ରନଅପରେ ୧୩ ଓଭର ବୋଲିଂ କରିଥିବା ବେଳେ ଶାମି କେବଳ ୬ରୁ ୭ ଓଭର ପକାଇଥିଲେ । ସେହିପରି ଶାମି ଜୋରରେ ମଧ୍ୟ ଦୌଡ଼ୁ ନଥିବା ଦେଖିବାକୁ ମିଳିଛି । ଯଦି ଶାମି କାଲିର ମ୍ୟାଚ୍ ନ ଖେଳନ୍ତି, ତାହେଲେ ଭାରତ ପାଇଁ ଏହା ଝଟକା ସଦୃଶ ହେବ ।

ପୂର୍ବରୁ ଯଶପ୍ରୀତ ବୁମ୍ରାଙ୍କୁ ହରାଇ ସାରିଥିବା ଭାରତ ଏବେ ଶାମିଙ୍କ ଉପରେ ପୂରା ନିର୍ଭରଶୀଳ ରହିଛି । ସେହିପରି ଶାମି ଶେଷଥର ପାଇଁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଖେଳିବା ବେଳେ ୭ ୱିକେଟ ଦଖଲ କରିଥିଲେ । ୨୦୨୩ ମସିହା ଦିନିକିଆ ବିଶ୍ୱକପ ସେମି ଫାଇନାଲରେ ଶାମିଙ୍କୁ ଏପରି ସଫଳତା ମିଳିଥିଲା ।

ପାକିସ୍ତାନ ବିପକ୍ଷରେ ଭାରତ ଫେବୃଆରୀ ୨୩ରେ ମ୍ୟାଚ୍ ଖେଳିଥିଲା । ଏହି ମ୍ୟାଚ୍‌ରେ ଶାମି ବ୍ୟକ୍ତିଗତ ଭାବେ ୩ ଓଭର ବୋଲିଂ କରିବା ପରେ ପଡ଼ିଆ ବାହାରକୁ ଚାଲି ଯାଇଥିଲେ । ଡ୍ରେସିଂ ରୁମରେ ଫିଜିଓ ତାଙ୍କର ଡାହାଣ ଗୋଡ଼ର ପେଣ୍ଡାରେ ମସାଜ କରିଥିଲେ । ଏହାର କିଛି ସମୟ ପରେ ଶାମି ପଡ଼ିଆକୁ ଆସିଥିଲେ । ଶାମି ଦୀର୍ଘ ୧୪ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଛନ୍ତି ।

ଏବେ ଆହତ ସମସ୍ୟା ପୁଣି ସମସ୍ତଙ୍କ ଚିନ୍ତା ବଢାଇଛି । ତେଣୁ ତାଙ୍କୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ମ୍ୟାଚ୍‌ରେ ବିଶ୍ରାମ ଦେଇ ଭାରତୀୟ ଟିମ ସେମି ଫାଇନାଲ ପାଇଁ ଫିଟ ରଖିବାକୁ ଯୋଜନା କରୁଛି । ଶୁକ୍ରବାର ଅଭ୍ୟାସ ସେସନ୍‌ରୁ ଏହାର ସଙ୍କେତ ମଧ୍ୟ ମିଳିଛି ।

ଅନ୍ୟପକ୍ଷରେ ଟିମ ଇଣ୍ଡିଆର ନିୟମିତ ଅଧିନାୟକ ରୋହିତ ଶର୍ମା ମଧ୍ୟ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ମ୍ୟାଚ୍ ପାଇଁ ୧୦୦% ଫିଟ ନଥିବା ଜଣାପଡ଼ିଛି । ତେଣୁ ଟିମ ମ୍ୟାନେଜମେଣ୍ଟ ତାଙ୍କୁ ଗ୍ରୁପ ଏର ଶେଷ ମ୍ୟାଚ୍‌ରେ ବିଶ୍ରାମ ଦେବାକୁ ବିଚାର କରୁଛି । ଭାରତ ଯେହେତୁ ସେମିରେ ସ୍ଥାନ ସୁରକ୍ଷିତ କରି ନେଇଛି, ସେଥିପାଇଁ ମ୍ୟାନେଜମେଣ୍ଟ ରୋହିତଙ୍କୁ ବିଶ୍ରାମ ଦେବା ସପକ୍ଷରେ ରହିଥିବା ରିପୋର୍ଟ ପ୍ରକାଶ ପାଇଛି ।

ଯଦି ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ମ୍ୟାଚରେ ରୋହିତ ଶର୍ମାଙ୍କୁ ବିଶ୍ରାମ ମିଳିବ, ତାହେଲେ ଉପ ଅଧିନାୟକ ଶୁବମନ ଗିଲ ନେତୃତ୍ୱ ନେବେ । ରୋହିତ ମାଂସପେଶୀ ଜନିତ ସମସ୍ୟାରେ ପଡ଼ିଛନ୍ତି । ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ମାଂସପେଶୀ ସମସ୍ୟାରେ ପଡ଼ିଥିଲେ । ଏଥିଯୋଗୁ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା ଓ ଗିଲ କିଛି ସମୟ ପାଇଁ ପାକିସ୍ତାନ ବିପକ୍ଷରେ ଦଳର ନେତୃତ୍ୱ ନେଇଥିଲେ । ଅବଶ୍ୟ ହିଟମ୍ୟାନ ପରବର୍ତ୍ତୀ ଅବସ୍ଥାରେ ରନ ଚେଜ ବେଳେ ବ୍ୟାଟିଂ କରିବାକୁ ଆସିଥିଲେ ।

ଏବେ ବି ସେ ସଂପୂର୍ଣ୍ଣ ଭାବେ ଆହତ ସମସ୍ୟାରୁ ମୁକୁଳି ପାରି ନାହାନ୍ତି । ଏଥିପାଇଁ ସେ ଦୁବାଇରେ ଭାରତ କରୁଥିବା ଅଭ୍ୟାସ ସେସନ୍‌ରେ ମଧ୍ୟ ବ୍ୟାଟ ଚଳାଇ ନାହାନ୍ତି । ତାଙ୍କୁ ଭାରତର ଷ୍ଟ୍ରେନ୍ଥ ଓ କଣ୍ଡିସନିଂ କୋଚ ଏବଂ ଫିଜିଓଥେରାପିଷ୍ଟଙ୍କ ସହ ଦେଖିବାକୁ ମିଳିଥିଲା । ଏଥିରୁ ସ୍ପଷ୍ଟ ହେଉଛି ଯେ ରୋହିତ ମାଂସପେଶୀ ଜନିତ ସମସ୍ୟାରୁ ମୁକୁଳି ପାରି ନାହାନ୍ତି ।

# ନିଜ ଦଳକୁ ଛାଡ଼ି ଭାରତର ପ୍ରଶଂସା କଲେ ପୂର୍ବତନ ଅଷ୍ଟ୍ରେଲୀୟ ଖେଳାଳି ମାଇକେଲ କ୍ଲାର୍କ

**ମୁମ୍ବାଇ**


ଚାମ୍ପିଅନ୍ସ ଟ୍ରଫି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏପର୍ଯ୍ୟନ୍ତ ତିନୋଟି ଦଳ ସେମିଫାଇନାଲରେ ପହଞ୍ଚିସାରିଛନ୍ତି । ଭାରତ, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ଦଳ ସେମିଫାଇନାଲରେ ପହଞ୍ଚିବାରେ ସଫଳ ହୋଇଛନ୍ତି । ତେବେ ଦକ୍ଷିଣ ଆଫ୍ରିକା ଦଳ ସେମିଫାଇନାଲରେ ପହଞ୍ଚିବା ପାଇଁ ଚତୁର୍ଥ ଦଳ ହେବ ବୋଲି ଆଶା କରାଯାଉଛି । ଏମଧ୍ୟରେ ପୁଣିଥରେ ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ମାଇକେଲ କ୍ଲାର୍କ ୨୦୨୫ ଚାମ୍ପିଅନ୍ସ ଟ୍ରଫିର ବିଜେତା ବିଷୟରେ ଭବିଷ୍ୟବାଣୀ କରିଛନ୍ତି । ମାଇକେଲ କ୍ଲାର୍କ ବିୟଣ୍ଡ ୨୩ କ୍ରିକେଟ ପୋଡକାଷ୍ଟରେ ସାକ୍ଷାତକାର ଦେବା ସମୟରେ ଏହି ଭବିଷ୍ୟବାଣୀ କରିଥିଲେ । ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ନିଶ୍ଚିତ ଯେ ଏଥର ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିବ ।

ସାକ୍ଷାତକାରରେ ସେ କହିଥିଲେ ଯେ, ମୁଁ ଭାବୁଛି ଅଷ୍ଟ୍ରେଲିଆ ଫାଇନାଲରେ (ଚାମ୍ପିଅନ୍ସ ଟ୍ରଫି) ରହିବ ଏବଂ ଭାରତ ବିପକ୍ଷରେ ଖେଳିବ । ମୁଁ ଚାହୁଁଛି ଅଷ୍ଟ୍ରେଲିଆ ଜିତୁ । କିନ୍ତୁ ମୁଁ ପ୍ରକୃତରେ ଭାବୁଛି ଭାରତ ଚାମ୍ପିଅନ୍ସ ଟ୍ରଫି ଜିତିବ । ସେମାନେ ବର୍ତ୍ତମାନ ବିଶ୍ୱର ସର୍ବୋତ୍ତମ ଏବଂ ନମ୍ବର ୧ ଦିନିକିଆ ଦଳ ମୁଁ ଭାବୁଛି ଫାଇନାଲରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ, ଏବଂ ଭାରତ ଗୋଟିଏ ରନରେ ଜିତିବ ।

# କୋହଲିଙ୍କ ଟାର୍ଗେଟରେ ୭ ମହାରେକର୍ଡ

**ନୂଆଦିଲ୍ଲୀ**

ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଟିମ୍ ଇଣ୍ଡିଆ ଚମତ୍କାର ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛି । ରବିବାର ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଖେଳିବ । ଟୁର୍ଣ୍ଣାମେଣ୍ଟ ଦୃଷ୍ଟିରୁ ଏହି ମ୍ୟାଚ୍‌ର କୌଣସି ବିଶେଷ ଗୁରୁତ୍ୱ ନାହିଁ । କିନ୍ତୁ ଏହି ମ୍ୟାଚ ବିରାଟ କୋହଲିଙ୍କ କ୍ୟାରିୟରର ୩୦୦ତମ ଓଡିଆଇ ହେବାକୁ ଯାଉଥିବାରୁ ବେଶ ଗୁରୁତ୍ୱପୂର୍ଣ୍ଣ ରହିବ । ସେ ଏପରି ଉପଲବ୍ଧି ହାସଲ କରିବାରେ କେବଳ ୭ମ ଭାରତୀୟ ଖେଳାଳି ହେବେ । ଏହି ସଫଳତା ହାସଲ କରି କୋହଲି ସଚିନ ତେନ୍ଦୁଲକର, ଶିଖର ଧାୱନ ଏବଂ କ୍ରିସ ଗେଲଙ୍କ ଭଳି କିମ୍ବଦନ୍ତୀଙ୍କୁ ପଛରେ ପକାଇ ଇତିହାସ ସୃଷ୍ଟି କରିପାରନ୍ତି । ତେବେ ଗୋଟିଏ କି ଦୁଇଟି ନୁହେଁ କୋହଲି ୭ ମହାରେକର୍ଡ କରିବାକୁ ଚେଷ୍ଟା କରିବେ ।




ନ୍ୟୁଜିଲାଣ୍ଡ ବିପକ୍ଷରେ କୋହଲି ଶିଖର ଧାୱନଙ୍କ ରେକର୍ଡ ଭାଙ୍ଗିପାରନ୍ତି । ଚାମ୍ପିଅନ୍ସ ଟ୍ରଫି ଇତିହାସରେ ଧାୱନ ଭାରତ ପକ୍ଷରୁ ସର୍ବାଧିକ ରନ୍ କରିଛନ୍ତି । ସେ ଏହି ଟୁର୍ଣ୍ଣାମେଣ୍ଟର ୧୦ଟି ମ୍ୟାଚ୍ ଖେଳି ୭୦୧ ରନ କରିଛନ୍ତି । ସେହିଭଳି କୋହଲି ଚାମ୍ପିଅନ୍ସ ଟ୍ରଫିର ୧୫ଟି ମ୍ୟାଚ୍ ଖେଳି ୬୫୧ ରନ୍ କରିଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷରେ ୫୧ ରନ କରିବା ମାତ୍ରେ ସେ ଧାୱନଙ୍କୁ ପଛରେ ପକାଇ ଭାରତ ପାଇଁ ସର୍ବାଧିକ ରନ ସ୍କୋରର ହୋଇଯିବେ ।

ଯଦି ଆମେ ଚାମ୍ପିଅନ୍ସ ଟ୍ରଫିରେ ସାମଗ୍ରିକ ରେକର୍ଡ ବିଷୟରେ କଥା ହେବା, ତେବେ ସର୍ବାଧିକ ରନ ସ୍କୋର କରିବାରେ କ୍ରିସ ଗେଲ ନମ୍ବର ୧ ଅଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ସେ ୧୭ଟି ମ୍ୟାଚ୍ ଖେଳି ୭୯୧ ରନ କରିଛନ୍ତି । ଏହି ରେକର୍ଡ ଭାଙ୍ଗିବାକୁ ହେଲେ ବିରାଟ କୋହଲିଙ୍କୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୧୪୧ ରନ କରିବାକୁ ପଡିବ ।

କୋହଲିଙ୍କ ପାଖରେ ତାଙ୍କର ୩୦୦ତମ ଓଡିଆଇରେ ଭାରତର ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇବାର ସୁଯୋଗ ମଧ୍ୟ ରହିବ । ନ୍ୟୁଜିଲାଣ୍ଡ ବିପକ୍ଷରେ ସର୍ବାଧିକ ରନ୍ କରିବାର ରେକର୍ଡ ସଚିନଙ୍କ ନାମରେ ଅଛି । ସେ ୪୨ଟି ଦିନିକିଆ ମ୍ୟାଚ୍ ଖେଳି ୧୭୫୦ ରନ୍ କରିଛନ୍ତି । ଅନ୍ୟପକ୍ଷରେ କୋହଲି ଏପର୍ଯ୍ୟନ୍ତ କି ଦଳ ବିପକ୍ଷରେ ୩୧ ମ୍ୟାଚ୍ ଖେଳି ୧୬୪୫ ରନ କରିଛନ୍ତି ଏବଂ ୧୦୬ ରନ କରିବା ମାତ୍ରେ ସେ ସଚିନଙ୍କ ଏହି ରେକର୍ଡ ଭାଙ୍ଗିବେ ।

ଯଦି କୋହଲି ୧୦୬ ରନ କରି ସଚିନଙ୍କୁ ପଛରେ ପକାଇ ଦିଅନ୍ତି, ତେବେ ସେ ବୀରେନ୍ଦ୍ର ସେହ୍ୱାଗଙ୍କ ଏକ ରେକର୍ଡ ମଧ୍ୟ ଭାଙ୍ଗିବେ । ସେହ୍ୱାଗ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଏକଦିବସୀୟରେ ସର୍ବାଧିକ ଶତକ ହାସଲ କରିବାର ରେକର୍ଡ ରଖିଛନ୍ତି । ସେ ୨୩ ମ୍ୟାଚ୍‌ରୁ ୬ଟି ଶତକ ମାରିଥିଲେ, ଯେତେବେଳେ କୋହଲି ତାଙ୍କ ସହିତ ସମକକ୍ଷ ହୋଇସାରିଛନ୍ତି । ଏହାର ଅର୍ଥ ହେଉଛି ସେ ଥରେ ଶତକ ମାରିବା ପରେ, ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ସର୍ବାଧିକ ଶତକ ମାରିଥିବା ବ୍ୟାଟ୍ସମ୍ୟାନ ହୋଇଯିବେ ।

ଚାମ୍ପିଅନ୍ସ ଟ୍ରଫିରେ କୋହଲିଙ୍କ ପାଖରେ ଧାୱନଙ୍କ ସହିତ ପୂର୍ବତନ ଭାରତୀୟ ଅଧିନାୟକ ତଥା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏବଂ ପୂର୍ବତନ ଭାରତୀୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କ ଅତି କମରେ ଗୋଟିଏ ରେକର୍ଡ ଭାଙ୍ଗିବାର ସୁଯୋଗ ରହିବ । ପ୍ରକୃତରେ, ଏହି ତିନିଜଣ ହିଁ ଚାମ୍ପିଅନ୍ସ ଟ୍ରଫିରେ ସର୍ବାଧିକ ୫୦+ ସ୍କୋର କରିଥିବା ଖେଳାଳି ଧାନ, ଗାଙ୍ଗୁଲି ଏବଂ ଦ୍ରାବିଡ ପ୍ରତ୍ୟେକ ୬ ଥର ଏହି କୃତିତ୍ୱ ହାସଲ କରିଛନ୍ତି । କୋହଲି ଏହି ମାମଲାରେ ସମସ୍ତଙ୍କ ସହିତ ସମକକ୍ଷ ହୋଇସାରିଛନ୍ତି । ଏବେ ସେ ତାଙ୍କର ୩୦୦ତମ ଓଡିଆଇରେ ୫୦ ରନ ଅତିକ୍ରମ କରିବା ମାତ୍ରେ, ସେ ଏହି ତିନି କିମ୍ବଦନ୍ତୀଙ୍କୁ ପଛରେ ପକାଇଦେବେ ।

ବିରାଟ କୋହଲି ଗତ ମ୍ୟାଚ୍‌ରେ ୧୦୦ ରନ୍‌ର ଇନିଂସ ଖେଳି ଦିନିକିଆରେ ୧୪୦୦୦ ରନ ଅତିକ୍ରମ କରିଥିଲେ । ଏପର୍ଯ୍ୟନ୍ତ ସେ ୨୯୯ ମ୍ୟାଚ୍ ଖେଳି ୧୪୦୮୫ ରନ କରିଛନ୍ତି । ଏବେ ଯଦି କୋହଲି କି ଦଳ ବିପକ୍ଷରେ ୧୫୦ ରନ କରିବାରେ ସଫଳ ହୁଅନ୍ତି, ତେବେ ସେ କୁମାର ସାଙ୍ଗାକାରାକୁ ପଛରେ ପକାଇ ଏହି ଫର୍ମାଟରେ ଦ୍ୱିତୀୟ ସର୍ବାଧିକ ରନ ସ୍କୋରର ହେବେ ତେବେ ସାଙ୍ଗାକାରା ୪୦୪ ମ୍ୟାଚ୍ ଖେଳି ୧୪୨୩୪ ରନ କରିଛନ୍ତି ।

ଏହା ବ୍ୟତୀତ ବିରାଟ କୋହଲିଙ୍କ ପାଖରେ ତାଙ୍କର ୩୦୦ତମ ଓଡିଆଇରେ ଏକ ସଫଳତା ହାସଲ କରିବାର ସୁଯୋଗ ରହିବ ସେ ଏପର୍ଯ୍ୟନ୍ତ ଓଡିଆଇରେ ୧୫୮ ଟି କ୍ୟାଚ୍ ନେଇସାରିଛନ୍ତି । ଯଦି ସେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୩ଟି କ୍ୟାଚ୍ ନିଅନ୍ତି, ତେବେ ସେ ରିକି ପଣ୍ଟିଂଙ୍କୁ ପଛରେ ପକାଇଦେବେ । ସେ ଏକଦିବସୀୟ ମ୍ୟାଚ୍‌ରେ ସର୍ବାଧିକ କ୍ୟାଚ୍ ନେବାରେ ଦ୍ୱିତୀୟ ଖେଳାଳି ହେବେ । ପଣ୍ଟିଂ ଏହି ଫର୍ମାଟରେ ୧୬୦ଟି କ୍ୟାଚ୍ ନେଇଛନ୍ତି ।

# ଚାମ୍ପିଅନ୍ସ ଟ୍ରଫି ୨୦୨୫: ଭାରତ ସହ ସେମିଫାଇନାଲ ଖେଳିବାକୁ ୨ ଟିମ ପହଞ୍ଚିବେ ଦୁବାଇରେ

**ନୂଆଦିଲ୍ଲୀ**

ଚାମ୍ପିଅନ୍ସ ଟ୍ରଫି ୨୦୨୫ ଟୁର୍ଣ୍ଣାମେଣ୍ଟ ଏକ ହାଇବ୍ରିଡ ମଡେଲରେ ଅନୁଷ୍ଠିତ ହେଉଛି । ଗୋଟିଏ ପଟେ, ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚ ପାକିସ୍ତାନର କରାଚି, ଲାହୋର ଏବଂ ରାଲପିଣ୍ଡିରେ ଅନୁଷ୍ଠିତ ହେଉଥିବା ବେଳେ ଭାରତୀୟ ଦଳର ସମସ୍ତ ମ୍ୟାଚ ୟୁଏଇର ଦୁବାଇ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି । ଭାରତୀୟ ଦଳ ସେମିଫାଇନାଲରେ ପହଞ୍ଚିଛି ଏବଂ ଏହାର ସେମିଫାଇନାଲ ମ୍ୟାଚ ମାର୍ଚ୍ଚ ୪ରେ ଦୁବାଇରେ ଖେଳାଯିବ । ସେମିଫାଇନାଲରେ ଭାରତ ଅଷ୍ଟ୍ରେଲିଆ କିମ୍ବା ଦକ୍ଷିଣ ଆଫ୍ରିକା ସହିତ ମୁକାବିଲା କରିବ ।




ଚଳିତ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ, ତିନୋଟି ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏପର୍ଯ୍ୟନ୍ତ, ଗ୍ରୁପ ଏରୁ ଭାରତ, ନ୍ୟୁଜିଲ୍ୟାଣ୍ଡ ଏବଂ ଗ୍ରୁପ ବିରୁ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଦକ୍ଷିଣ ଆଫ୍ରିକା ମଧ୍ୟ ସେମିଫାଇନାଲରେ ପହଞ୍ଚି ସାରିଛି । ରିପୋର୍ଟ ଅନୁଯାୟୀ, ଗ୍ରୁପ ବିରୁ ଯୋଗ୍ୟତା ଅର୍ଜନ କରିଥିବା ଉଭୟ ଦଳ ସମ୍ଭବତଃ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ଶନିବାର ୟୁଏଇ ଯାତ୍ରା କରିବେ ।

ଏକ ରିପୋର୍ଟ ଅନୁଯାୟୀ, ଗ୍ରୁପ ବିରୁ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଉଭୟ ଦଳକୁ ଦୁବାଇ ପଠାଇବାର ନିଷ୍ପତ୍ତି ନିଆଯାଇଛି । ଯାହା ଦ୍ୱାରା ସେମାନେ ମାର୍ଚ୍ଚ ୪ରେ ହେବାକୁ ଥିବା ସେମିଫାଇନାଲ ପ୍ରସ୍ତୁତି ପାଇଁ ଅଧିକ ସମୟ ପାଇପାରିବେ । କେବଳ ଗୋଟିଏ ଦଳ ସେଠାରେ ରହିବ ଏବଂ ଅନ୍ୟ ଦଳ ପରଦିନ ପାକିସ୍ତାନ ଫେରିଯିବ । ଭାରତ ସହିତ କେଉଁ ଦଳ ସେମିଫାଇନାଲ ଖେଳିବ ତାହା ମାର୍ଚ୍ଚ ୨ ପରେ ହିଁ ଜଣାପଡିବ ।

ଭାରତୀୟ ଦଳ ଏବେ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ମ୍ୟାଚ ଖେଳିବ । ଏହି ମ୍ୟାଚ ଦ୍ୱାରା ଗ୍ରୁପ ଏର ପଏଣ୍ଟ ଟେବୁଲରେ କେଉଁ ଦଳ ଶୀର୍ଷରେ ରହିବ ତାହା ନିର୍ଣ୍ଣୟ ହେବ । ବର୍ଷା ଯୋଗୁଁ ଅଷ୍ଟ୍ରେଲିଆର ଆଫଗାନିସ୍ତାନ ବିପକ୍ଷ ମ୍ୟାଚ ବାତିଲ ହୋଇଥିଲା । ଯାହା ପରେ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ଦିଆଯାଇଥିଲା । ଏହି ମ୍ୟାଚ ପରେ, ଅଷ୍ଟ୍ରେଲିଆ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି । ସେ ଦୁବାଇ ଚାଲିଯାଇଛନ୍ତି ।

ଅନ୍ୟପକ୍ଷରେ, ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପହଞ୍ଚିବା ପ୍ରାୟ ନିଶ୍ଚିତ, ତେଣୁ ସେମାନେ ଇଂଲଣ୍ଡ ବିପକ୍ଷ ମ୍ୟାଚ ପରେ କରାଚୀରୁ ଦୁବାଇ ଯିବେ । ଯଦି ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ ମ୍ୟାଚରେ ଏକ ବଡ଼ ବିପର୍ଯ୍ୟୟ ଘଟେ, ତେବେ ଆଫଗାନିସ୍ତାନ ସେମିଫାଇନାଲରେ ପହଞ୍ଚିବ । ସେହି ପରିସ୍ଥିତିରେ ସେ ଦୁବାଇ ମଧ୍ୟ ଯିବେ । ଏହାର ଅର୍ଥ ହେଉଛି ଭାରତ ବିପକ୍ଷରେ କେବଳ ଗୋଟିଏ ଦଳ ସେମିଫାଇନାଲ ମ୍ୟାଚ ଖେଳିବ, କିନ୍ତୁ ପ୍ରସ୍ତୁତି ପାଇଁ ଦୁଇଟି ଦଳ ଦୁବାଇ ପହଞ୍ଚିବେ ।

# ଚାମ୍ପିଅନ୍ସ ଟ୍ରଫି ପରେ ୩ ଥର ମୁହାଁମୁହିଁ ହେବେ ଭାରତ-ପାକିସ୍ତାନ

**ନୂଆଦିଲ୍ଲୀ**

ନିକଟରେ ଭାରତ ଏବଂ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫିରେ ମୁହାଁମୁହିଁ ହୋଇଥିଲେ । ଭାରତୀୟ ପାକିସ୍ତାନକୁ ସହଜରେ ପରାସ୍ତ କରିଥିଲା । ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ପହଞ୍ଚିଛି, କିନ୍ତୁ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନର ଯାତ୍ରା ଶେଷ ହୋଇଯାଇଛି ।

ତଥାପି, କ୍ରିକେଟ୍ ପ୍ରେମୀଙ୍କ ମନରେ ପ୍ରଶ୍ନ ହେଉଛି ଭାରତ ଏବଂ ପାକିସ୍ତାନର ଦଳ କେବେ ମୁହାଁମୁହିଁ ହେବେ? ଯଦି ଆପଣ ଭାରତ-ପାକିସ୍ତାନ ମ୍ୟାଚର ପ୍ରଶଂସକ, ତେବେ ଆପଣଙ୍କ ପାଇଁ ଏକ ଖୁସି ଖବର ଅଛି । ପ୍ରକୃତରେ, ଆପଣ ଖୁବ୍ ଶୀଘ୍ର ପୁଣି ଥରେ ଭାରତ-ପାକିସ୍ତାନ ମୁହାଁମୁହିଁ ଦେଖିବାକୁ ପାଇବେ ।

ରିପୋର୍ଟ ଅନୁସାରେ, ଏସିଆନ୍ କ୍ରିକେଟ୍ ପରିଷଦ ଏସିଆ କପ୍‌କୁ ଅନୁମୋଦନ କରିଛି । ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବରରେ ଆୟୋଜିତ ହୋଇପାରେ । ସେହି ସମୟରେ, ଶ୍ରୀଲଙ୍କା ଏସିଆ କପର ଆୟୋଜନ ପାଇପାରେ । ଯଦି ଗଣମାଧ୍ୟମ ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ଶ୍ରୀଲଙ୍କା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ଟଇର) ଏସିଆର ଆୟୋଜନ ପାଇପାରନ୍ତି ।

ଏହା ସହିତ, ଟୁର୍ଣ୍ଣାମେଣ୍ଟଟି ଟି-୨୦ ଫର୍ମାଟରେ ଖେଳାଯିବ । ଏହା ବିଶ୍ୱାସ କରାଯାଉଛି ଯେ ଏସିଆ କପରେ ଭାରତ ଏବଂ ପାକିସ୍ତାନ ସମେତ ୮ଟି ଦଳ ଦୁଇଟି ଗ୍ରୁପରେ ବିଭକ୍ତ ହେବେ । ଭାରତ ଏବଂ ପାକିସ୍ତାନ ଗୋଟିଏ ଗ୍ରୁପରେ ରହିବେ । ଯଦି ଏହା ହୁଏ, ତେବେ ଭାରତ ଏବଂ ପାକିସ୍ତାନୀ ଦଳ ଟୁର୍ଣ୍ଣାମେଣ୍ଟରେ ୩ ଥର ପରସ୍ପରର ମୁହାଁମୁହିଁ ହୋଇପାରନ୍ତି ।



## ମାର୍ଚ୍ଚ ୩ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ପାଇଁ ସ୍ଲଟ୍ ବୁକିଂ ଶେଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମାର୍ଚ୍ଚ ୩ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନଶୁଣାଣି ପାଇଁ ସ୍ଲଟ୍ ବୁକିଂ ଆଜି ଶେଷ ହୋଇଛି। ମୁଖ୍ୟମନ୍ତ୍ରୀଙ୍କୁ ଆସନ୍ତା ସୋମବାର ସାକ୍ଷାତ ଅଭିଯୋଗ ପାଇଁ ସର୍ବାଧିକ ୧୦୦୦ଜଣଙ୍କ ପାଇଁ ପଞ୍ଜୀକରଣ ଉଦ୍ଦିଷ୍ଟ ଥିଲା । ଏଥିପାଇଁ ପୂର୍ବ ସୂଚନା ଅନୁସାରେ ଫେବୃୟାରୀ୨୮ ତାରିଖ ପୂର୍ବାହ୍ନ ୧୧ଘଟିକାଠାରୁ ଏହି ସ୍ଲଟ୍ ବୁକିଂ ବା ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମାର୍ଚ୍ଚ ୧ତାରିଖ ଶନିବାର ଅପରାହ୍ଣ ସୁଦ୍ଧା ୧୦୦୦ଜଣ ନିଜ ନିଜର ସ୍ଲଟ୍ ବୁକିଂ କରିସାରିଥିବା ଜଣାଯାଇଛି।



ଭୁବନେଶ୍ୱର : ରାଜଭବନ ପରିସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ପ୍ରିନ୍ସିପାଲ ଆକାଉଣ୍ଟ ଜେନେରାଲ ରାଜ କୁମାର ଏବଂ ପ୍ରିନ୍ସିପାଲ ଏଜି ଡି.ସାହୁ। (ଫଟୋ ସମ୍ବାଦ କଳିକା)

# ରାଜ୍ୟ ସରକାର ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଉପରେ ତୁରନ୍ତ ପଦକ୍ଷେପ ନିଅନ୍ତୁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧/୩**

ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମାନଙ୍କର ସାଧାରଣ ବିଦ୍ୟାଳୟରେ ନାମ ଲେଖାଇଥିବା ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କର ଶିକ୍ଷା ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ସମ୍ପର୍କରେ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବାରେ ଅଗ୍ରଗତି ଅଭାବରେ ମାନ୍ୟବର ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ନିର୍ଦ୍ଦେଶ ପ୍ରଥମେ ଅକ୍ଟୋବର ୨୮,୨୦୨୧ରେ ପାସ୍ କରାଯାଇଥିଲା । ସାମ୍ପ୍ରତିକ ଶୁଣାଣିରେ, ବିଚାରପତି ସୁଧାଂଶୁ ଧୂଳିଆ ଏବଂ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଏହି ନିର୍ଦ୍ଦେଶଗୁଡ଼ିକର ଅନୁପାଳନ ନ ହେବା 'ଅତ୍ୟନ୍ତ ଦୁଃଖଦ ପରିସ୍ଥିତି' ବୋଲି ଆଲୋକପାତ କରିଛନ୍ତି । କୋର୍ଟ ଦର୍ଶାଇଛନ୍ତି ଯେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ସତ୍ତ୍ୱେ, ଅନେକ ରାଜ୍ୟ ଆବଶ୍ୟକୀୟ ସ୍ୱତନ୍ତ୍ର ଶିକ୍ଷକ ପଦବୀ ମଞ୍ଜୁର କରିବାରେ ବିଫଳ ହୋଇଛନ୍ତି, ଯାହା ବିଶେଷ ଆବଶ୍ୟକତା ରଖୁଥିବା ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କର ମୌଳିକ ଶିକ୍ଷାର ଉର୍ନ୍ନତିରେ ପ୍ରତିବନ୍ଧକ ଅଟେ। ବିଚାରପତି ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ସମ୍ବନ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ୪ ମାର୍ଚ୍ଚ, ୨୦୨୫ ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ସୁଦ୍ଧା ପଦକ୍ଷେପର ଠୋସ୍ ପ୍ରମାଣ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ଓଡିଶା ସ୍ପେସିଆଲ ଏଡୁକେଟର ଫ୍ରଡେରେସନ ଫର ଦିବ୍ୟାଙ୍ଗର ଯୁଗ୍ମ ସମ୍ପାଦକ, ଆୟୁଷ୍ମାନ ଚୌଧୁରୀ ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଓଡ଼ିଶା ସରକାରଙ୍କୁ ଦାବି ଏବଂ ଅନୁରୋଧ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ୭,୦୦୦ରୁ ଅଧିକ ସ୍ୱତନ୍ତ୍ର ଶିକ୍ଷକ ଆଶାୟୀ ଏବଂ ୧.୪ ଲକ୍ଷ ସ୍ୱତନ୍ତ୍ର ଆବଶ୍ୟକତା ରଖୁଥିବା ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଉପକୃତ ହେବେ ବୋଲି ଦୃଢ଼ଉକ୍ତି ରଖିଛନ୍ତି । ଓଡିଶାର ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୃଷ୍ଟି ଅଗ୍ନିହୋତ୍ରୀ ମାମଲା ପରିଚାଳନା କରୁଛନ୍ତି।



## ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

# ଅବସର ପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ତୁରନ୍ତ ପ୍ରଦାନ କରାଯାଉ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**




ସ୍ଥାନୀୟ ବିଜିପୁର ସନ୍ତୋଷୀ ମା'କଲ୍ୟାଣ ମଣ୍ଡପ ଠାରେ ଗଞ୍ଜାମ ଜିଲ୍ଲା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ମାସିକ କାର୍ଯ୍ୟକାରିଣୀ ବୈଠକ କାର୍ଯ୍ୟକାରୀ ସଭାପତି ବିରୁପାକ୍ଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ସିମାଞ୍ଚଳ ପ୍ରସାଦ ବିଷୋୟୀ ସ୍ୱାଗତ ଭାଷଣ ସହ ଗତ ବୈଠକ ବିବରଣୀ ପ୍ରଦାନ କରିଥିଲେ। ସଂଘ ର ପୂର୍ବତନ କର୍ମକର୍ତ୍ତା ସ୍ୱର୍ଗତ ମନ୍ମଥ ପାଢ଼ୀ ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତର ଖ୍ୟାତନାମା ବର୍ଷିଆନ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଅକାଳ ବିୟୋଗରେ ଦିବଂଗତ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଶ୍ରୀ ବିରୁପାକ୍ଷ ଦାସ ଓ ଉପସଭାପତି ନବୀନ କୁମାର ପଟ୍ଟନାୟକ ସଂଘର ବିଭିନ୍ନ ଦାବି ଉପରେ ଆଲୋକପାତ କରିଥିଲେ। ଆସନ୍ତା ମାସରେ ଧରାକୋଟ, ଶେରଗଡ଼, କୋଦଳା ଓ ରାଜ୍ୟ ସଂଘର ବାର୍ଷିକ ସମ୍ମିଳନୀରେ ଯୋଗ ଦାନ ନିମନ୍ତେ ଆଲୋଚନା ହୋଇଥିଲା । ସଂଘର ମୁଖ୍ୟ ଦାବି ଚିକିତ୍ସା ଭତ୍ତା ପ୍ରଦାନ, କମ୍ୟୁଟେଡ଼ ପେନସନ ଶୁଝିବା ଅବଧି ୧୫ବର୍ଷ ପରିବର୍ତ୍ତେ ୧୦ବର୍ଷ କରିବା ଏବଂ ଯେଉଁମାନଙ୍କ ୧୦ବର୍ଷ କାଟିସାରିଲାଣି ସେମାନଙ୍କ କାଟିବା ବନ୍ଦ କରିବା ନିମନ୍ତେ ନିର୍ଦ୍ଦେଶନାମା ଏବଂ ବହୁ ଦାବି ଉପରେ ପୁନର୍ବାର ଉପସ୍ଥାପନା କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦେବରାଜ କୋଠିଆ, ସୁଲପାଣି ମିଶ୍ର କାର୍ଯ୍ୟକାରୀ ସଦସ୍ୟ ପ୍ରଶାନ୍ତ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାରଣା, ଡି ଆପ୍ପା ରାଓ, ଅନ୍ତର୍ଯାମୀ ମହାରଣା, ଘନଶ୍ୟାମ ଗୌଡ଼, ଏ ସୁବାସ ଚନ୍ଦ୍ର ନାୟକ, ସୁବାସ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆର୍ଯ୍ୟପଲ୍ଲୀ ଫିସିଂ ଜେଟି ମାର୍ଗରେ ସୋଲାର ଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ



**ଛତ୍ରପୁର, ନ୍ୟୁଜ ବ୍ୟୁରୋ**

ଆର୍ଯ୍ୟପଲ୍ଲୀ ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବି ଶେଷରେ ପୂରଣ ହୋଇଛି। ଏହି ଅବସରରେ ଗୋପାଳପୁର ବନ୍ଦର ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) କାର୍ଯ୍ୟକ୍ରମ ଅନ୍ତର୍ଗତ ଆଦାନୀ ଫାଉଣ୍ଡେସନ ଜରିଆରେ କେ ଆର୍ଯ୍ୟପଲ୍ଲୀରୁ ଫିସିଂ ଜେଟି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ସୋଲାର ଲାଇଟ ମାଧ୍ୟମରେ ଆଲୋକିକରଣ କରାଯାଇଛି। କେ ଆର୍ଯ୍ୟପଲ୍ଲୀ ରୁ ଫିସିଂ ଜେଟିକୁ ଯାଉଥିବା ପାଖାପାଖି ୨ କିଲୋମିଟର ବ୍ୟାପି ଏହି ମାର୍ଗରେ କୌଣସି ଲାଇଟର ବ୍ୟବସ୍ଥା ନଥିବା ହେତୁ ମତ୍ସ୍ୟଜୀବୀମାନେ ମାଛ ମାରିବାକୁ ଯିବା ଆସିବାରେ ଅନେକ ସମସ୍ୟା ସମ୍ମୁଖୀନ ହେଉଥିଲେ। ଗ୍ରାମବାସୀଙ୍କ ଅନୁରୋଧ କୁ ରକ୍ଷା କରି ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏହି ଫିସିଂ ଜେଟି ମାର୍ଗରେ ଅତ୍ୟାଧୁନିକ ୨୨ ଟି ସୋଲାର ଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି। ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୋପାଳପୁର ବନ୍ଦର ବିଜନେସ୍ ମୁଖ୍ୟ ଶ୍ରୀ ସନ୍ଦୀପ ଜୈସଓ୍ୱାଲ ନଡିଆ ଭାଙ୍ଗି ଏହି ଆଲୋକିକରଣ ବ୍ୟବସ୍ଥାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଭକ୍ତ ବନ୍ଧୁ ଶତପଥୀ, ମୁଖ୍ୟ, ଆଇଆର୍ ଗୋପାଳପୁର ବନ୍ଦର, ଶ୍ରୀ ସଞ୍ଜୟ ମଲ୍ଲିକ, ମୁଖ୍ୟ, ବନ୍ଦର ସୁରକ୍ଷା , ଶ୍ରୀ ସତ୍ୟଜିତ ରଥ, ମୁଖ୍ୟ, ଏଚଆର,ଶ୍ରୀ ଦେବଦତ୍ତ ମିଶ୍ର, ମୁଖ୍ୟ, ସିଏସଆର, ଆର୍ ଗୋବିନ୍ଦା, ଏନ୍ ଶ୍ୟାମା, ଏମ୍ ଗୁମାଲି, ଏ ଟଟାରୟ ଏବଂ ଆର୍ଯ୍ୟପଲ୍ଲୀ ଗ୍ରାମର ଅନେକ ଭଦ୍ରଲୋକ ଉପସ୍ଥିତ ଥିଲେ। ଏହି ପଦକ୍ଷେପର ସକରାତ୍ମକ ପ୍ରଭାବକୁ ସ୍ୱୀକାର କରି ସ୍ଥାନୀୟ ନେତା ତଥା ସମ୍ପ୍ରଦାୟର ପ୍ରତିନିଧୀମାନେ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ଏନ୍ ଶ୍ୟାମା କହିଛନ୍ତି ଯେ ପର୍ଯ୍ୟାପ୍ତ ଆଲୋକର ଅଭାବ ହେତୁ ମତ୍ସ୍ୟଜୀବୀମାନେ ବର୍ଷ ବର୍ଷ ଧରି ଏହି ମାର୍ଗରେ ଅନ୍ଧାରରେ ଯିବାଆସିବା କରୁଥିଲେ। ଆଦାନୀ ଫାଉଣ୍ଡେସନ ଦ୍ୱାରା ସୋଲାର ଚାଳିତ ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀ, ବ୍ୟବସାୟୀ, ଗ୍ରାମବାସୀ ଓ ପରିବହନକାରୀ ସୁରକ୍ଷିତ ଭାବେ ଯିବାଆସିବା କରିପାରିବେ। ବିଳମ୍ବିତ ରାତି ହେଉ କିମ୍ବା ପ୍ରାତଃ ସକାଳ ହେଉ ଏହି ମାର୍ଗଟି ଅଧିକ ନିରାପଦ ଏବଂ ସୁବିଧାଜନକ ହୋଇପାରିଛି, ସେଥିପାଇଁ ମୁଁ ଆଦାନୀ ଫାଉଣ୍ଡେସନକୁ ସାଧୁବାଦ ଜଣାଉଛି। ଏହାସହ ବଡ ଆର୍ଯ୍ୟପଲ୍ଲୀ ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ମଧ୍ୟ କରାଯାଇଥିଲା ଯେଉଥିରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଏବଂ ନିଦାନ ବିଶେଷଜ୍ଞ, ଶ୍ୱାସ ରୋଗ ଏବଂ ଚକ୍ଷୁ ରୋଗ ଆଦି ବିଭାଗର ଦକ୍ଷ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ରୋଗର ନିରୂପଣ ପରୀକ୍ଷା ଓ ପରାମର୍ଶ ଇତ୍ୟାଦି କରାଯିବା ସଙ୍ଗେ ସଙ୍ଗେ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା । ଏହି ଶିବିରରେ ପ୍ରାୟ ୩୬୦ରୁ ଉର୍ଦ୍ଧ ଶିଶୁ, ମହିଳା ଓ ବୃଦ୍ଧ ସ୍ୱାସ୍ଥ୍ୟବସ୍ଥାର ପରୀକ୍ଷଣ କରିବା ସହ ଡାକ୍ତରଙ୍କ ସହ ସେମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପରାମର୍ଶ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଭିନ୍ନ ବିକାଶମୂଳକ...

ବିଶେଷ ଭାବରେ ଆଦିବାସୀ ସଂସ୍କୃତିର ସଂରକ୍ଷଣ ପାଇଁ ଅନେକ ମନ୍ଦିର ଓ ବାଥୁଡି ସମ୍ପ୍ରଦାୟ ପାଇଁ ଗୋଟିଏ କମ୍ୟୁନିଟି ସେଣ୍ଟର ମଧ୍ୟ ମୁଖ୍ୟମନ୍ତ୍ରୀ ଶୁଭଉଦ୍‌ଘାଟନ ତଥା ଶିଳାନ୍ୟାସ କରିଛନ୍ତି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଦଳା ସହିତ ମୋର ସମ୍ପର୍କ ଅତି ନିବିଡ଼ ଓ ନିଆରା। ବିଧାୟକ ହେବା ପୂର୍ବରୁ ମଧ୍ୟ ଏଇ ମାଟି ସହିତ ମୋର ଅତି ଘନିଷ୍ଠ ସମ୍ପର୍କ ରହିଛି । ଏହି ମାଟିର ଭାଷା, ସଂସ୍କୃତି, ପରମ୍ପରା ସହିତ ମୁଁ ଓତଃପ୍ରୋତ ଭାବେ ଜଡିତ। ମୟୂରଭଞ୍ଜକୁ ମୋର ଦ୍ୱିତୀୟ ଘର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ମାଟିର ମୂଳ ଓ ସ୍ଥାୟୀ ଅଧିବାସୀ ଭାବରେ ଗଣ୍ୟ ଆଦିବାସୀ ସଂପ୍ରଦାୟଙ୍କର ଲୋକ କଳା, ଚଳଣି ଓ ପରମ୍ପରା ଆମ ପାଇଁ ଗର୍ବର କଥା । ଓଡିଶାର କଳା ଓ ସଂସ୍କୃତିକୁ ଆଦିବାସୀ ସଂସ୍କୃତି ହିଁ ଉଜ୍ଜ୍ୱଳ କରିଛି। ଓଡିଶାର କଳା ଜଗତକୁ ମୟୂରଭଞ୍ଜ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ମୟୂରଭଞ୍ଜର ଛଉ ନୃତ୍ୟ ବିଶ୍ୱ ପ୍ରସିଦ୍ଧ । ଅନେକ ଆଦିବାସୀ ନୃତ୍ୟ କଳା ଓ ସଂଗୀତ ମଧ୍ୟ ଓଡିଶା ମାଟିକୁ ସମୃଦ୍ଧ କରିଛି। ସେ କହିଥିଲେ ଯେ ଆଜି ଆମ ରାଜ୍ୟ ଓଡିଶା ଏକ ନୂତନ ବିକାଶର ପଥର ଯାତ୍ରୀ ହୋଇଛି । ଆଜି ଆପଣଙ୍କ ସରକାର ଆପଣଙ୍କ ବିକାଶ ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି, ଯେପରିକି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ମାଧୋ ସିଂ ଛାତ୍ରବୃତ୍ତି ଯୋଜନା, ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ନୂତନ ଶିକ୍ଷାନୀତି ପରି ଯୋଜନା ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଜଗନ୍ନାଥ ଦର୍ଶନ ସେବା, ମଡେଲ ମଣ୍ଡି ପରି ନୂତନ ଯୋଜନାର ପରିକଳ୍ପନା କରାଯାଇଛି । ଆଜି ଆମ ସରକାର କ୍ଷମତାକୁ ଆସିବାର ପ୍ରାୟ ୯ ମାସ ହୋଇ ସାରିଛି । ଏହି ସ୍ୱଳ୍ପ ଦିନରେ ଆମ ସରକାର ପ୍ରକୃତରେ ଲୋକଙ୍କ ସରକାରର ମାନ୍ୟତା ଲାଭ କରିଛି । ଆଜି ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ଓ ନିର୍ବାଚିତ ଲୋକପ୍ରତିନିଧି ସିଧାସଳଖ ଭାବରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ସମାଧାନ ପାଇଁ ପ୍ରୟାସ କରୁଛନ୍ତି । ଆମେ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଜନ ଶୁଣାଣି କରୁଛୁ । ଭବିଷ୍ୟତରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଶୁଣାଣି କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ଯେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି । ଦେଶ ଓ ରାଜ୍ୟର ଏହି ମହାନ ଲକ୍ଷ୍ୟ ପୂରଣରେ ମୟୂରଭଞ୍ଜର ମଧ୍ୟ ବିଶେଷ ଭୂମିକା ରହିବ । ସେହି ସ୍ୱପ୍ନକୁ ବାସ୍ତବତାର ରୂପ ଦେବାପାଇଁ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ ଧାରାରେ ସାଥି ହୋଇ ବିଶ୍ୱାସର ସେତୁ ବନ୍ଧ ତିଆରି କରିବା ସମସ୍ତଙ୍କ ପ୍ରୟାସରେ ସମୃଦ୍ଧ ଓଡିଶା ଗଠନ ହେବ। ବିକଶିତ ଭାରତ ଗଠନ ହେବ। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ସମ୍ଭବ ହୋଇପାରିବ । ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନ ଧାରଣର ମାନରେ ଗୁଣାତ୍ମକ ପରିବର୍ତ୍ତନ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ। ଏହି କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଓ ଉପସ୍ଥିତ ସମସ୍ତ ସାଂସଦ, ବିଧାୟକ, ଅଧିକାରୀ ଏବଂ ଜନସାଧାରଣ ମୟୂରଭଞ୍ଜ ମାଟିର ସନ୍ତାନ ତଥା କିମ୍ବଦନ୍ତୀ ଓଡ଼ିଆ ସିନେ ଅଭିନେତା ସ୍ୱର୍ଗତଃ ଉତ୍ତମ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମହାନ୍ତିଙ୍କ ବିୟୋଗକୁ ରାଜ୍ୟର ତଥା ସିନେ ଜଗତର ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦଳା ଅଞ୍ଚଳର ହୀରା ସିଂ ଓ ଗଣେଶ୍ୱର ସିଂ ଙ୍କୁ ସରକାରଙ୍କର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପକ୍ଷରୁ ଏକ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀଶ୍ରୀ ନାଏକ କହିଥିଲେ ଯେ ଆମ ସରକାରଙ୍କ ଉଦ୍ଦେଶ୍ୟ, ବିକାଶ ପ୍ରତ୍ୟେକ ଗାଁକୁ ଯିବ ଏବଂ ପ୍ରତ୍ୟେକ ଗାଁର ପ୍ରତ୍ୟେକ ଗରିବ ଘରେ ବିକାଶର ଜ୍ୟୋତି ଜଳିବ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ପ୍ରତିଟି ଘରକୁ ପକ୍କା ଘର ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ଲୋକପ୍ରିୟ ସରକାର ଆଜି ଏହି ଅଳ୍ପ ଦିନରେ ପ୍ରତ୍ୟେକ ଗରିବ ମୁହଁରେ ହସ ଫୁଟାଇ ପାରିଛନ୍ତି ଏବଂ ଆଗକୁ ମଧ୍ୟ ଏହି ଧାରା ଜାରୀ ରହିବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ, ମମତା ମହାନ୍ତ, ବିଧାୟକ ପ୍ରକାଶ ସୋରେନ, ସନାତନ ବିଜୁଳି, ଭାଦବ ହାଁସଦା, କୁମାରୀ ସଞ୍ଜଲି ମୁର୍ମୁ, ଅଖିଳ ଚନ୍ଦ୍ର ନାୟକ ଏବଂ ଡଃ ଫକୀର ମୋହନ ନାଏକ ଉଦବୋଧନ ଦେଇ ମୟୂରଭଞ୍ଜର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନକୁ ଅଶେଷ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଦଳା ବିଧାୟକ ଭାସ୍କର ମଢେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ବିରୋଧୀ...

ସହ ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀ ମାନଙ୍କୁ ପୋଲିସ ଗାଡ଼ିରେ ନେଇ ପରେ ଛାଡ଼ି ଦେଇଥିଲେ। ତେବେ ରାଜ୍ୟରେ ଏଭଳି ବ୍ୟଭିଚାର ଶାସନ ବିରୁଦ୍ଧରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ତାର ପ୍ରତିବାଦ ଜାରି ରଖିବ। ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଓ ନ୍ୟାୟ ଦେବାପାଇଁ ଗଣତାନ୍ତ୍ରିକ ଉପାୟରେ କଂଗ୍ରେସ ତାର ଆନ୍ଦୋଳନକୁ ଅଧିକ ତୀବ୍ରତର କରିବବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ସେ କହିଛନ୍ତି ବେଟି ବଚାଓ, ବେଟି ପଢ଼ାଓ ସ୍ଲୋଗାନ ଦେଉଥିବା ଡବଲ ଇଞ୍ଜିନ ସରକାରଙ୍କ ୮ ମାସର ଶାସନକାଳ ଲଜ୍ଜାରେ ଭରି ରହିଛି। ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଘଟଣା ସରକାରଙ୍କ ଆଇନଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି। ବାଲେଶ୍ୱରର ସୋର, ଢେଙ୍କାନାଳ,ସମ୍ବଲପୁର, ରାଉରକେଲା, ବଲାଙ୍ଗୀରର ଖଇରାପାଲ୍ଲି, କୋରାପୁଟରର ଲକ୍ଷ୍ମୀପୁର, ଭଦ୍ରକର ବେତଡ଼ା, ଦେଓଗଡ଼ ଓ ବରଗଡ଼ରେ ଧନୁଯାତ୍ରା ସମୟରେ ମହିଳାମାନଙ୍କ ପ୍ରତି ଗଣବଳାତ୍କାର ଘଟଣା ରାଜ୍ୟବାସୀଙ୍କ ଭିତରେ ଆଲୋଡନ ସୃଷ୍ଟି କରିଛି। ଯେଉଁ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ଛାତ୍ରୀମାନେ କୁଆଁରୀ ମା' ହେବା ସାମଗ୍ରିକ ପ୍ରଶାସନିକ ବ୍ୟବସ୍ଥାକୁ ଲଜ୍ଜିତ କରିଛି। ରାଜ୍ୟର ଅପରାଧ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି। ଓଡ଼ିଶା ଏକ ଅପରାଧ ପ୍ରବଣ ରାଜ୍ୟରୂପେ ପରିଗଣତି ହେବାକୁ ବସିଲାଣି। ବେଳ ଥାଉ ଥାଉ ସରକାର ଯଦି କଠୋର କାର୍ଯ୍ୟାନୁଷ୍ଠାନ ନଗ୍ରହଣ କରନ୍ତି ଏବଂ ମହିଳା ମାନଙ୍କର ସୁରକ୍ଷାକୁ ପ୍ରାଥମିକତା ନଦିଅନ୍ତି ତାହାଲେ ରାଜ୍ୟ କଂଗ୍ରେସ ଏ ସରକାରକୁ ଶାନ୍ତିରେ ନିଶ୍ୱାସ ମାରିବାକୁ ଦେବ ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ଆଜିର ଆନ୍ଦୋଳନକୁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ, ସାଂସଦ ପ୍ରାର୍ଥୀ ସୟଦ ୟାସିର ନଓ୍ୱାଜ ଓ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ର ପରିଚାଳନ କରିଥିଲେ। ଅନ୍ୟମାନଙ୍କ ଭିତରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ପୂର୍ବତନ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତି, ଜାନକୀବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାସ, ସୁବ୍ରତ ମହାପାତ୍ର, ସସ୍ମିତା ବେହେରା, ରଜନୀ ମହାନ୍ତି, ଅଶୋକ ଦାସ, ମହମ୍ମଦ ଇମ୍‌ଦାଦ୍, ଜୟକୃଷ୍ଣ ମଲ୍ଲିଆ, ଦେବରାଜ ମିଶ୍ର, ଦେବୀ ପ୍ରସାଦ ବାହାଲିଆ, ସୁରଭୀ ବିଷୋଇ ଓ କେଦାର ଦଳେଇ ପ୍ରମୁଖ ନେତୃତ୍ୱ ନେଇଥିଲେ। ଛାତ୍ର ଓ ଯୁବ କଂଗ୍ରେସର ବହୁ ଯୁବନେତା ଆଜିର ଘେରାଉ କାର୍ଯ୍ୟକ୍ରମରେ ଯୋଗଦେଇ ବିଜେପି ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ।

## ଛତିଶଗଡର ସୁକମାରେ ...

ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ହିଁ ନକ୍ସଲମାନେ ଯବାନଙ୍କ ଉପରେ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ । ଆକ୍ରମଣକୁ ଦେଖି ଯବାନମାନେ ବି ଗୁଳି ଚଳାଇଥିଲେ । ଏବେ ଯବାନ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି ।

## ଦୁନିଆର କେଉଁ ...

ଚାରି ଗୁଣ ଅଧିକ, ଯେତେବେଳେ ଏହା ମାତ୍ର ୪ ପ୍ରତିଶତ ଥିଲା। ଏହି ସୁପର ବିଲିୟନିୟରଙ୍କ ମୋଟ ସମ୍ପତ୍ତି ୩.୩ ଟ୍ରିଲିୟନ ଟଙ୍କା (ପ୍ରାୟ ୨୭୪ ଲକ୍ଷ କୋଟି ଟଙ୍କା)। ଏଲନ ମସ୍କ- ଖ୍ରୀଷ୍ଟିଆନ- ୪୧୯.୪ ବିଲିୟନ-ଟେସଲା, ଜେଫ ବେଜୋସ- ଖ୍ରୀଷ୍ଟିଆନ- ୨୬୩.୮ ବିଲିୟନ- ଆମାଜନ, ବର୍ଣ୍ଣାର୍ଡ ଆର୍ନଲ୍ଟ-ରୋମାନ କ୍ୟାଥୋଲିକ- ୨୩୮.୯ ବିଲିୟନ- ଏଲ୍‌ଭିଏମ୍‌ଏଚ୍, ଲରେନ୍ସ ଏଲିସନ-ୟିହୁଦୀ- ୨୩୭ ବିଲିୟନ- ଓରାକେଲ, ମାର୍କ ଜୁକରବର୍ଗ-ୟିହୁଦୀ- ୨୨୦.୮ ବିଲିୟନ-ମେଟା, ସର୍ଗେ ବିନ- ୟିହୁଦୀ- ୧୬୦.୫ ବିଲିୟନ-ଆଲଫାବେଟ, ଷ୍ଟିଭେନ ବଲମର-ଖ୍ରୀଷ୍ଟିଆନ- ୧୫୭.୪ ବିଲିୟନ-ମାଇକ୍ରୋସଫ୍ଟ, ଓ୍ୱାରେନ ବଫେଟ-ନାସ୍ତିକ-୧୫୪.୨ ବିଲିୟନ-ବର୍କଶାୟାର ହାଥାଓ୍ୱେ, ଜେମ୍ସ ଓ୍ୱାଲଟନ-ଖ୍ରୀଷ୍ଟିଆନ- ୧୧୭.୫ ବିଲିୟନ- ଓ୍ୱାଲମାର୍ଟ, ସାମୁଏଲ ରବସନ ଓ୍ୱାଲ୍ଟନ-ଖ୍ରୀଷ୍ଟିଆନ-୧୧୪.୪ ବିଲିୟନ ଓ୍ୱାଲମାର୍ଟ, ଆମାନ୍ସିଓ ଓର୍ଟେଗା-ରୋମାନ କ୍ୟାଥୋଲିକ- ୧୧୩ ବିଲିୟନ-ଇଣ୍ଡାଇଟେକ୍ସ, ଆଲିସ ଓ୍ୱାଲ୍ଟନ-ଖ୍ରୀଷ୍ଟିଆନ-୧୧୦ ବିଲିୟନ-ଓ୍ୱାଲମାର୍ଟ, ଜେନସେନ ହୁଆଙ୍ଗ-ବୌଦ୍ଧ ଧର୍ମ- ୧୦୮.୪ ବିଲିୟନ-ଏନଭିଡିଆ, ବିଲ ଗେଟ୍ସ-ରୋମାନ କ୍ୟାଥୋଲିକ-୧୦୬ ବିଲିୟନ-ମାଇକ୍ରୋସଫ୍ଟ, ମାଇକେଲ ବ୍ଲୁମବର୍ଗ -ୟିହୁଦୀ-୧୦୩.୪ ବିଲିୟନ- ବ୍ଲୁମବର୍ଗ, ଲରେନ୍ସ ପେଜ- ୟିହୁଦୀ -୧୦୦.୯ ବିଲିୟନ -ଆଲଫାବେଟ, ମୁକେଶ ଅମ୍ବାନୀ- ହିନ୍ଦୁ- ୯୦.୬ ବିଲିୟନ- ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ଚାଲର୍ସ କଚ- ଖ୍ରୀଷ୍ଟିଆନ- ୬୭.୪ ବିଲିୟନ- କଚ ଇଣ୍ଡଷ୍ଟ୍ରିଜ, ଜୁଲିଆ କଚ- ଖ୍ରୀଷ୍ଟିଆନ- ୬୫.୧ ବିଲିୟନ- କଚ ଇଣ୍ଡଷ୍ଟ୍ରିଜ, ଫ୍ରାଙ୍କୋଇଜ ବେଟେନକୋର୍ଟ ମେୟର୍ସ -ରୋମାନ କ୍ୟାଥୋଲିକ- ୬୧.୯ ବିଲିୟନ- ଲୋରିଆଲ, ଗୌତମ ଆଦାନୀ -ହିନ୍ଦୁ- ୬୦.୬ ବିଲିୟନ- ଆଦାନୀ ଗ୍ରୁପ, ମାଇକେଲ ଡେଲ -ୟିହୁଦୀ -୫୯.୮ ବିଲିୟନ -ଡେଲ ଟେକ୍ନୋଲୋଜିସ, ଝୋଙ୍ଗ ଶାନଶାନ- ବୌଦ୍ଧ ଧମର୍- ୫୭.୭ ବିଲିୟନ- ନୋଙ୍ଗଫୁ ବସନ୍ତ, ପ୍ରଜୋଗୋ ପାଙ୍ଗେଷ୍ଟୁ- ଖ୍ରୀଷ୍ଟିଆନ- ୫୫.୪ ବିଲିୟନ- ବାରିଟୋ ପାସିଫିକ। ସୁପର କୋଟିପତିଙ୍କ ତାଲିକାରେ ବିଭିନ୍ନ ଧର୍ମର ଲୋକଙ୍କୁ ସାମିଲ କରାଯାଇଛି । ତାଲିକାରେ ୯ ଜଣ ଖ୍ରୀଷ୍ଟିଆନ ଅଛନ୍ତି, ଯେଉଁଥିରୁ ୪ ଜଣ ରୋମାନ କ୍ୟାଥୋଲିକ। ଏହା ବ୍ୟତୀତ ୬ ଜଣ ୟିହୁଦୀ, ୨ ଜଣ ହିନ୍ଦୁ ଏବଂ ୨ ଜଣ ବୌଦ୍ଧ ଧର୍ମାବଲମ୍ବୀ ମଧ୍ୟ ଅନ୍ତର୍ଭୁକ୍ତ। ଜଣେ ବ୍ୟକ୍ତି ନାସ୍ତିକ ଅଛନ୍ତି। ଏହାର ଅର୍ଥ ସେ କୌଣସି ଧର୍ମରେ ବିଶ୍ୱାସ କରନ୍ତି ନାହିଁ । ଯଦି ଆମେ ମୁସଲିମ ଧର୍ମ ବିଷୟରେ କଥା ହେବା, ତେବେ ଏହି ତାଲିକାରେ ଜଣେ ବି ମୁସଲିମ ବ୍ୟବସାୟୀ ସାମିଲ ନାହାନ୍ତି।

# ଆମ୍ବେଦକରଙ୍କ ଚିନ୍ତାଧାରା କାର୍ଯ୍ୟକାରୀ ହେଉ : ଭଜମନ ବେହେରା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଚିନ୍ତାଧାରା ଉପରେ ସମସ୍ତେ ସଚେତନ ହେବା ଆବଶ୍ୟକ। ରାଜ୍ୟରେ ଆମ୍ବେଦକରଙ୍କ ଚିନ୍ତାଧାରା କାର୍ଯ୍ୟକାରୀ କରିବାକୁ ଆମ୍ବେଦକର ସମାଜ ସେବା ଆସୋସିଏସନ (ଆଶା) ଓଡ଼ିଶା ଶାଖା ପକ୍ଷରୁ ଦାବି କରାଯାଇଛି।

ଶୁକ୍ରବାର ସ୍ଥାନୀୟ ରେଡ଼କ୍ରସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆସୋସିଏସନର ମୁଖ୍ୟ ଉପଦେଷ୍ଟା ଭଜମନ ବେହେରା ଓ ସଭାପତି ମୁରଲୀଧର ଦାସ ଭାରତବର୍ଷରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅସମାନତା ସମ୍ପର୍କରେ ମତ ରଖିଥିଲେ। ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ସମ୍ବିଧାନର ଶାସନ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ରାଜନୈତିକ ନ୍ୟାୟ ନାଗରିକଙ୍କ ହାତରେ ରହିଛି। ତେବେ ଅସାଧୁ ଉପାୟରେ ଯେଉଁ ଭୋଟ ଆଦାୟ କରି ସରକାର ଗଠିତ ହେଉଛି ତାଙ୍କ ଦ୍ୱାରା ସାମାଜିକ ଓ ଆର୍ଥିକ ନ୍ୟାୟର କୌଣସି ସମ୍ଭାବନା ନାହିଁ। ସମଗ୍ର ଦେଶରେ ସାମାଜିକ ଓ ଆର୍ଥିକ ନ୍ୟାୟରୁ ଲୋକେ ବଞ୍ଚିତ ହେଉଛନ୍ତି। ଜନସାଧାରଣ ଏ ସମ୍ପର୍କରେ ସଚେତନ ହେବା ଦରକାର।

ଆମ୍ବେଦକରଙ୍କୁ ଭାରତବର୍ଷର ସମ୍ବିଧାନ ରଚନା ଦାୟିତ୍ୱ ମିଳିଥିବାରୁ ସମାଜ ସୁଧାର ପାଇଁ ତାଙ୍କର ସମସ୍ତ ଅନୁଭୂତି ସମ୍ପର୍କରେ ସେମାନେ ଉଲ୍ଲେଖ କରିଛନ୍ତି। ତେଣୁ ତାଙ୍କର ଚିନ୍ତାଧାରା କାର୍ଯ୍ୟକାରୀ କରାଯିବା ଦରକାର। ସେମାନେ କହିଲେ ଯେ ଆମ ଦେଶ ସମସ୍ତ ଲୋକ ଭାରତୀୟ। ଏହି ଦେଶରେ ଲିଙ୍ଗ ଜାତିଭେଦ ଓ ଧର୍ମଭେଦ ରହିବ ନାହିଁ। ସମସ୍ତ ନାଗରିକଙ୍କୁ ଶାସନ ବ୍ୟବସ୍ଥା ଦେବା ପାଇଁ ଆମ୍ବେଦକର ମତ ଅଧିକାର ଦେଲେ। ଯେଉଁମାନେ ଶିକ୍ଷା ସାମାଜିକ ପ୍ରାନ୍ତର ଓ ପ୍ରତିନିଧି ବ୍ୟବସ୍ଥାରୁ ବଞ୍ଚିତ ଥିଲେ, ସେମାନଙ୍କୁ ତାଙ୍କ ଜନସଂଖ୍ୟା ଅନୁପାତରେ ଭାଗ ଦାବି କରାଇଲେ। ଯିଏ ଯେଉଁ ଧର୍ମ ପାଳନ କରୁଛି, ସେଥିରେ ହସ୍ତକ୍ଷେପ ନକରି ସୁରକ୍ଷା ଦିଆଯାଉଛି। ରାଜନୈତିକ ନ୍ୟାୟ ନାଗରିକଙ୍କ ହାତରେ, କାରଣ ଧନୀ ଏବଂ ଶିକ୍ଷିତ ଲୋକଙ୍କର ଯେପରି ଗରିବ ଓ ଅଶିକ୍ଷିତ ନାଗରିକଙ୍କର ଗୋଟିଏ ଭୋଟ, କିନ୍ତୁ ଏମାନଙ୍କର ବି ଗୋଟିଏ ଭୋଟ ବୋଲି ସେମାନେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଆଶା ସଂଗଠନର ସାଧାରଣ ସମ୍ପାଦକ ମହେଶ ମିଶ୍ର, ଉପସଭାପତି ପ୍ରଭାତ କୁମାର ସ୍ୱାଇଁ, ତ୍ରିଲୋଚନ ରାଉତ ଓ ରବି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ର ଓ ରାଜ୍ୟ ବଜେଟ୍ ଲୋକାଭିମୁଖୀ : ପୁରୀ ସାଂସଦ

**ପୁରୀ, ନ୍ୟୁଜ ବ୍ୟୁରୋ**

ଚଳିତବର୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ବଜେଟ ଲୋକାଭିମୁଖୀ, ଲୋକପ୍ରିୟ ଓ ସବୁବର୍ଗର ଜନତାଙ୍କ ପାଇଁ ଆଦୃତ ହୋଇଛି ବୋଲି ପୁରୀ ସାଂସଦ ଡ.ସମ୍ବିତ ପାତ୍ର ମତବ୍ୟକ୍ତ କରିଛନ୍ତି । ଶନିବାର ପୂର୍ବାହ୍ନରେ ଚକ୍ରତୀର୍ଥ ରୋଡ ସ୍ଥିତ ସଂସ୍କୃତି ଭବନ ଠାରେ ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ହୋଇଥିଲା । ଏଥିରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସଂପଦ ସ୍ୱାଇଁ କହିଲେ ଡବଲ ଇଞ୍ଜିନି ସରକାରରେ କେନ୍ଦ୍ର ଓ ରାଜ୍ୟ ବଜେଟ ଐତିହାସିକ ଯୁଗାନ୍ତକାରୀ ବଜେଟ । ଓଡିଶାର ୫୮ଟି ସବ ଡିଭିଜନରେ ଶୀତଳଭଣ୍ଡାର ନିର୍ମାଣ କରାଯିବ । ପୁରୀ ଭୁବନେଶ୍ୱର ଓ ପାରାଦ୍ୱୀପକୁ ମିଶାଇ ବୃହତ ମହାନଗର ପରିକଳ୍ପନା କରାଯାଇଛି । ପୁରୀ ସହର ମଧ୍ୟ ଅତ୍ୟାଧୁନିକ ସହର ହେବ । ବକୁଳବନକୁ ଐତିହ୍ୟ ସ୍ଥଳି ଭାବେ ବିକଶିତ କରାଯିବ । ପୁରୀ ସାଂସଦ ଶ୍ରୀ ପାତ୍ର କହିଲେ, କେଉଁ ଦିଶାରେ ଦେଶ ଚାଲିବ ତାକୁ ଲକ୍ଷ୍ୟ କରି ମୋଦିଜୀଙ୍କ ଆଭିମୁଖ୍ୟ ଅନୁଯାଇ ବଜେଟ ଉପସ୍ଥାପନ କରାଯାଇଛି । ଏହା ଏକ ଜ୍ଞାନ ବଜେଟ । ଗରିବ, ଯୁବକ, ଅନ୍ନଦାତା ଓ ନାରୀଶକ୍ତି ବିକାଶ ପାଇଁ ବ୍ୟବସ୍ଥା ହୋଇଛି । ଏହି ବଜଟରେ ନିମ୍ନ ମଧ୍ୟମ ଓ ମଧ୍ୟମ ବର୍ଗଙ୍କ ପାଇଁ ଅନେକ ସୁବିଧା ସୁଯୋଗ ରହିଛି । ଆୟକର ଦାତାଙ୍କ ପାଇଁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟ୍ୟାକ୍ସ ଲାଗିବ ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲ୍ଲା ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରାଇ ସଭାପତିତ୍ୱ କରିଥିଲେ । ପୁରୀର ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ମଧୁସୂଦନ ସିଂହାରୀ ଯୋଗଦେଇ ବଜେଟ ସଂପର୍କରେ ମତ ଦେଇଥିଲେ ।

# ସମାଜ ସେବୀ ଲିଳାଦିତ୍ୟ ଦେବଙ୍କ ବିୟୋଗରେ ଶୋକସଭା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପବିତ୍ର ଆର୍ଯ୍ୟ ଯୋଗାଶ୍ରମଠାରେ ସମାଜସେବୀ, ପ୍ରତିଭା ବିକାଶ ସାଂସ୍କୃତିକ ପରିଷଦର ସଭାପତି ତଥା ବାମଡା ରାଜା ସ୍ୱର୍ଗତ ଜଳନ୍ଧର ଦେବଙ୍କ ସାନ ନାତି ଲିଳାଦିତ୍ୟ ଦେବଙ୍କର ବିୟୋଗରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଠାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଦେବ ଭୁବନେଶ୍ୱର ଠାରେ ଅବସ୍ଥାନ କରୁଥିଲେ। ସେ ବିଭିନ୍ନ ସାଂସ୍କୃତି ଓ ସାମାଜିକ ସଂଗଠନ ସହ ସଂପୃକ୍ତ ଥିଲେ। ପରବର୍ତ୍ତୀ ସମୟରେ ସେ କଲିକତା ଠାରେ କିଛିଦିନ ଧରି ରହିଥିଲେ। ଗତ ୨୦ତାରିଖ ଦିନ ସେଠାରେ ତାଙ୍କର ବିୟୋଗ ଘଟିଥିଲା। ତାଙ୍କ ନିକଟରେ ବଡପୁଅ ମନୋଜ କୁମାର ଦେବ, ସାନପୁଅ କପିଳ ଦେବ, ସାନଭାଇ ଶ୍ରବଣ କୁମାର ଦେବ, ତାଙ୍କର ଧର୍ମ ପତ୍ନୀ ବିମଳା ସିଂହ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଶୋକସଭାରେ ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ, ଅଧ୍ୟାପକ ଏମ୍ ରାଉତ, ରବିନାରାୟଣ ସିଂହ ଦେଓ, ପ୍ରତାପ ଚନ୍ଦ୍ର ରାଜ, ବିଜୟ କୁମାର ରାଜ, ଅଜିତ ମହାପାତ୍ର, ସଂଜିବ କୁମାର ନାୟକ, ରବିନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅଜୟ କୁମାର ମିଶ୍ର ଶୋକସଭାରେ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ଦେବଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ପଞ୍ଚାୟତ ସମିତି, ନୂଆଗାଁ, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା
At/ Po- Nuagaon, District- Sundargarh, State- Odisha
PIN- 770035, e-mail: ori-snuagaon@nic.in
i-518
Letter No: 495 Date: 27.02.2025
TENDER CALL NOTICE No-04/2024-25
Sealed Tenders are invited from the interested bidder for the civil work under BDO, Nuagaon of Sundargarh district. The detail of works eligibility, estimated cost, EMD, Cost of Tender paper has been uploaded in the district website www.sundargarh.odisha.gov.in. The bidder should be a "B" or "C" class contractor. They have to submit the bid document to the undersigned in the address of "Office of the B.D.O., Nuagaon, At/Po-Nuagaon, Pin-770035, Dist.-Sundargarh (Odisha)" through Registered Post/Speed Post only on or before 21/03/2025 (up to 05.00 PM). DTCN & other details can be downloaded from the Dist. website www.sundargarh.odisha.gov.in from 27/02/2025 to 13/03/2025. The authority reserves the right to cancel or reject the entire process without assigning any reason thereof. The tender will be opened on dt. 24/03/2025 at 11.00 AM in the Office of the undersigned in the presence of the bidders or his/her representatives.
Block Development Officer
Nuagaon
OIPR-19358/11/0005/2425

ଭୁବନେଶ୍ୱର
୦୨ ମାର୍ଚ୍ଚ,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ବେଣ୍ଟ ପୋଖରୀରେ ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

**ପୁରୀ, ୧/୩ ନ୍ୟୁଜ ବ୍ୟୁରୋ**



ମହାପ୍ରଭୁଙ୍କ ବେଣ୍ଟ ନୀତି ଶ୍ରୀଜଗନ୍ନାଥବଲ୍ଲଭ ପରିସରସ୍ଥିତ ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ମଙ୍ଗଳଆଳତି ସମାପନ ପରେ ମହାଜନ ସେବକ ଦକ୍ଷିଣଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହ ରତ୍ନ ସିଂହାସନ ନିକଟକୁ ଆଣିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକମାନେ ବେଣ୍ଟ (ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥବଲ୍ଲଭ ମଠରେ ବିଜେ କରାଇଥିଲେ। ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇବା ପରେ ବନ୍ଦାପନା ସମ୍ପନ୍ନ ହୋଇଥିଲା। ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନ ସେବକଙ୍କ ଦ୍ୱାରା ବେଣ୍ଟ ନୀତି ନିମନ୍ତେ ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଅଭିମନ୍ତ୍ରିତ କରି ଲେଙ୍କାସେବକ ବା ଦଳବେହେରାଙ୍କୁ ଦେଇଥିଲେ। ପରେ ଲେଙ୍କାସେବକ ପଇଡ଼ଗୁଡ଼ିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥିଲେ। ୬ଟି ପଇଡ଼ ମଧ୍ୟରୁ ଲେଙ୍କା ସେବକ ୫ଟି ପଇଡ଼ରେ ତୀର ମାରିଥିଲେ ଏବଂ ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହା ପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ମହାପ୍ରଭୁ।

ଭୁବନେଶ୍ୱର : ରବିନ୍ଦ୍ର ମଣ୍ଡପରେ ସୁଷମା ସଂଗୀତ ସଦନ ପକ୍ଷରୁ ଦୁଇ ଦିନ ଧରି ହେବାକୁ ଥିବା ୧୯ତମ ଗୁରୁ ପ୍ରଣାମ ଉତ୍ସବର ଉଦ୍‌ଘାଟନୀ ଦିବସକୁ ପ୍ରଦୀପ ଜାଳି ଉଦ୍‌ଘାଟନୀ କରୁଛନ୍ତି ମୁଖ୍ୟ ଅତିଥି ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର। ନିକଟରେ ଅଛନ୍ତି ଆଇଏଏସ୍ ପ୍ରଣବ ଜ୍ୟୋତି ନାଥ, ଗୁରୁ ଲକ୍ଷ୍ମୀକାନ୍ତ ପାଲିତ ଏବଂ ଗୁରୁ ରତିକାନ୍ତ ମହାପାତ୍ର। ଶାସ୍ତ୍ରୀୟ ସଂଗୀତ ସଂଧ୍ୟାରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତ ଗାୟନ କରୁଛନ୍ତି କଣ୍ଠଶିଳ୍ପୀ ବନ୍ଦିଶ ପାଲିତ। (ଫଟୋ : ସମ୍ବାଦ କଳିକା)





# ଜାତୀୟ ରାଜନୀତିରେ ବଢୁଛି ବୈଜୟନ୍ତଙ୍କ ପତିଆରା

**ଭୁବନେଶ୍ୱର, ୧।୩ ନ୍ୟୁଜ ବ୍ୟୁରୋ**




ଭାରତର ରାଜଧାନୀ ଦିଲ୍ଲୀରେ ଏବେ ଓଡ଼ିଆଙ୍କ ପ୍ରଭାବକୁ ନେଇ ଚର୍ଚ୍ଚା ଜୋର ଧରିଛି। ସମାନ ବିଷୟ ବର୍ତ୍ତମାନ ଓଡ଼ିଶାରେ ମଧ୍ୟ ଶୁଣିବାକୁ ମିଳିଲାଣି। ଦିଲ୍ଲୀରେ ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ଗୁରୁତ୍ୱ ବଢୁଥିବା ଲକ୍ଷ୍ୟ କରାଯାଇଛି। ଦିଲ୍ଲୀରେ ଭାଜପା ୨୭ବର୍ଷ ପରେ କ୍ଷମତାକୁ ଫେରିବା ପଛରେ ବୈଜୟନ୍ତଙ୍କ ରଣନୀତିକୁ ନେଇ ଚର୍ଚ୍ଚା ଜୋର ଧରିବା ପରେ ଏଭଳି ଆଲୋଚନା ଚାଲିଛି। ବୈଜୟନ୍ତ ଦିଲ୍ଲୀ ବିଧାନସଭା ନିର୍ବାଚନ ଦାୟିତ୍ୱରେ ଥିବାରୁ ତାଙ୍କ ପ୍ରତି ଦଳ ଏବେ ଅଧିକ ନିର୍ଭରଶୀଳ ଥିବା ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ଗତ ୨୦ ତାରିଖରେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଭାବେ ରେଖା ଗୁପ୍ତାଙ୍କ ଶପଥ ଗ୍ରହଣ ଉତ୍ସବରେ ବୈଜୟନ୍ତଙ୍କ ଉପସ୍ଥିତିକୁ ନେଇ ରାଜନୈତିକ ମହଲରେ ଆଲୋଚନା ଜୋର ଧରିଥଲା। ହେଲେ ପରବର୍ତ୍ତୀ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବୈଜୟନ୍ତଙ୍କୁ ଭେଟିବା ଲାଗି ତାଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନକୁ ଯାଇଥିଲେ। ଏବେ ବୈଜୟନ୍ତ ଦିଲ୍ଲୀ ରାଜନୀତିରେ ଅଧିକ ପ୍ରଭାବଶାଳୀ ପରିଲକ୍ଷିତ ହେଲେଣି ବୋଲି ରାଜନୈତିକ ବିଶାରଦମାନେ ମତ ରଖିବା ଆରମ୍ଭ କରିଦେଇଛନ୍ତି। ଏହି ଘଟଣା ପରଠାରୁ ଦିଲ୍ଲୀରେ ବୈଜୟନ୍ତଙ୍କ ପଲା ଭାରି ହେଉଥିବା ଲକ୍ଷ୍ୟ କରାଯାଉଛି। ଅନେକ ନେତା କଂଗ୍ରେସ ଓ ଆଞ୍ଚଳିକ ଦଳରୁ ଯାଇ ଭାଜପାରେ ନିଜର ନେତୃତ୍ୱ ବିକାଶ କରିପାରିଛନ୍ତି। ଭାଜପାରେ ନିଷ୍ଠାପର ଭାବେ କାର୍ଯ୍ୟକଲେ ପରବର୍ତ୍ତୀ ସମୟରେ ଅନ୍ୟ ଦଳରୁ ଆସିଥିଲେ ମଧ୍ୟ ନେତାଙ୍କ ସମ୍ମାନ ବୃଦ୍ଧି ହେଉଥିବା ପରିଲକ୍ଷିତ ହେଉଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହାର ଏକ ବଡ଼ ଉଦାହରଣ। କିଛିଦିନ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ନେତାମାନଙ୍କୁ ଦଳରେ ଗଢୁଥିବା ଦେଖିବାକୁ ମିଳୁଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କୌଣସି ରାଜନୈତିକ ଲିଗାସି ନ ଥିବା ନେତା ଭାବେ ପରିଗଣିତ। ତଥାପି ପ୍ରଧାନମନ୍ତ୍ରୀ ନୂଆ ନେତୃତ୍ୱ ସୃଷ୍ଟିରେ ବିଶ୍ୱାସ ରଖିବା ଯୋଗୁ ଏବେ କିଛି ନୂଆ ଚେହେରାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଯାଉଥିବା ଦେଖିବାକୁ ମିଳୁଛି।

## କିଟ୍‌ରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ

# କିସ୍‌କୁ ଟେଲିସ୍କୋପ୍ ଦାନ କଲେ ଜ୍ୟୋତିର୍ବିଜ୍ଞାନୀ ଡ. ଅଶ୍ୱିନ ଶେଖର


**ଭୁବନେଶ୍ୱର, ୧।୩ ନ୍ୟୁଜ ବ୍ୟୁରୋ**




କିଟ୍ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନରୱେର ପୂର୍ବତନ ମନ୍ତ୍ରୀ ତଥା କୁଟନୀତିଜ୍ଞ ଏରିକ୍ ସୋଲେମ୍ ଓ ଖ୍ୟାତି ସମ୍ପନ୍ନ ଜ୍ୟୋତିର୍ବିଜ୍ଞାନୀ ଡ. ଅଶ୍ୱିନ ଶେଖର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୋଲେମ୍ ତାଙ୍କ ଅଭିଭାଷଣରେ କିଟ୍ ଓ କିସ୍ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। କିଟ୍ ଓ କିସ୍ ଭଳି ଅନୁଷ୍ଠାନ ସାମାଜିକ ପରିବର୍ତ୍ତନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଯେତେବଡ଼ ଉଚ୍ଚ ସ୍ଥାନରେ ପହଞ୍ଚିଲେ ମଧ୍ୟ ସବୁବେଳେ ନମ୍ର ହେବାକୁ ଚେଷ୍ଟା କର। ଗ୍ରାମୀଣ ଓ ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତିକରଣରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ପ୍ରଶଂସା କରି ଡ. ଶେଖର କହିଲେ, ଡ. ସାମନ୍ତଙ୍କ ଏହି ପ୍ରୟାସ ଅତି ଉଚ୍ଚରେ ରହିଛି। ଏହି ଅବସରରେ ସେ କିସ୍‌କୁ ଏକ ଟେଲିସ୍କୋପ ଦାନ କରି କହିଲେ, ଆଜି ଭଳି ଦିନରେ ଏହି ଟେଲିସ୍କୋପ୍ ପାଇବା ପାଇଁ କିସ୍ ହେଉଛି ଯୋଗ୍ୟତମ ଅନୁଷ୍ଠାନ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଭାରତର ବୈଜ୍ଞାନିକ ପ୍ରଗତିର ସମୃଦ୍ଧ ଇତିହାସ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନକୁ ଛାତ୍ରଛାତ୍ରୀଙ୍କ ପାଇଁ ଆକର୍ଷଣୀୟ ଏବଂ ଉପଭୋଗ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ।

## ପୁରୀ ଜିଲ୍ଲାରେ ଧାରା-୩୦ ଲାଗୁ

# ବିନା ଅନୁମତିରେ ସଭା, ଶୋଭାଯାତ୍ରା ମନା





**ପୁରୀ, ୦୧।୩ ନ୍ୟୁଜ ବ୍ୟୁରୋ**

ପୁରୀରେ ପୋଲିସ ଆଇନ-୩୦ ଧାରା ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର। ପୋଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ଏହା ଫେବୃୟାରୀ ୨୬ ତାରିଖ ଠାରୁ ମେ' ମାସ ୨୬ ତାରିଖ ୯୦ ଦିନ ପର୍ଯ୍ୟନ୍ତ ଲାଗୁ କରାଯାଇଛି। ଜିଲ୍ଲାର ସମସ୍ତ ପୋଲିସ ଷ୍ଟେସନ ଅଞ୍ଚଳ, ପୁରୀ ମ୍ୟୁନିସିପାଲିଟି, ପିପିଲି, କୋଣାର୍କ ଓ ନିମାପଡା ଏନଏସି ଅଞ୍ଚଳରେ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ ବ୍ୟବହାରକୁ ବେଆଇନ ଘୋଷଣା କରାଯାଇଛି ବୋଲି ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ନବ ଦାସ ହତ୍ୟା ମାମଲା : ପୁଅ, ଝିଅଙ୍କୁ ହାଜର ହେବାକୁ କ୍ରାଇମବ୍ରାଞ୍ଚର ନୋଟିସ୍

**ଭୁବନେଶ୍ୱର ୦୧/୦୩ ନ୍ୟୁଜ ବ୍ୟୁରୋ**



ପୁଣି ଖୋଲିଲା ନବ ଦାସ ହତ୍ୟା ମାମଲା ଡାଏରୀ । ଝିଅ ଦୀପାଳି ଓ ପୁଅ ବିଶାଳଙ୍କୁ ନୋଟିସ କଲା କ୍ରାଇମବ୍ରାଞ୍ଚ । ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ହାଜର ହେବାକୁ ନୋଟିସ୍ ହୋଇଛି। ମାମଲାରେ କ୍ରାଇମବ୍ରାଞ୍ଚ ନିକଟରେ ପକ୍ଷ ରଖିବାକୁ ଉଭୟଙ୍କୁ ନୋଟିସ୍ ଦିଆଯାଇଛି। ନବଙ୍କ ହତ୍ୟାକୁ ନେଇ ଉଭୟଙ୍କ ବୟାନବାଜିକୁ ନେଇ ନୋଟିସ୍ କରିଛି କ୍ରାଇମବ୍ରାଞ୍ଚ। ମାମଲାରେ ଏବେ ଯାଏଁ କ୍ରାଇମବ୍ରାଞ୍ଚର ତଦନ୍ତ ସମାପ୍ତ ହୋଇନି। ଫାଇନାଲ ଚାର୍ଜସିଟ୍ ଦାଖଲ କରିନି କ୍ରାଇମବ୍ରାଞ୍ଚ। ନବ ଦାସ ହତ୍ୟା ମାମଲାରେ ପୁଣି ତନାଘନା କରିବ କ୍ରାଇମ୍‌ବ୍ରାଞ୍ଚ । ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସଙ୍କୁ ହାଜର ହେବା ପାଇଁ ନୋଟିସ୍ କରିଛି କ୍ରାଇମ୍‌ବ୍ରାଞ୍ଚ। ମାର୍ଚ୍ଚ ପ୍ରଥମ ସପ୍ତାହରେ କୌଣସି ଦିନ ହାଜର ହେବା ପାଇଁ ନୋଟସ୍ କରାଯାଇଛି । କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନେଇ କୌଣସି ଆପତ୍ତି ଥିଲେ ବା କିଛି କହିବାର ଥିଲେ ସେମାନେ ଜଣାଇପାରିବେ ବୋଲି କୁହାଯାଇଛି। ମାମଲାକୁ ସିବିଆଇ ତଦନ୍ତ କରୁ ବୋଲି ବୟାନବାଜି ଲାଗି ରହିଛି। ଏହାରି ଭିତରେ କ୍ରାଇମ୍‌ବ୍ରାଞ୍ଚ ନୋଟିସ୍ ଚର୍ଚ୍ଚାକୁ ଆହୁରି ବଢ଼ାଇ ଦେଇଛି। ତେବେ ଏହି ଘଟଣା ପରେ ବିଭିନ୍ନ ଆଡୁ ରାଜନୈତିକ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଏହି ଘଟଣାରେ ନବ ଦାସଙ୍କ ଝିଅ ଦୀପାଳି ଦାସ ସିବିଆଇ ତଦନ୍ତ ଦାବି କରିଥିଲେ। ସେ କହିଥିଲେ ମୁଁ ଚାହେଁ ଘଟଣାର ଉଚିତ ତଦନ୍ତ ହୋଇ ଆମ ପରିବାରକୁ ନ୍ୟାୟ ମିଳୁ। ଏଥିସହ ମୁଖ୍ୟମନ୍ତ୍ରୀ ମୋ ପରିବାର ସହ ଆଲୋଚନା କରନ୍ତୁ । ଏହି ଘଟଣାର ଉଚିତ ତଦନ୍ତ ହେଉ, ଆପଣାମାନଙ୍କୁ କହିରଖୁଛୁ ଏହି ଘଟଣା ଘଟିବାର ଦୁଇ ବର୍ଷ ପରେ ଏବେ ରାଜନୈତିକ ଝଡ ସହ ବୟାନବାଜି ତୀବ୍ର ଦେଖାଦେଇଛି। ସୂଚନା ଅନୁଯାୟୀ ଦୁଇ ବର୍ଷ ତଳେ ଅର୍ଥାତ ଜାନୁଆରୀ ୨୯, ୨୦୨୩ରେ ନବ ଦାସଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବା ବେଳେ ତାଙ୍କ ସୁରକ୍ଷାରେ ଥିବା ଏଏସଆଇ ଗୋପାଳ ଦାସ ତାଙ୍କୁ ଗୁଳି କରି ହତ୍ୟା କରିଥିଲା । ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲେ ତତ୍କାଳ ବିଜେଡି ସରକାର। ଯାହାକୁ ନେଇ ସିବିଆଇ ତଦନ୍ତ ଦାବି କରିଥିଲେ ସେ ସମୟରେ ବିରୋଧି । ହତ୍ୟାକାଣ୍ଡର ଦୁଇ ବର୍ଷ ପରେ ପୁଣି ସିବିଆଇ ତଦନ୍ତକୁ ନେଇ ଜୋର ଧରିଛି ରାଜନୀତି ।

# ଏଟିଏମ ଲୁଟ୍ ଘଟଣାରେ ୬ ଗିରଫ

## ଏକ ଲକ୍ଷ ୭୦ ହଜାର ଟଙ୍କା ଜବତ

**ଭୁବନେଶ୍ୱର, ୧।୩ ନ୍ୟୁଜ ବ୍ୟୁରୋ**

ଓଲ୍ଡ ଟାଉନ ଲିଙ୍ଗରାଜ ଅଞ୍ଚଳର ଶ୍ରୀରାମନଗରରେ ଏସବିଆଇ ଏଟିଏମ୍ ଲୁଟ ଘଟଣାର କମିସନରେଟ ପୋଲିସ ପର୍ଦ୍ଦାଫାସ କରିଛି। ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ନିକଟରୁ ଏକ ଲକ୍ଷ ୭୦ ହଜାର ଟଙ୍କା ପୋଲିସ ଜବତ୍ କରିଛି । ଏହି ଘଟଣାରେ ଜଡିତ ଅନ୍ୟ ୨ ଜଣ ପଶ୍ଚିମବଙ୍ଗ ଲୁଟେରା ଫେରାର ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବିକି ଓରଫ ଦେବୀ ପ୍ରସାଦ ମଲିଆ, କାହ୍ନା ଓରଫ ରମାକାନ୍ତ ସାହୁ, ସାଗର ସାମଲ, ବରୁ ଓରଫ ବୀରେନ ରାଉତ, ଆକାଶ ମହାପାତ୍ର ଏବଂ ଆକାଶ ମୁଖାର୍ଜୀ । ଗତ ୨୦୨୨ ମସିହାରେ ଧଉଳି ଅଞ୍ଚଳର ଏକ ଏଟିଏମ୍ ଲୁଟ ମାମଲାରେ ପଶ୍ଚିମବଙ୍ଗର ବିଜୁ ଓରଫ ଏସ କେ ମିର୍ଜୁମାନ ରେହମାନ ଓ ରୁସ୍ତମ୍ ଦୁହେଁ ସଂପୃକ୍ତ ରହିଥିଲେ। ସେମାନେ ଗତ ୨୫ ଡିସେମ୍ବର ୨୦୨୪ ମସିହାରୁ ଜେଲରୁ ବାହାରିଥିଲେ। ଜେଲରେ ଥିବା ବେଳେ ସ୍ଥାନୀୟ ଲୁଟେରାଙ୍କ ସହ ମିଶି ଏଟିଏମ ଲୁଟ୍ ପାଇ ଯୋଜନା କରିଥିଲେ। ଗତ ୨୪ ତାରିଖରେ ଶ୍ରୀରାମନଗର ଏଟିଏମ ଲୁଟ୍ କରିଥିଲେ। ଏଟିଏମ୍ ମେସିନରୁ ମିଳିଥିବା ସମୁଦାୟ ୨୧ ଲକ୍ଷ ୭୭ ହଜାର ଟଙ୍କାକୁ ଭାଗ ବଣ୍ଟା କରାଯାଇଥିଲା । ଅଭିଯୁକ୍ତ ବିକି ଓରଫ ଦେବିପ୍ରସାଦ ମଲିଆ ଲୁଟ୍ ଟଙ୍କାରେ ଘର ଡିଜାଇନ୍ ସହ ସୁନା ଚେନ କିଣିଥିଲା। ରାଉରକେଲାରୁ ଅଭିଯୁକ୍ତ ଆକାଶ ମୁଖାର୍ଜୀ ୩ ଲକ୍ଷ, ଅନ୍ୟ ଦୁଇ ଜଣ ଫେରାର କଲିକତାର ଅଭିଯୁକ୍ତ ୧୦ ଲକ୍ଷ ନେଇଥିଲେ । ଅନ୍ୟମାନେ ଏହାକୁ ଭାଗ କରି ନେଇଯାଇଥିଲେ। ଅଭିଯୁକ୍ତ ବିକି ଓରଫ ଦେବିପ୍ରସାଦ ମଲିଆ ଏକ ହତ୍ୟା କେସରେ ଝାରପଡ଼ା ଜେଲରେ ଥିଲା। ସେହି ସମୟରେ ଦୁଇ ଜଣ ପଶ୍ଚିମବଙ୍ଗ ଲୁଟେରାଙ୍କ ସହ ତା'ର ସମ୍ପର୍କ ହୋଇଥିଲା ।

# ରାଜ୍ୟରେ ଲାଗୁ ହେବ 'କଳିକା' ପଲିସି: କାମକୁ ଯିବେ ମହିଳା, ଶିଶୁଙ୍କ ଯତ୍ନ ନେବ କ୍ରେଚ୍

**ଭୁବନେଶ୍ୱର, ୦୧/୦୩ ନ୍ୟୁଜ ବ୍ୟୁରୋ**

କର୍ମଜୀବୀ ମହିଳାଙ୍କ ଶିଶୁ ଚିନ୍ତା ଦୂର କରିବେ ରାଜ୍ୟ ସରକାର । ରାଜ୍ୟରେ ପ୍ରଥମ ଥର ଆରମ୍ଭ ହେବାକୁ ଯାଉଛି ଶିଶୁ ଯତ୍ନ କେନ୍ଦ୍ର (କ୍ରେଚ୍) ଲାଗି କଳିକା ପଲିସି । ଏହାର ଡ୍ରାଫ୍ଟିଂ ସରିଥିବା ବେଳେ ଜନସାଧାରଣଙ୍କ ମତ ଲୋଡିଛି ମହିଳା ଓ ଶିଶୁ ବିକାଶ ବିଭାଗ । ରାଜ୍ୟର ସମସ୍ତ ସରକାରୀ, ବେସରକାରୀ କ୍ରେଚ୍ ଏହି ପଲିସି ଆଧାରରେ ପରିଚାଳିତ ହେବ । କର୍ମଜୀବୀ ମହିଳାଙ୍କୁ ସହଯୋଗ କରିବା, ଶିଶୁ ସୁରକ୍ଷା ଏବଂ ବିକାଶକୁ ସୁନିଶ୍ଚିତ କରିବା, ଅର୍ଥନୀତିରେ ମହିଳାଙ୍କ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ଏବଂ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷାକୁ ସହଜ କରିବା ଏହି ନୀତିର ମୂଳ ଉଦ୍ଦେଶ୍ୟ । ଏହା ଦ୍ୱାରା ପରିଚାଳିତ କ୍ରେଚ୍‌ଗୁଡିକରେ ୬ ମାସରୁ ୬ ବର୍ଷ ଶିଶୁଙ୍କ ଲାଳନପାଳନ ବ୍ୟବସ୍ଥା ଉପଲବ୍ଧ ହେବ । ଏଠାରେ ଶିଶୁମାନଙ୍କ ବାଲ୍ୟ ବିକାଶ, ଖାଦ୍ୟ, ଅଭିବୃଦ୍ଧି ମନିଟରିଂ, ନିଦ୍ରା ଓ ବିଶ୍ରାମ, ସ୍ୱାସ୍ଥ୍ୟ ଓ ସ୍ୱତନ୍ତ୍ର ଯତ୍ନ ପ୍ରଦାନ କରାଯିବ । କର୍ମଜୀବୀ ତଥା ଏକାକୀ ମା' ଓ ଅଭିଭାବକମାନେ ଏଠାରେ ନିଜର ଶିଶୁଙ୍କୁ ଚିନ୍ତାମୁକ୍ତ ହୋଇ ଛାଡିପାରିବେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଲୋକସେବା ଭବନ ପରିସରରେ ଏକ କ୍ରେଚ୍ ସେବା ଆରମ୍ଭ ହୋଇଥିଲା।



# ଓଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ

**ଭୁବନେଶ୍ୱର, ୧।୩ ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ପାଠ ପଢ଼ିବା ପାଇଁ ଛୁଟିରେ ଥିବା ୨୦୧୦ ଆଇଏଏସ୍ ଅଫିସର ମାନ୍‌ସୀ ନିମ୍ଭାଲଙ୍କୁ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହାସହ ତାଙ୍କୁ ଅତିରିକ୍ତ ଭାବେ ରାଜ୍ୟ ପର୍ଯ୍ୟଟନ, ଉନ୍ନୟନ କର୍ପୋରେଶନର ମ୍ୟାନେଜିଂ ଡାଇରେକ୍ଟର ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ସମର୍ଥ ବର୍ମାଙ୍କୁ ଟେକ୍ନିକାଲ୍ ଏଜୁକେଶନ ଆଣ୍ଡ ଟ୍ରେନିଂର ନିର୍ଦ୍ଦେଶକ ଏବଂ ଅତିରିକ୍ତ ଭାବେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଏମ୍‌ଡି ଭାବେ ଦାୟିତ୍ୱ ମିଳିଛି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଓଏଏସ୍ ଅଫିସର ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ଦିଆଯାଇଥିବାବେଳେ ପ୍ରବୀଣ କୁମାର ନାଏକଙ୍କୁ ଗଜପତି ଜିଲ୍ଲା ଏଡିଏମ୍, ସରୋଜ କୁମାର ସାହୁଙ୍କୁ ଅତିରିକ୍ତ ଏସ୍‌ଆରସି, ସୁଚାରୁ କୁମାର ବଳଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ସେହିଭଳି ୧୮ ଜଣ ଅନ୍ୟ ଓଏଏସ୍ ଅଫିସରମାନଙ୍କୁ ସରକାର ବିଭିନ୍ନ ପଦପଦବୀରେ ଅବସ୍ଥାପିତ କରିଛନ୍ତି।

# ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଶୁଖିଲାଣି ୪ ଜଳଭଣ୍ଡାର

**ଭଞ୍ଜନଗର, ୧/୩ ନ୍ୟୁଜ ବ୍ୟୁରୋ**



ଭଞ୍ଜନଗର ଜଳସମ୍ପଦ ବିଭାଜନ ଅଧୀନରେ ରହିଥିବା ୪ଟି ପ୍ରମୁଖ ଜଳଭଣ୍ଡାରରେ ବର୍ତ୍ତମାନ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଇଛି। ବିଗତ ୨ ବର୍ଷ ଧରି ଏହି ଜଳଭଣ୍ଡାରଗୁଡ଼ିକରେ ପାଣି ଅଭାବ। ଆଗାମୀ ଦିନରେ ଜଳକଷ୍ଟ ସାଙ୍ଗକୁ ଜଳସେଚନ ସହ ମତ୍ସ୍ୟଜୀବୀଙ୍କୁ ବିଶେଷ ମାତ୍ରାରେ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ଦୀର୍ଘ ବର୍ଷ ଧରି ଗ୍ରୀଷ୍ମ ପୂର୍ବରୁ ଫେବ୍ରୁୟାରୀରେ ଏଭଳି ଜଳସଙ୍କଟ କେବେ ଦେଖା ଯାଇନଥିଲା। କିଛି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସୂଚନା ଅନୁସାରେ, ୨ ବର୍ଷ ପୂର୍ବରୁ ଫେବ୍ରୁୟାରୀ-ମାର୍ଚ୍ଚ ବେଳକୁ ଜଳଭଣ୍ଡାର ଗୁଡ଼ିକରେ ପାଣି ପ୍ରାୟ ୫୦ ପ୍ରତିଶତରୁ ଅଧିକ ରହୁଥିଲା। ଗଲାବର୍ଷ ଏଥିରେ ପ୍ରଥମ ଥର ବ୍ୟତିକ୍ରମ ଦେଖାଗଲା। ଚଳିତ ବର୍ଷ ସ୍ଥିତି ସଙ୍ଗିନ ହେବାକୁ ଯାଉଛି। ଏହି ବିଭାଜନ ଭଞ୍ଜନଗର ସୋରଡ଼ା, ଡହ ଏବଂ ବାଘୁଆ ଜଳଭଣ୍ଡାରରୁ ଚାଷ ଜମିକୁ ଜଳସେଚନ କରାଯାଉଥିବା ବେଳେ ପାନୀୟ ଜଳ ପାଇଁ ମଧ୍ୟ ବ୍ୟବହାର କରାଯାଉଛି। ଏଥିସହ କେନାଲ ଦ୍ୱାରା ଯାଉଥିବା ପାଣିକୁ ମଧ୍ୟ ଲୋକମାନେ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। କିନ୍ତୁ ଚଳିତ ବର୍ଷ ଦୀର୍ଘଦିନ ଧରି ବର୍ଷା ଅଭାବ ଯୋଗୁ ସ୍ଥିତି ଗମ୍ଭୀର ହେବ ବୋଲି ଏବେଠାରୁ ଅନୁମାନ କରାଯାଉଛି। ଗ୍ରୀଷ୍ମର ପ୍ରକୋପ ମଧ୍ୟ ଆରମ୍ଭ ହୋଇଥିବାରୁ ଜଳଭଣ୍ଡାର ପାଣି ବାଷ୍ପୀଭୂତ ହୋଇ ଜଳସ୍ତର ହ୍ରାସ ପାଇବ। ଜିଲ୍ଲାର ଚାଷ ସହ ପାନୀୟ ଜଳ ଓ ଭୂତଳ ଜଳକୁ ନିୟନ୍ତ୍ରଣ କରୁଥିବା ୪ଟି ପ୍ରମୁଖ ଜଳଭଣ୍ଡାରରେ ପାଣି କମିବାରେ ଲାଗିଛି। ଗତବର୍ଷ ମଧ୍ୟ ଜଳସ୍ତର କମ ରହିଥିବା ବେଳେ ଚଳିତ ବର୍ଷ ଆହୁରି କମିଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭଞ୍ଜନଗର ଜଳଭଣ୍ଡାରର ଜଳଧାରଣ କ୍ଷମତା ୫୭୬୬ ହେକ୍ଟୋମିଟର ରହିଥିବା ବେଳେ ଗତବର୍ଷ ଏଠାରେ ୧୪୯୫ ହେକ୍ଟୋମିଟର ତଥା ୨୬ ପ୍ରତିଶତ ପାଣି ରହିଥିଲା। ଚଳିତ ବର୍ଷ ଏଠାରେ ୯୪୮.୩୬ ହେକ୍ଟୋମିଟର ପାଣି ରହିଛି। ସେହିପରି ସୋରଡ଼ା ଜଳଭଣ୍ଡାର କ୍ଷମତା ୪୯୭୫ ହେକ୍ଟୋମିଟର ରହିଥିବା ବେଳେ ଗତବର୍ଷ ପ୍ରାୟ ୨୯ ପ୍ରତିଶତ ଅର୍ଥାତ୍ ୧୪୮୫ ହେକ୍ଟୋମିଟର ପାଣି ରହିଥିବା ବେଳେ ଚଳିତ ବର୍ଷ ୧୨୯୯.୪୯ ହେକ୍ଟୋମିଟର ପାଣି ରହିଛି। ଡହ ଜଳଭଣ୍ଡାରରେ ୨୧୯୫ ହେକ୍ଟୋମିଟର ଜଳଧାରଣ କ୍ଷମତା ରହିଥିବା ବେଳେ ଗତବର୍ଷ ୨୨ ପ୍ରତିଶତ ଅର୍ଥାତ୍ ୪୯୧.୦୦ ହେକ୍ଟୋମିଟର ପାଣି ରହିଥିଲା। ଚଳିତବର୍ଷ ୨୧୮ ହେକ୍ଟୋମିଟର ପାଣି ରହିଛି। ସେହିପରି ବୁଗୁଡ଼ା ଠାରେ ଥିବା ବାଘୁଆ ଜଳଭଣ୍ଡାରରେ ୩୧୦୦ ହେକ୍ଟୋମିଟର ଜଳଧାରଣ କ୍ଷମତା ରହିଥିବା ବେଳେ ଗତବର୍ଷ ଏଠାରେ ୧୪ ପ୍ରତିଶତ ଅର୍ଥାତ୍ ୪୫୪.୭୩ ହେକ୍ଟୋମିଟର ପାଣି ରହିଥିଲା। ଚଳିତ ବର୍ଷ ୨୬୪.୫୩ ହେକ୍ଟୋମିଟର ଜଳ ରହିଥିବା ଜଣାପଡିଛି। ବର୍ଷା ନଥିବାରୁ ଜଳଭଣ୍ଡାରଗୁଡ଼ିକ ଶୁଖିବାକୁ ଲାଗିଥିବା ବେଳେ ନଦୀନାଳଗୁଡ଼ିକର ଜଳସ୍ତର ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଫଳରେ ଆଗକୁ ପିଇବା ପାଣି ସମସ୍ୟା ମଧ୍ୟ ମୁଣ୍ଡ ଟେକିବ।